



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-346 ♦BHUBANESWAR ♦SATURDAY ♦14 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୪୬ ♦ଭୁବନେଶ୍ୱର ♦ଶନିବାର ♦୧୪ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଇରାନ ଉପରେ ଇସ୍ରାଏଲ୍‌ର ପ୍ରଚଣ୍ଡ ଆକ୍ରମଣ

# ମଧ୍ୟପ୍ରାଚ୍ୟ ଥରହର



- ୩୩୦ ବୋମାବର୍ଷା କଲେ ୨୦୦ ଲଢୁଆ ବିମାନ
- ପରମାଣୁ କେନ୍ଦ୍ର ସମେତ ୬ ସାମରିକ ଠିକଣା ଧ୍ୱଂସ
- ଇରାନର ୨୦ ପ୍ରମୁଖ ସେନା କମାଣ୍ଡର ନିହତ
- ୬ ପ୍ରମୁଖ ପରମାଣୁ ଓ ସାମରିକ ବୈଜ୍ଞାନିକ ମୃତ
- ଇସ୍ରାଏଲ ଉପରେ ଇରାନ୍‌ର ଶହେରୁ ଊର୍ଦ୍ଧ୍ୱ ଡ୍ରୋନ ମାଡ଼
- ପରମାଣୁ ଚୁକ୍ତି ନ କଲେ ବଡ଼ଧରଣର ଆକ୍ରମଣ: ଟ୍ରମ୍ପ
- ଆମେରିକାର ଚେତାବନୀକୁ ଇରାନ୍‌ର ବେଖାତିର୍

■ **ତେହରାନ, ୧୩।୬ (ଏଜେନ୍ସି):** ଶୁକ୍ରବାର ପ୍ରତ୍ୟୁଷରେ ମଧ୍ୟପ୍ରାଚ୍ୟରେ ଅପ୍ରତ୍ୟାଶିତ ଘଟଣା ଘଟିଛି। ଏହା ପୁଣି ଯୁଦ୍ଧର ନିଆଁକୁ କୁହୁଳାଇ ଦେଇଛି। ଦୁଇ ଦୁଇଟି ଯୁଦ୍ଧ ଲାଗି ରହିଥିବାବେଳେ ପୃଥିବୀକୁ ଆଉ ଏକ ଯୁଦ୍ଧର କଳାବାଦଲ ଘେରି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀର ଦିନକ ପରେ ମଧ୍ୟପ୍ରାଚ୍ୟ ଥରି ଉଠିଛି। ଇରାନ ଉପରେ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ ପରେ ଏହି ଭୟାବହ ସ୍ଥିତି ସୃଷ୍ଟି ହୋଇଛି। ଅପରେସନ 'ରାଇଜିଂ ଲାୟନ' ଅଧିନରେ ଭାରତୀୟ ସମୟ ୫ଟା ୧୫ରେ ୨୦୦ରୁ ଅଧିକ ଲଢୁଆ ବିମାନ ଇରାନରେ ଜୋରଦାର ଏୟାର ଷ୍ଟ୍ରାଇକ କରିଛି। ଇରାନର ୧୨ଟି ପ୍ରଦେଶର ୬ଟି ସାମରିକ ଠିକଣାକୁ ନିଶାଣ କରି ବୋମାବର୍ଷା କରାଯାଇଛି। ୩୩୦ରୁ ଅଧିକ ବୋମାମାଡ଼ରେ ଇରାନ ଥରି ଉଠିଛି। ଆକ୍ରମଣ ଏତେ ଭୟାବହ ଥିଲା ଯେ ରାତିରେ ଦିନର ଭ୍ରମ ସୃଷ୍ଟି ହୋଇଛି। ଏହି ବିଧ୍ୱଂସକ ଆକ୍ରମଣରେ ୪ଟି ପରମାଣୁ କେନ୍ଦ୍ର, ବାଲିଷ୍ଟିକ କ୍ଷେପଣାସ୍ତ୍ର ମହଜୁଦ କେନ୍ଦ୍ର ସମେତ ୬ଟି ସାମରିକ ଠିକଣା ଧ୍ୱଂସ ହୋଇଯାଇଛି। ଏହି ଆକ୍ରମଣ ଇରାନ ପାଇଁ କାଳ ପାଲଟି ଯାଇଛି। ବିପୁଳ କ୍ଷୟକ୍ଷତି ହୋଇଛି। ଯାହାକୁ ଭରଣା କରିବା ଇରାନ ପକ୍ଷେ ସମ୍ଭବ ହେବନାହିଁ। ଏହି ଏୟାର ଷ୍ଟ୍ରାଇକରେ ୯୬ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ୫୦୦ରୁ ଅଧିକ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମୃତକଙ୍କ ମଧ୍ୟରେ ଇରାନ ରିଭୋଲ୍ୟୁସନାରୀ ଗାର୍ଡ କ୍ରପ୍ସ (ଆଇଆରଜିସି) ମୁଖ୍ୟ ତଥା ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇଙ୍କ ଘନିଷ୍ଠ ଜେନେରାଲ ହୋସେନ ସଲାମୀ, ସଶସ୍ତ୍ର ବାହିନୀ ମୁଖ୍ୟ ମହମ୍ମଦ ବାଘେରୀଙ୍କ ସମେତ ୨୦ ପ୍ରମୁଖ କମାଣ୍ଡରଙ୍କ ଜୀବନ ଯାଇଛି। ୬ ଜଣ ପ୍ରମୁଖ ପରମାଣୁ ଏବଂ ସାମରିକ ବୈଜ୍ଞାନିକ ମଧ୍ୟ ପ୍ରାଣ ହରାଇଛନ୍ତି। ଇସ୍ରାଏଲର ଏହି ଆକ୍ରମଣ ଇରାନର ପରମାଣୁ କାର୍ଯ୍ୟକ୍ରମ ପାଇଁ ଶକ୍ତ ଝଟ୍‌କା ସାବ୍ୟସ୍ତ ହୋଇଛି।



ଏହି ଆକ୍ରମଣ ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ଚରମରେ ପହଞ୍ଚାଇ ଦେଇଛି। ଏହାକୁ ନେଇ ଇରାନ ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ଇସ୍ରାଏଲକୁ ଚେତାବନୀ

▶ପୃଷ୍ଠା-୭

**ଅହମଦାବାଦ ବିମାନ ଦୁର୍ଘଟଣା** | ଦରପୋଡ଼ା ଶବ ଦେଖି ଠକିଯାଉଛି ଆଖି

# ଶବାଗାରରେ ଆତ୍ମୀୟ ଖୋଜା



## ୨୭୦ ମୃତଦେହ ଉଦ୍ଧାର

## ଚିହ୍ନଟ ହୋଇପାରୁନି ୨୬୩

■ **ଅହମଦାବାଦ, ୧୩।୬ (ଏଜେନ୍ସି):** ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଏହି ଭୟଙ୍କର ଦୁର୍ଘଟଣାରୁ କେବଳ ଜଣେ ମାତ୍ର ରୋଗୀ ଜୀବିତ ବଞ୍ଚି ଯାଇଛନ୍ତି। ଏହି ବିମାନରେ ୧୨ କ୍ରୁ ସଦସ୍ୟଙ୍କ ସମେତ ୨୪୨ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଏମାନଙ୍କ ମଧ୍ୟରେ ରାଜସ୍ଥାନର ୧୩ ଜଣ, ମଧ୍ୟପ୍ରଦେଶ, ହରିୟାଣା ଏବଂ ବିହାରର ଜଣେ ଲେଖାଏଁ ସାମିଲ ଅଛନ୍ତି। ଏ ପର୍ଯ୍ୟନ୍ତ ଘଟଣାସ୍ଥଳରୁ ୨୭୦ ମୃତଦେହ ଉଦ୍ଧାର କରାଗଲାଣି। ମାତ୍ର ମୃତଦେହ ଚିହ୍ନଟ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ସମସ୍ତ ମୃତଦେହ ଜଳି ଯାଇଥିବାରୁ ଏହାକୁ ଚିହ୍ନଟ କରିବା କଷ୍ଟସାଧ ହୋଇପଡ଼ିଛି। ସେହିପରି ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀଙ୍କ ମୃତଦେହ ବି ଚିହ୍ନଟ ହୋଇପାରି ନାହିଁ। ମୃତକଙ୍କୁ ଚିହ୍ନଟ ଲାଗି ତାଙ୍କ ପରିବାର ସଦସ୍ୟଙ୍କ ଡିଏନ୍‌ଏ ପରୀକ୍ଷା କରାଯାଉଛି। ଏହାର ରିପୋର୍ଟ ଆସିବା ପରେ ୭ ଜଣଙ୍କୁ ଚିହ୍ନଟ କରାଯାଇ ପରିବାର ସଦସ୍ୟଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ୨୨୦ ଜଣଙ୍କ ଡିଏନଏ ନମୁନା ସଂଗ୍ରହ କରାଯାଇଛି। ଅହମଦାବାଦ ହସ୍ପିଟାଲ ବାହାରେ ମୃତକଙ୍କ ସମ୍ପର୍କୀୟଙ୍କ ଗହଳି ଲାଗି ରହିଛି। ନିଜ ସମ୍ପର୍କୀୟଙ୍କୁ ଚିହ୍ନଟ କରିବା ପାଇଁ ସେମାନେ ଦିନରାତି ଚାହିଁ ରହିଛନ୍ତି।

ଏହି ବିମାନ ଦୁର୍ଘଟଣାର ଯାଞ୍ଚରେ ୮ଟି ଏଜେନ୍ସି ଲାଗିଛି। ଏଗୁଡିକ ମଧ୍ୟରେ ଗୁଜରାଟ ପୁଲିସ, ଏନଆଇଏ, ଏଏଆଇବି, ଡାଇରେକ୍ଟୋରେଟ ଜେନେରାଲ ଅଫ୍ ସିଭିଲ ଆଭିଏସନ (ଡିଜିସିଏ), ୟୁନାଇଟେଡ କିଙ୍ଗଡମ ଏୟାର ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ରାଞ୍ଚ (ୟୁକେ-ଏଏଆଇବି), ମିଳିତ ଜାତିସଂଘର ନ୍ୟାସନାଲ ଟ୍ରାନ୍ସପୋର୍ଟେସନ ସେଫ୍ଟି ବୋର୍ଡ (ଏନଟିଏସବି), ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ସାମିଲ ରହିଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଘଟଣାସ୍ଥଳ ଗସ୍ତ କରିଛନ୍ତି। ସେ ଆହତଙ୍କୁ ଭେଟିଛନ୍ତି।

## ହଷ୍ଟେଲ୍ ଛାତରୁ ମିଳିଲା ବ୍ଲାକ୍ ବକ୍ସ

■ **ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି):** ଅହମଦାବାଦ୍ ବିମାନ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୨୬୫ଜଣ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦୁର୍ଘଟଣାର କାରଣ ନେଇ ଏପର୍ଯ୍ୟନ୍ତ କିଛି ସୂଚନା ମିଳି ନ ଥିବା ବେଳେ ବିମାନର ବ୍ଲାକ ବକ୍ସ ବା ଡିଜିଟାଲ ଫ୍ଲାଇଟ୍ ଡାଟା ରେକର୍ଡର (ଡିଏଫ୍‌ଡିଆର) ମେଡିକାଲ କଲେଜ୍ ହଷ୍ଟେଲ ଛାତ ଉପରୁ ମିଳିଛି ବୋଲି ଶୁକ୍ରବାର ଏୟାର କ୍ରାଫ୍ଟ ଆକସିଡେଣ୍ଟ ବ୍ୟୁରୋ (ଏଏଆଇବି) ସୂଚନା ଦେଇଛି। ବ୍ଲାକ୍ ବକ୍ସ ମିଳିବା ପରେ ଖୁବ୍‌ଶୀଘ୍ର ବିମାନର ଦୁର୍ଘଟଣାର କାରଣ ସମ୍ପର୍କରେ ସୂଚନା ମିଳି ପାରିବ ବୋଲି ଆଶା କରାଯାଉଛି।

## ମହିଳା ଜନଜାଗରଣ ସମାବେଶରେ ସରକାରଙ୍କୁ ବିଜେଡିର ନିଶାଣ

# ଓଡ଼ିଶାରେ ମହିଳା ଅସୁରକ୍ଷିତ

- ଏକ ବର୍ଷରେ ଦୁଷ୍କର୍ମ, ଅପହରଣ, ହତ୍ୟାରେ ଅହେତୁକ ବୃଦ୍ଧି
- କ୍ଷୁଣ୍ଣ ହୋଇଛି ରାଜ୍ୟର ୭୦ଲକ୍ଷ ମହିଳାଙ୍କ ଆର୍ଥିକ ସ୍ୱାଧୀନତା
- ସୁଭଦ୍ରାରେ ଦିନକୁ ୨୭ ଟଙ୍କା ମହିଳାଙ୍କ ସ୍ୱାଭିମାନଙ୍କୁ ପରିହାସ



■ **ଯାଜପୁର, ୧୩।୬ (ସମିସ):** ଗତ ଏକ ବର୍ଷରେ ରାଜ୍ୟର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ବିଫଳତାକୁ ନେଇ ବର୍ଷିଛି ବିଜେଡି। ଯାଜପୁରର ବରୁଆଁଠାରେ ଏକ ବିଶାଳ ମହିଳା ଜନ ଜାଗରଣ ଅଭିଯାନରେ ବିଜେଡି ରାଜ୍ୟରେ ବର୍ଦ୍ଧିତ ମହିଳା ବିରୋଧୀ ହିଂସା, ମହିଳାଙ୍କ ପ୍ରତି ଅନ୍ୟାୟ, ପ୍ରତିଶ୍ରୁତି ପାଳନରେ ସରକାରଙ୍କ ବିଫଳତା ଓ ସୁଭଦ୍ରା ସହାୟତା ପରିହାସକୁ ଲୋକଙ୍କ ପାଖରେ ପହଞ୍ଚାଇଛନ୍ତି।

ଦଳର ବରିଷ୍ଠ ନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଗତ ଏକ ବର୍ଷରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇଛି। ପ୍ରତିଦିନ ମହିଳାମାନେ ଦୁଷ୍କର୍ମ, ଅପହରଣ, ହତ୍ୟା, ଯୌନ ନିର୍ଯାତନାର ଶିକାର ହେଉଥିବାର ଖବର ପ୍ରତିଦିନ ଗଣମାଧ୍ୟମରେ ଶିରୋନାମା ପାଲଟୁଛି। ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହାଛଡା ନବୀନ ସରକାରଙ୍କ ସମୟରେ ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ହୋଇଥିବା ୭୦ ଲକ୍ଷ ମହିଳା ମାନେ ଯେଉଁ ଅର୍ଥନୈତିକ ସ୍ୱାଧୀନତା ହାସଲ ହାସଲ କରିଥିଲେ, ତାହା ଆଜି ସରକାରଙ୍କ ଉଦାସୀନତା ଯୋଗୁ ବିପଦରେ ପଡିଛି। ରାଜ୍ୟ ସରକାର ମିଶନଶକ୍ତିର ଏସ୍‌ଏଚ୍‌ଜି ଗୁଡିକୁ ଅଣଦେଖା କରିବା ଯୋଗୁଁ ସ୍ୱାବଲମ୍ବୀ ମହିଳାମାନେ ଆଜି ସମ୍ମାନରୁ ବଞ୍ଚିତ ହୋଇଛନ୍ତି। ସୁଭଦ୍ରା ଯୋଜନାରେ ଦୁଇ ବର୍ଷରେ ପଚାଶ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ଏବେ ଦୈନିକ ୨୭ଟଙ୍କା ହିସାବରେ ଛଅ ମାସକୁ ୫ ହଜାର ଦେଇ ସରକାର ପରିହାସ କରିଛନ୍ତି।

▶ପୃଷ୍ଠା-୭

# ଓଡ଼ିଆ 'ଅସ୍ମିତା'ର ଝାଡ଼ଖଣ୍ଡୀ ପ୍ରୀତି

## ଓଡ଼ିଶା ସାରା ବୁଲୁଛି ଝାଡ଼ଖଣ୍ଡ ଓ ଛତିଶଗଡ଼ର 'ବିକାଶ ବାହନ'




■ **ଭୁବନେଶ୍ୱର, ୧୩।୬ (ସମିସ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସାରା ରାଜ୍ୟରେ ବୁଲୁଛି 'ବିକାଶ ବାହନ'। ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି ଏହି ବିକାଶ ବାହନ ଜରିଆରେ ରାଜ୍ୟ ସାରା ପ୍ରଚାର କରାଯାଉଛି। ଗେରୁଆ ରଙ୍ଗରେ ସୁସଜ୍ଜିତ ଗାଡ଼ିରେ ସରକାରୀ ଯୋଜନାଗୁଡ଼ିକର ପ୍ରଚାର କରାଯାଉଛି ଓ ଖୋଦ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ଗାଡ଼ିରେ ଲଗାଯାଇଛି। ମାଇକ୍ ଜରିଆରେ ସରକାରଙ୍କ ତଥାକଥିତ ବିକାଶର ରେକର୍ଡ଼ ଗୁଣଗାନ କରାଯାଉଛି। ମାତ୍ର ବିଡ଼ମ୍ବନା ହେଉଛି ରାଜଧାନୀ ଭୁବନେଶ୍ୱର ସହ ରାଜ୍ୟର କୋଣ ଅନୁକୋଣରେ ଘୁରୁଥିବା ପ୍ରାୟତଃ ସବୁ ଗାଡ଼ି ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ଭଡ଼ାରେ ଅଣା ଯାଇଛି। ଗୋଟିଏ ପଟେ ବିଜେପି ଓ ରାଜ୍ୟ ସରକାର ନିଜକୁ ଓଡ଼ିଆ ଅସ୍ମିତାର ଧ୍ୱଜାଧାରୀ ବୋଲି ଘୋଷି ହେଉଛନ୍ତି, ଓଡ଼ିଆ ଲୋକଙ୍କ ନିଯୁକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ ବୋଲି କହୁଛନ୍ତି; ଅନ୍ୟପକ୍ଷରେ ସରକାରଙ୍କ ପ୍ରଚାର ପାଇଁ ଓଡ଼ିଆ ଗାଡ଼ି ମାଲିକଙ୍କ ପରିବର୍ତ୍ତେ ଝାଡ଼ଖଣ୍ଡ ଓ ଛତିଶଗଡ଼

**ଗାଡ଼ି ବୁଲା ଖର୍ଚ୍ଚ ଦିନକୁ ୨୫ ଲକ୍ଷ**

▶ପୃଷ୍ଠା-୭


DADLS-31



**ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ପର୍ବ । ଆମ ଓଡ଼ିଆ ସଂସ୍କୃତିର ଏକ ନିଚ୍ଛକ ମହାନ୍ ପର୍ବ । ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଚାଷୀକୁଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0697/2526


### ସମୀକ୍ଷା ବୈଠକରୁ ଆସିଲା ସାଂଘାତିକ ତଥ୍ୟ

## ଯାଜପୁର, ଭଦ୍ରକରେ ହଇଜା

- ନମୁନା ପରୀକ୍ଷଣରୁ କଲେରା ଜୀବଣୁ ଠାବ
- ଦୁଇ ଜିଲ୍ଲାରେ ୬୨୨ ଚିକିତ୍ସିତ, ୧୧ ମୃତ
- ବିଭିନ୍ନ ହୋଟେଲ, ଢାବା ଉପରେ ଚଢ଼ଉ
- ସରକାରୀ କର୍ମଚାରୀଙ୍କ ରଜ ଛୁଟି ବାତିଲ

■ **ଯାଜପୁର, ୧୩।୬ (ସମିସ):** ଯାଜପୁର ଓ ଭଦ୍ରକ ଜିଲ୍ଲାରେ ଝାଡ଼ାବାନ୍ତିରେ ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଥିବାବେଳେ ସରକରୀ ସମୀକ୍ଷା ବୈଠକରୁ ସାଂଘାତିକ ତଥ୍ୟ ସାମ୍‌ନାକୁ ଆସିଛି। ଯାଜପୁର ଓ ଭଦ୍ରକ ଜିଲ୍ଲାରୁ ସଂଗୃହୀତ ମଳ ନମୁନା ପରୀକ୍ଷଣରୁ ହଇଜା (କଲେରା) ଜୀବାଣୁ ଠାବ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜଳବାହିତ ରୋଗ ନିରାକରଣ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇ

▶ପୃଷ୍ଠା-୭

# ହୋଟେଲରେ ନାବାଳିକାକୁ ତିନି ଦିନ ଧରି ଗଣଦୁଷ୍କର୍ମ




■ **ପୁରୀ, ୧୩।୬ (ସମିସ):** ପୁରୀରେ ଲଜ୍ଜା। ଜଣେ ୧୪ ବର୍ଷର ନାବାଳିକାକୁ ୩ ଦିନ ଧରି ଏକ ହୋଟେଲରେ ରଖି ଗଣଦୁଷ୍କର୍ମ କରିଛନ୍ତି ୩ ଯୁବକ। ଶୁକ୍ରବାର ସମୁଦ୍ରକୂଳ ଥାନା ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଲିନୋଳିଆ ଉପରସାହିର ଲେଙ୍କା ସୁନୀଲ ବେହେରା, ଗୌଡ଼ବାଡ଼ ସାହିର ଏଲ୍. ରାଜା ବେହେରା ଏବଂ ବି. ଗୌରାଙ୍ଗ ବେହେରା। ଶନିବାର ଅଭିଯୁକ୍ତମାନଙ୍କ ଡାକ୍ତରୀପରୀକ୍ଷା ପରେ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ମାନସ ଚକ୍ର କହିଛନ୍ତି।

ସୂଚନାନୁଯାୟୀ, ଗତ ୭ ତାରିଖ ଅପରାହ୍ଣରେ ନାବାଳିକା ପୁରୀ ହୋଟେଲ ନିକଟରେ ବୁଲୁଥିଲେ। ଏହି ସମୟରେ ତାକୁ ଜଳଖିଆ ଖାଇବାକୁ ଡାକି ଅଭିଯୁକ୍ତ ଲେଙ୍କା ସୁନୀଲ ବଳିଆପଣ୍ଡାସ୍ଥିତ ଏକ ହୋଟେଲକୁ ନେଇ ଯାଇଥିଲା। ସେଠାରେ ସେ ତା' ଦୁଇ ସାଙ୍ଗ ଏଲ୍. ରାଜା, ବି. ଗୌରାଙ୍ଗ ନାବାଳିକାକୁ ୩ ଦିନ ରଖି ଗଣଦୁଷ୍କର୍ମ କରିଥିଲେ। ୯

▶ପୃଷ୍ଠା-୭

# ଇରାନ ଉପରେ କାହିଁକି ଆକ୍ରମଣ କଲା ଇସ୍ରାଏଲ

ତେଲ ଆଭିଭ, ୧୩।୬ (ଏଜେନ୍ସି): ଇସ୍ରାଏଲ ପାହାନ୍ତିଆରେ ଆକ୍ରମଣ କରି ଇରାନକୁ ଦୋହଲାଇ ଦେଇଛି। ଏହି ଆକ୍ରମଣକୁ ଏଭଳି ଭାବେ ଗୋପନୀୟ ରଖା ଯାଇଥିଲା ଯେ ତାହାର ଟିକିଏ ହେଲେ ବି ସୂଚନା ଇରାନ ପାଇପାରି ନ ଥିଲା। କିନ୍ତୁ ଆମେରିକାକୁ ପ୍ରଥମେ ଜଣାଇ ଦିଆଯାଇଥିଲା। ପୂର୍ବରୁ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଇରାନକୁ ଧମକ ଦେଇ ଚାଲିଥିଲେ। ପରମାଣୁ ଚୁକ୍ତି ନ କଲେ ବଡ଼ ପରିଣତି ଭୋଗିବ ବୋଲି ଚେତାଇ ଦେଇଥିଲା। ଏହା ପରେ ଇସ୍ରାଏଲ ଇରାନର ପରମାଣୁ କେନ୍ଦ୍ର, କ୍ଷେପଣାସ୍ତ୍ର ମହଜୁଦ କେନ୍ଦ୍ର ଏବଂ ପ୍ରମୁଖ ନେତୃତ୍ୱଙ୍କୁ ନିଶାଣ କରି ଆକ୍ରମଣ କରିଥିଲା। କେହି କିଛି ବୁଝିବା ଆଗରୁ ଆଇଡିଏଫର ଲଢୁଆ ବିମାନ ରାମ, ସୌଫା, ଏବଂ ଏଡିଆର ଆଦି ଧ୍ୱଂସଲୀଳା ରଚି ଫେରି ଆସିଥିଲା। ଏବେ ଇସ୍ରାଏଲକୁ ଏହି ଅଭିଯାନ କରିବାର କ'ଣ ଆବଶ୍ୟକତା ପଡ଼ିଲା ବୋଲି ପ୍ରଶ୍ନ ଉଠୁଛି। ଏହା ପଛରେ ଇରାନ ପରମାଣୁ କାର୍ଯ୍ୟକ୍ରମ ବଡ଼ କାରଣ ରହିଛି। ଗତ ଫେବୃଆରୀରୁ ଆମେରିକା ଗୁଇନ୍ଦା ଏଜେନ୍ସି ସତର୍କ କରି ଆସୁଥିଲା। ଇରାନ ଆଣବିକ କାର୍ଯ୍ୟକ୍ରମ ସହ ଜଡ଼ିତ ଏକାଧିକ ପ୍ରତିଷ୍ଠାନ ଉପରେ ଇସ୍ରାଏଲ ଆକ୍ରମଣ କରିପାରେ ବୋଲି କୁହାଯାଇଥିଲା। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ



ଇରାନକୁ ପୂର୍ବରୁ ଅନେକ ଥର ଧମକ ଦେଇଥିଲେ।

କିଛି ଦିନ ତଳେ ଆମେରିକା ଗୁଇନ୍ଦା ରିପୋର୍ଟରେ କୁହାଯାଇଥିଲା ଯେ ଅକ୍ଟୋବରରେ ମିସାଇଲ ଉତ୍ପାଦନ କେନ୍ଦ୍ର ଓ ଏୟାର ଡିଫେନ୍ସ ସିଷ୍ଟମ ଉପରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଇସ୍ରାଏଲ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛି। ଇରାନରେ କ୍ଷମତା ପରିବର୍ତ୍ତନ କରି ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ମଧ୍ୟ ଇସ୍ରାଏଲ ଚାହୁଁଥିବା କୁହାଯାଇଥିଲା। ଆଜି ଇସ୍ରାଏଲ ଏହାକୁ ସତ କରି ଦେଖାଇଛି। ଯଦି ଇରାନ ଆଣବିକ ବୋମା ପାଇଯାଏ ତେବେ ତେଲ ଆଭିଭ ସବୁଠାରୁ ଅଧିକ କ୍ଷତି ସହିବ ବୋଲି ଇସ୍ରାଏଲ କହି ଆସୁଥିଲା। କାରଣ ଇରାନ ଇସ୍ରାଏଲର ଦୃଢ଼ ବିରୋଧୀ। ଇସ୍ରାଏଲକୁ ନିପାତ କରିବା ପାଇଁ ଇରାନ ଚାହୁଁଛି। ଦୀର୍ଘ ଦଶନ୍ଧି ଧରି ଇସ୍ରାଏଲ ବିରୋଧରେ ଛାୟା ଯୁଦ୍ଧ ଚଳାଇଛି। ହମାସ, ହୁତି ବିଦ୍ରୋହୀ ଏବଂ ହିଜବୁଲ୍ଲା ମାଧ୍ୟମରେ ଇସ୍ରାଏଲ ଉପରେ ଆକ୍ରମଣ ଜାରି ରଖିଛି। ଏହି ଆତଙ୍କବାଦୀ ଗୋଷ୍ଠୀ ଗୁଡିକୁ ଇରାନ ସହାୟତା ଦେଉଛି। ଗାଜାରେ ଇସ୍ରାଏଲ ଆକ୍ରମଣ ପରଠାରୁ ଏହି ସଂଗଠନ ଗୁଡ଼ିକ ପାଲେଷ୍ଟାଇନ ସମର୍ଥନରେ ବାହାରିଛନ୍ତି। ସେମାନେ ଇସ୍ରାଏଲ ବିରୋଧରେ ନିଜର ଆକ୍ରମଣକୁ ଜୋରଦାର କରିଛନ୍ତି।

ଅନ୍ୟପକ୍ଷରେ ମିଳିତ ଜାତିସଂଘର ଆଣବିକ ୱାଚଡଗ ଗୁରୁବାର ଗୋଟିଏ ସଂକଳ୍ପ ପାରିତ କରିଥିଲା। ଏଥିରେ ଇରାନ ନିଜର ଆଣବିକ ନିରସ୍ତ୍ରୀକରଣ ଚୁକ୍ତିକୁ ଉଲ୍ଲଙ୍ଘନ କରିବା ସ୍ଥିତିରେ ରହିଛି ବୋଲି କୁହାଯାଇଥିଲା। ଏହାର ଜବାବରେ ଇରାନ ଆଣବିକ କାର୍ଯ୍ୟକ୍ରମକୁ ବିସ୍ତାର କରିବାକୁ ଘୋଷଣା କରିଥିଲା। ଇରାନ ପରମାଣୁ କାର୍ଯ୍ୟକ୍ରମକୁ ଜୋରଦାର କରିବାରୁ ଇସ୍ରାଏଲ ଆକ୍ରମଣ କରିଥିଲା। ସବୁ ରାସ୍ତା ବନ୍ଦ ହୋଇ ଯାଇଥଇବାରୁ ବାଧ୍ୟବାଧକତାରେ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ଇସ୍ରାଏଲ ବିଦେଶମନ୍ତ୍ରୀ ଗିଦୋନ ସାର୍ କହିଛନ୍ତି। ଇରାନ ଅଟକିବାକୁ ଚାହୁଁ ନ ଥିଲା। ତେଣୁ ତାକୁ ରୋକିବାର ଆବଶ୍ୟକତା ଥିଲା।

## ଅହମଦାବାଦ ଦୁର୍ଘଟଣା

### ଜୀବନ ହରାଇଲେ ଭାଇ-ଭଉଣୀ



ଉଦୟପୁର, ୧୩।୬(ଏଜେନ୍ସି): ରାଜସ୍ଥାନର ଉଦୟପୁରର ମାର୍ବଲ ବ୍ୟବସାୟୀ ସଞ୍ଜୀବ ମୋଦୀଙ୍କ ପୁଅ ଶୁଭ ଓ ଝିଅ ସଗୁନ୍ ଲଣ୍ଡନ ବୁଲିବାକୁ ଯାଉଥିଲେ। କିନ୍ତୁ ଏମାନଙ୍କର ଏହି ଯାତ୍ରା ଥିଲା ଶେଷଯାତ୍ରା। ଭାଇ- ଭଉଣୀ ଏମ୍‌ବିଏ କରିବା ପରେ ପିତାଙ୍କ ବ୍ୟବସାୟ ସମ୍ଭାଳୁଥିଲେ। ଦୁର୍ଘଟଣା ବିଷୟରେ ଜାଣିବା ପରେ ସଞ୍ଜୀବ ଅହମଦାବାଦ ଯାଇଛନ୍ତି। ସ୍ଥାନୀୟ ସହେଲୀ ନଗରସ୍ଥିତ ତାଙ୍କ ବାସଭବନକୁ ଉଦୟପୁର ଜିଲ୍ଲା କଲେକ୍ଟର ନମିତ ମେହେତା ଯାଇ ଘଟଣା ସଂକ୍ରାନ୍ତରେ ତାଙ୍କୁ ଓ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ଏହାପରେ ଆଖପାଖ ପଡୋଶୀ ମଧ୍ୟ ସେଠାରେ ପହଞ୍ଚିବାକୁ ଲାଗିଥିଲେ। ସେଠାରେ ଏବେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

### ପତ୍ନୀଙ୍କ ଅନ୍ତିମ ସଂସ୍କାର କରିବାକୁ ଆସିଥିଲେ, କିନ୍ତୁ...



ସୁରଟ, ୧୩।୬(ଏଜେନ୍ସି): ମୂଳତଃ ସୁରଟ ରହୁଥିବା ଅର୍ଜୁନ ପଟୋଲିଆ ପତ୍ନୀ ଓ ଦୁଇ ଝିଅଙ୍କ ସହ ୨୦୦୯ରୁ ଲଣ୍ଡନରେ ରହିଆସୁଥିଲେ। ସେ ଲଣ୍ଡରେ ଏକ ବଡ଼ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୩ ବର୍ଷ ହେବ ତାଙ୍କ ପତ୍ନୀ ସର୍ଭାଇକାଲ କ୍ୟାନ୍ସରରେ ପୀଡିତ ଥିଲେ। ଗତ ମେ ୨୩ରେ ପତ୍ନୀଙ୍କ ପରଲୋକ ହୋଇଥିଲା। ଲଣ୍ଡନରେ ତାଙ୍କ ଅନ୍ତିମ ସଂସ୍କାର ହୋଇଥିଲା। କିନ୍ତୁ ଅନ୍ତିମ ସଂସ୍କାର ପରେ ସେ କେତୋଟି ରୀତିନୀତି ପାଳନ କରିବାକୁ ସୁରତ ଆସିଥିଲେ। ଏହାକୁ ପୂରଣ କରି ଅର୍ଜୁନ ଲଣ୍ଡନ ଫେରୁଥିଲେ। କିନ୍ତୁ ତାଙ୍କର ଏହି ଯାତ୍ରା ମହାଯାତ୍ରାରେ ପରିଣତ ହୋଇଥିଲା।

### ବାନ୍ଧବୀଙ୍କ ସହ ନେଲେ ଶେଷ ନିଶ୍ୱାସ



ଅହମଦାବାଦ, ୧୩।୬(ଏଜେନ୍ସି): ବିମାନ ଦୁର୍ଘଟଣାରେ ଆଉ ଏକ ଦୁଃଖଦ ଖବରକୁ ନେଇ ଗୁଜରାଟରେ ଚର୍ଚ୍ଚା ହେଉଛି। ବିବାହ କରିବାକୁ ଯାଉଥିବା ଏକ ଯୋଡି ଏହି ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଗୁଜରାଟର ଗଢ଼ଡା ତାଲୁକାର ଅଡତଲା ଗାଁରେ ରହୁଥିବା ୨୭ ବର୍ଷୀୟ ହାର୍ଦ୍ଦିକ ଦେବରାଜଭାଇ ଲଣ୍ଡନରେ ଆମାଜନରେ ଚାକିରି କରୁଥିଲେ। ସେ ଗତ ଦୁଇବର୍ଷ ହେବ ଲଣ୍ଡନରେ ରହୁଥିଲେ। ଲଣ୍ଡନରେ ରହୁଥିବା ବିଭୂତୀଙ୍କର ଗୋଟିଏ ମାସ ପୂର୍ବରୁ ନିର୍ବନ୍ଧ ହୋଇଥିଲା। ଏଥିପାଇଁ ରିତୀନୀତି ପାଳନ କରିବାକୁ ଦୁହେଁ ଗାଁକୁ ଆସିଥିଲେ। ଗୁରବାର ଦୁହେଁ ବିମାନରେ ଲଣ୍ଡନ ଫେରୁଥିଲେ। କିନ୍ତୁ ଦୁହେଁ ସାଥି ହୋଇ ଶେଷ ନିଶ୍ୱାସ ନେଇଥିଲେ।

### ଏମ୍‌ବିବିଏସ୍ ଆଡମିସନ କରିବାକୁ ଲଣ୍ଡନ ଯାଉଥିଲେ ପାୟଲ



ଅହମଦାବାଦ, ୧୩।୬ (ଏଜେନ୍ସି): ପିଲାଟି ବେଳୁ ଡାକ୍ତର ହେବାର ସ୍ୱପ୍ନ ଦେଖୁଥିଲେ ପାୟଲ ଖଟିକ୍। ଲଣ୍ଡନର ଏକ ପ୍ରତିଷ୍ଠିତ କଲେଜ୍‌ରେ ସେ ଏମ୍‌ବିବିଏସ୍‌ରେ ଆଡମିସନ କରିବାକୁ ଯାତ୍ରା କରିଥିଲେ। ସେ ପରିବାର ସହିତ ଗୁଜରାଟ ହିମତ ନଗରରେ ରହୁଥିଲେ। କିନ୍ତୁ ମୂଳତଃ ସେ ଉଦୟପୁର ଜିଲ୍ଲାର ଗୋଗୁଁନ୍ଦାରେ ପୂର୍ବରୁ ରହୁଥିଲେ। ପଢ଼ିବାକୁ ତାଙ୍କର ଜବରଦସ୍ତ ଉତ୍ସାହ ଥିଲା। ଏହା ମଧ୍ୟ ତାଙ୍କର ପ୍ରଥମ ବିଦେଶ ଗସ୍ତ ଥିଲା। କିନ୍ତୁ ସେ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

## ଆକ୍ରମଣରେ କିଏ ହରାଇଛନ୍ତି ପ୍ରାଣ

ତେହରାନ, ୧୩।୬ (ଏଜେନ୍ସି): ଇସ୍ରାଏଲ ଆକ୍ରମଣରେ ଇରାନ ସେନାର ବହୁ ଉଚ୍ଚ ପଦରେ ଥିବା ଅଧିକାରୀ ପ୍ରାଣ ହରାଇଛନ୍ତି। ପ୍ରତି ଆକ୍ରମଣକୁ ଦେଖି ଇସ୍ରାଏଲ ନିଜ ଦେଶରେ ଏମର୍ଜେନ୍ସି ଜାରି କରିଛି। ସଂରକ୍ଷିତ ସେନାକୁ ମୁତୟନ ଆରମ୍ଭ କରିଛି। ସେନାକୁ ସତର୍କ କରି ରଖିଛି। ଇସ୍ରାଏଲ ଆଜି ତେହରାନ ସ୍ଥିତ ଇରାନ ରିଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି)ର ମୁଖ୍ୟାଳୟକୁ ନିଶାଣ କରି ଆକ୍ରମଣ କରିଥିଲା। ଏଥିରେ ଆଇଆରଜିସି ମୁଖ୍ୟ ତଥା ସବୁଠାରୁ କ୍ଷମତାଶାଳୀ ବ୍ୟକ୍ତି ଜେନେରାଲ ହୋସେନ ସଲାମୀ ପ୍ରାଣ ହରାଇଛନ୍ତି। ସେ ୨୦୧୯ ଠାରୁ ଏହି ପଦରେ ରହିଥିଲେ। ଏହି ଅଭିଯାନରେ ମେଜର ଜେନେରାଲ ମହମ୍ମଦ ବାଘେରୀ ମଧ୍ୟ ନିହତ ହୋଇଛନ୍ତି। ସେ ସଶସ୍ତ୍ର ବାହିନୀର ମୁଖ୍ୟ ଥିଲେ। ସର୍ବୋଚ୍ଚ ନେତା ଖାମନେଇଙ୍କ ପରେ ସେ ଦ୍ୱିତୀୟ କ୍ଷମତା କେନ୍ଦ୍ର ଥିଲେ। ସେହିପରି ଖତମ ଏଲ- ଅନବିୟାର ମୁଖ୍ୟାଳୟରେ ହୋଇଥିବା ଆକ୍ରମଣରେ ଜେନେରାଲ ଘୋଲମ ଅଲି ରସିଦ ନିହତ ହୋଇଛନ୍ତି। ବାୟୁସେନା ମୁଖ୍ୟ ଅମିର ଅଲ୍ଲି ହାଜିଜାଦେହ ଏବଂ ପୂର୍ବତନ ଆଇଆରଜିସି କମାଣ୍ଡର ଅଲି ସାମଖାନୀ ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେହିପରି ୬ ପରମାଣୁ ବୈଜ୍ଞାନିକଙ୍କ ଜୀବନ ମଧ୍ୟ ଯାଇଛି। ଏମାନଙ୍କ ମଧ୍ୟରେ ଅବଦୋଲହମିତ ମିନୋଚେହର, ଅହମଦରେଜା ଜୋଲଫାଘରି, ଅମିରହୋସେନ ଫେକି, ମୋତାଲେବିଲଜେଦହ, ମହମ୍ମଦ ମେହଦି ତେହରାଞ୍ଚି ଏବଂ ଫେରେଦୋନ ଅବାସି ସାମିଲ ଅଛନ୍ତି।

## ଇରାନକୁ ଟ୍ରମ୍ପଙ୍କ ଧମକ

ୱାଶିଂଟନ, ୧୩।୬(ଏଜେନ୍ସି): ପରମାଣୁ ଚୁକ୍ତିରେ ସ୍ୱାକ୍ଷର କରିବାକୁ ଆମେରିକା ଇରାନକୁ ଖୋଲାଖୋଲି ଭାବେ କହିଛି। ଇସ୍ରାଏଲ୍ ପାଖରେ ବିପଜ୍ଜନକ ଓ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ରହିଛି। ତେଣୁ ଚୁକ୍ତିରେ ସ୍ୱାକ୍ଷର ନକଲେ ଇରାନ ଭୟଙ୍କର ପରିଣାମ ଭୋଗିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ଇରାନରେ ଯେଉଁମାନେ ଏହି ଚୁକ୍ତିକୁ ବିରୋଧ କରୁଥିଲେ, ସେମାନେ ସମସ୍ତେ ଇସ୍ରାଏଲ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ତେଣୁ ଏବେ ମଧ୍ୟ ଇରାନ ପାଖରେ ସୁଯୋଗ ରହିଛି ବୋଲି ଟ୍ରମ୍ପ ଏକ ପୋଷ୍ଟରେ ଉଲ୍ଲେଖ କରି ଏହି କଥା କହିଛନ୍ତି। ଆମେରିକାରେ ସବୁଠାରୁ ଘାତକ ତଥା ବିପଜ୍ଜନକ ଅସ୍ତ୍ରଶସ୍ତ୍ର ନିର୍ମାଣ କରାଯାଉଛି। ଇସ୍ରାଏଲ ପାଖରେ ବିପୁଳ ପରିମାଣରେ ଏହି ଅସ୍ତ୍ରଶସ୍ତ୍ର ରହିଛି।

## ଇରାନ ହାତ ଛାଡ଼ିଦେଲା ହିଜବୁଲ୍ଲା

ତେହରାନ, ୧୩।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ଚରମରେ ପହଞ୍ଚିଛି। ପରମାଣୁ ଠିକଣାରେ ଇସ୍ରାଏଲ ଏୟାର ଷ୍ଟ୍ରାଇକ ପରେ ଲେବାନନ ଇରାନକୁ ବଡ଼ ଝଟ୍‌କା ଦେଇଛି। ଆତଙ୍କବାଦୀ ସଂଗଠନ ହିଜବୁଲ୍ଲା ଇରାନର ହାତ ଛାଡ଼ି ଦେଇଛି। ଲେବାନନ ସରକାରଙ୍କ ତାଗିଦ ଯୋଗୁଁ ଏପରି ହୋଇଛି। ଦେଶକୁ ଯୁଦ୍ଧ ମଧ୍ୟକୁ ଠେଲି ଦିଆଯିବ ନାହିଁ ବୋଲି ଲେବାନନ ସରକାର ସ୍ପଷ୍ଟ କରିଦେଇଛନ୍ତି। ଏହା ସହିତ ହିଜବୁଲ୍ଲାକୁ ମଧ୍ୟ ଚେତାବନୀ ଦେଇଛନ୍ତି। ଇରାନ ସପକ୍ଷରେ ଯାଇ ଇସ୍ରାଏଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ହିଜବୁଲ୍ଲାକୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣତଃ ପ୍ରତ୍ୟେକ ସ୍ଥିତିରେ ହିଜବୁଲ୍ଲା ଇରାନକୁ ସମର୍ଥନ ଦେଇଥାଏ। କିନ୍ତୁ ଚଳିତ ଥର ସ୍ଥିତି ବଦଳି ଯାଇଛି। ସାଉଦି ନ୍ୟୁଜ ଆଉଟଲେଟ୍ 'ଅଲ-ଅରବିୟା' ରିପୋର୍ଟ ଅନୁଯାୟୀ ଲେବାନନ ସରକାର ହିଜବୁଲ୍ଲାଙ୍କୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ଏବେ ସଂଗଠନ ନିଜ ଇଚ୍ଛା ଅନୁଯାୟୀ ନିଷ୍ପତ୍ତି ନେଇପାରିବ ନାହିଁ। ଏବେ ସେହି ସମୟ ଚାଲି ଯାଇଛି। ଆଉ ନିଜେ ନିଷ୍ପତ୍ତି ନେଇ ଦେଶକୁ ଯୁଦ୍ଧ ମଧ୍ୟକୁ ଠେଲିପାରିବ ନାହିଁ। ଏବେ ଯଦି ହିଜବୁଲ୍ଲା ଆକ୍ରମଣ କରିବ ତେବେ ସାରା ଦେଶକୁ ଏହାର ଫଳ ଭୋଗିବାକୁ ପଡ଼ିବ।



ଲେବାନନ ସରକାରଙ୍କ ଏହି ନିର୍ଦ୍ଦେଶ ପଛରେ ଇସ୍ରାଏଲ ଆକ୍ରମଣର ଭୟ ରହିଛି। ହିଜବୁଲ୍ଲା ଆକ୍ରମଣ କଲେ ଇସ୍ରାଏଲ ବେରୁତ ଏବଂ ଦକ୍ଷିଣ ଲେବାନନର ଅନେକ ଅଞ୍ଚଳକୁ ନିଶାଣ କରିପାରେ। ପୂର୍ବରୁ ଇସ୍ରାଏଲ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଛି। ଏଭଳି ସ୍ଥିତିରେ ସରକାର କୌଣସି ବିପଦକୁ ଆମନ୍ତ୍ରଣ ଦେବାକୁ ଚାହୁଁନାହାନ୍ତି। ଅନ୍ୟପଟେ ଲେବାନନ ଆର୍ଥିକ ଏବଂ ରାଜନୈତିକ ସଙ୍କଟ ଦେଇ ମଧ୍ୟ ଗତି କରୁଛି। ଦରଦାମ ବୃଦ୍ଧି, ବେକାରୀ, ସରକାରରେ ଅସ୍ଥିରତା ମଧ୍ୟରେ ସାମରିକ ସଂଘର୍ଷ ହେଲେ ସ୍ଥିତି ଅଧିକ ଉତ୍କଟ ହୋଇଯିବାର ସମ୍ଭାବନା ରହିଛି। ତେଣୁ ସରକାର ଭାବିଚିନ୍ତି ଏପରି ନିଷ୍ପତ୍ତି ନେଇଛନ୍ତି। ଏହା ମଧ୍ୟରେ ହିଜବୁଲ୍ଲା ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିଛି। ଏହାକୁ ବିପଜ୍ଜନକ ପଦକ୍ଷେପ କହିଛି। ଆମେରିକା ସମର୍ଥନରେ ଇସ୍ରାଏଲ ସୀମା ପାର କରିଦେଇଥିବା କୁହାଯାଇଛି। ଇସ୍ରାଏଲର ଏହି ପଦକ୍ଷେପ ଦ୍ୱାରା ଶାନ୍ତି ଏବଂ ସ୍ଥିରତା ପାଇଁ ଚାଲିଥିବା ପ୍ରୟାସ ପ୍ରଭାବିତ ହୋଇଛି। ତେବେ ଏହାର ଜବାବରେ ଇସ୍ରାଏଲ ଉପରେ କୌଣସି ଆକ୍ରମଣ କରାଯିବ ନାହିଁ ବୋଲି ହିଜବୁଲ୍ଲା ସ୍ପଷ୍ଟ କରିଦେଇଛି।

## ଦୁର୍ଘଟଣା ବେଳେ ତାପମାତ୍ରା ୧, ୦୦୦ ଡିଗ୍ରୀ ଥିଲା



ନୂଆଦିଲ୍ଲୀ, ୧୩।୬(ଏଜେନ୍ସି): ଟେକ୍ ଅଫ୍‌ର ମାତ୍ର ୩୦ ସେକେଣ୍ଡ ମଧ୍ୟରେ ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଦୁର୍ଘଟଣା ବେଳେ ବିମାନର ତାପମାତ୍ର ୧, ୦୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌କୁ ବୃଦ୍ଧି ପାଇଥିଲା। ବିମାନରେ ସେତେବେଳେ ୧.୨୫ ଲକ୍ଷ ଲିଟର ଇନ୍ଧନ ରହିଥିଲା। ଏହି ଇନ୍ଧନ ଜଳିବା ଫଳରେ ତାପମାତ୍ରରେ ଜବରଦସ୍ତ ବୃଦ୍ଧି ହୋଇଥିଲା। ଫଳରେ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଥାନ୍ତି। ଏପରିକି ଦୁର୍ଘଟଣା ସ୍ଥଳରେ ପକ୍ଷୀ ଓ କୁକୁର ଭଳି ଜୀବ ମଧ୍ୟ ବଞ୍ଚି ପାରି ନଥିଲେ। ଇନ୍ଧନ ଜଳିବା ଫଳରେ କାହାକୁ ଉଦ୍ଧାର କରିବା ଅସମ୍ଭବ ଥିଲା ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। ମୃତ ଦେହଗୁଡିକ ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିବା ବେଳେ, ସେଗୁଡିକୁ ଚିହ୍ନଟ କରିବାକୁ ଏବେ ଡିଏନ୍‌ଏ ଟେଷ୍ଟ କରିବାକୁ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ସ୍ଥାନୀୟ ସିଭିଲ ହସ୍ପିଟାଲକୁ ୨୭୦ଟି ମୃତଦେହ ଅଣାଯାଇଥିବା ବେଳେ କେତେ ସଂଖ୍ୟାରେ ଲୋକ ମରିଛନ୍ତି ସେ ନେଇ କିଛି କୁହାଯାଇନାହିଁ।

## ଉଡ଼ାଣ ପୂର୍ବରୁ ବୋଇଂ ୭୮୭ର ଯାଞ୍ଚ ହେବ: ଡିଜିସିଏ

ନୂଆଦିଲ୍ଲୀ, ୧୩।୬(ଏଜେନ୍ସି): ଏଥର ଉଡାଣ ପୂର୍ବରୁ ବୋଇଂ ୭୮୭ର ଯାଞ୍ଚ ହେବ। ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏସନ (ଡିଜିସିଏ) ଶୁକ୍ରବାର ଏ ନେଇ ଆଦେଶ ଦେଇଛି। ଉଡାଣ ପୂର୍ବରୁ ୭୮୭ ଡ୍ରିମ୍‌ଲାଇନର ସୁରକ୍ଷା ଯାଞ୍ଚ୍ ହେବ ବୋଲି କୁହାଯାଇଛି। ବୋଇଂ ୭୮୭-୮ ଓ ୭୮୭-୯ ବିମାନର ପ୍ରତ୍ୟେକ ଉଡାଣ ପୂର୍ବରୁ କଡ଼ାକଡ଼ି ଯାଞ୍ଚ୍ ହେବ ବୋଲି ସ୍ପଷ୍ଟ କରାଯାଇଛି। ସବୁ ଯାଞ୍ଚ ରିପୋର୍ଟ ଡିଜିସିଏକୁ ପ୍ରଦାନ କରାଯିବ। ସେହିପରି ଏୟାର ଇଣ୍ଡିଆର ଜେନଏକ୍ସ ଇଞ୍ଜିନ ବାଲା ବୋଇଂ ୭୮୭-୮ ଓ ୭୮୭-୯ ବିମାନର ଅତିରିକ୍ତ ପରିଚାଳନା ତଥା ମେଣ୍ଟେନାନ୍ସ ପାଇଁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଡିଜିସିଏର ଏହି ଆଦେଶ ତଥା ନିର୍ଦ୍ଦେଶ ଜୁନ୍ ୧୫ରୁ ଲାଗୁ ହେବ। ଟାଟା ଗ୍ରୁପ୍‌ର ଏୟାର ଇଣ୍ଡିଆ ପାଖରେ ୨୬ଟି ୭୮୭-୮ ଓ ୭ଟି ୭୮୭-୯ ବିମାନ ରହିଛି। ଉଡାଣ ପୂର୍ବରୁ ଖାସ୍ କରି ୯ଟି ଗୁରୁତ୍ୱପୂର୍ଣ୍ଣ ଯାଞ୍ଚ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବଞ୍ଚିଯାଇଥିବା ଏକ ମାତ୍ର ଯାତ୍ରୀ ରମେଶଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ଅହମଦାବାଦ୍, ୧୩।୬(ଏଜେନ୍ସି): ବିମାନ ଦୁର୍ଘଟଣାରେ ବର୍ତ୍ତିଯାଇଥିବା ଏକାମାତ୍ର ଭାଗ୍ୟବାନ ଯାତ୍ରୀ ରମେଶ ବିଶ୍ୱାସ କୁମାରଙ୍କୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମୋଦୀ ଶୁକ୍ରବାର ସିଭିଲ ହସ୍ପିଟାଲ ଯାଇ ତାଙ୍କୁ ଭେଟିଛନ୍ତି। ଉଭୟ ୧୦ ମିନିଟ ଧରି କଥା ହୋଇଥିଲେ। ମୋଦୀ ତାଙ୍କ ହାଲଚାଲ୍ ପଚାରି ବୁଝିଥିଲେ। ବିମାନରେ ରମେଶ ୧୧ଏ ସିଟ୍‌ରେ ବସିଥିଲେ। ଦୁର୍ଘଟଣା ପରେ ସେ ଘଟଣାସ୍ଥଳରୁ ଚାଲିଚାଲି ବାହାରକୁ ଆସିଥିଲେ। ମୋଦୀ ତାଙ୍କୁ କିପରି ଦୁର୍ଘଟଣା ହୋଇଥିଲା ବୋଲି ପଚାରିଥିଲେ। ବଞ୍ଚିଛି ବୋଲି ନିଜକୁ ବିଶ୍ୱାସ କରିପାରୁ ନାହିଁ ବୋଲି ରମେଶ କହିଥିଲେ। ସମ୍ପୂର୍ଣ୍ଣ ଦୁର୍ଘଟଣା ମୋ ଆଖି ସାମ୍ନାରେ ଘଟିଥିଲା। ମୋ ସିଟ୍ ବିମାନର ଯେଉଁ ଅଂଶରେ ଥିଲା ତାହା ବିଲ୍ଡିଂର ନିମ୍ନ ଭାଗରେ ମାଡ୍ ହୋଇଥିଲା। ବିମାନର ଉପର ଅଂଶରେ ନିଆଁ ଲାଗିଥିଲା। ଏଥିରେ ବହୁ ଲୋକ ଫସିଯାଇଥିଲେ। ବୋଧେ ମୁଁ ସିଟ ସହିତ ତଳକୁ ଖସି ପଡ଼ିଥିଲି ଓ ଯେମିତ ହେଉ ବାହାରିବାକୁ ଚେଷ୍ଟା କରିଥିଲି। ମୋ ଆଖି ସମ୍ନାରେ ଦୁଇଜଣ ଏୟାର



ହଷ୍ଟେସ ଓ ଜଣେ ଅଙ୍କଲ ଓ ଆଣ୍ଟି ଜଳିଯାଉଥିଲେ ବୋଲି ରମେଶ କହିଛନ୍ତି। ସେ ଏହି ଦୁର୍ଘଟଣାର ବଞ୍ଚିବା ଏକ ବଡ଼ ଚମତ୍କାର ବୋଲି କୁହାଯାଇପାରେ।

## ବୋଇଂ ୭୮୭-୮ ଉଡ଼ାଣକୁ ବନ୍ଦ କରିପାରେ ଭାରତ

ନୂଆଦିଲ୍ଲୀ, ୧୩।୬(ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ କେନ୍ଦ୍ର ସରକାର ବୋଇଂ ୭୮୭-୮ ବିମାନର ଉଡାଣ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ସମ୍ଭାବନା ସୃଷ୍ଟି ହୋଇଛି। ସରକାର ଏହି ବିମାନର ଉଡାଣକୁ ବନ୍ଦ କରିପାରନ୍ତି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ସୁରକ୍ଷା ନେଇ ବିଶ୍ଳେଷଣ କରିବାକୁ ଆମେରିକାର ଏହି ବିମାନ କମ୍ପାନୀ ସହ ଭାରତ ଖୁବ୍‌ଶୀଘ୍ର ଆଲୋଚନା କରିବ। କେବଳ ସେତିକ ନୁହଁ ଏୟାର ଇଣ୍ଡିଆ ମଧ୍ୟ ନିଜର ବିମାନ ସଞ୍ଚାଳନ ପ୍ରକ୍ରିୟା ଓ ମାନ ନେଇ ଯାଞ୍ଚର ସମ୍ମୁଖୀନ ହେବ ବୋଲି କୁହାଯାଇଛି। ସେପଟେ ଏହି ଘଟଣା ନେଇ ବୋଇଂ ଏୟାର ଇଣ୍ଡିଆ ସହ ଯୋଗାଯୋଗ କରିଛି। ଏୟାର ଇଣ୍ଡିଆକୁ ସବୁପ୍ରକାର ସହାୟତା ଯୋଗାଇଦେବାକୁ ବୋଇଂ ପ୍ରସ୍ତୁତ ଅଛି ବୋଲି କହିଛି। ଯାତ୍ରୀ, କ୍ରିୟୁ ମେମ୍ବରଙ୍କ ସୁରକ୍ଷାକୁ ଆମେ ସବୁବେଳେ ପ୍ରାଥମିକତା ଦେଉଥାଉ ବୋଲି ବୋଇଂ ତରଫରୁ କୁହାଯାଇଛି।

## ଥାଇଲାଣ୍ଡରେ ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ବ୍ୟାଙ୍କକ୍, ୧୩।୬(ଏଜେନ୍ସି): ଥାଇଲାଣ୍ଡର ଫୁକେଟ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏୟାର ଇଣ୍ଡିଆ ବିମାନ ଏଆଇ-୩୭୯ ଜରୁରୀ ଅବତରଣ କରିଛି। ଏହି ବିମାନରେ ବୋମା ଥିବାର ସୂଚନା ମିଳିଥିଲା। ବିମାନରେ ୧୫୬ଜଣ ଯାତ୍ରୀ ଥିଲେ। ଏହା ଫୁକେଟରୁ ଦିଲ୍ଲୀ ଯାତ୍ରା କରୁଥିଲା। କିନ୍ତୁ ଭାରତୀୟ ସମୟ ଅନୁସାରେ ସକାଳ ୯.୩୦ରେ ଅବତରଣ କରିଥିଲା। ବିମାନ ଆଣ୍ଡାମାନ ସାଗର ଉପରେ ଏକ ବଡ଼ ଚକ୍କର ଲଗାଇ ପ୍ରତ୍ୟାବର୍ତ୍ତନ କରିବା ସହ ୨୦ ମିନିଟ୍ ପରେ ଲ୍ୟାଣ୍ଡିଂ କରିଥିଲା। ସବୁ ଯାତ୍ରୀ ଓ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି ବୋଲି କୁହାଯାଇଛି ଓ କାହାର କୌଣସି କ୍ଷତି ହୋଇନାହିଁ। ବୋମା ଧମକ ମିଳିବା ପରେ ଫୁକେଟ ବିମାନ ବନ୍ଦର ଏୟାରପୋର୍ଟ କଣ୍ଟିଜେନ୍ସି ପ୍ଲାନ (ଏସିପି) ଆକ୍ଟିଭେଟ୍ କରିଥିଲା। ଏହି ଧମକକୁ ନେଇ ସବୁ ଜରୁରୀ ପଦକ୍ଷେପ ନିଆଯାଇଥିଲା।

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

# ବୀମା କମ୍ପାନୀକୁ ୨୪୯୦ କୋଟିର ଝଟ୍‌କା

**■ ଭାରତୀୟ ବିମାନ ଚଳାଚଳ ବୀମା ଇତିହାସରେ ସବୁଠାରୁ ବଡ଼ ବୀମା କ୍ଲେମ୍**

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଅହମ୍ମଦାବାଦରେ ସମ୍ପ୍ରତି ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ କେବଳ ବହୁ ଜୀବନ ଯାଇଛି ତା' ନୁହେଁ, ବରଂ ଏହା ବୀମା କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆର୍ଥିକ ବିପର୍ଯ୍ୟୟ ଆଣିଛି। କାରଣ ଦୁର୍ଘଟଣା ଯୋଗୁ ବୀମା କମ୍ପାନୀକୁ ବୀମା କ୍ଲେମ୍ ବାବଦ ପ୍ରାୟ ୨୪୯୦ କୋଟିର ଝଟ୍‌କା ଲାଗିବାକୁ ଯାଉଛି। ଏହି ଦୁର୍ଘଟଣାରେ ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣଙ୍କର ମୃତ୍ୟୁ ଘଟିଛି। ସେଥିପାଇଁ ଭାରତୀୟ ବିମାନ ଚଳାଚଳ ବୀମା ଇତିହାସରେ ଏହା ସବୁଠାରୁ ବଡ଼ ବୀମା କ୍ଲେମ୍ ହେବାକୁ ଯାଉଛି।

ଭିସ୍ତାରା ସହ ମିଶ୍ରଣ ପରେ ଏୟାର ଇଣ୍ଡିଆ ଏହାର ୩୦୦ ରୁ ଅଧିକ ବିମାନ ପାଇଁ ମୋଟ ୨୦ ବିଲିୟନ ଡଲାର (ପ୍ରାୟ ୧.୬୬ ଲକ୍ଷ କୋଟି ଟଙ୍କା)ର ବୀମା କଭର ନେଇଥିଲା। ସୂତ୍ର ଅନୁଯାୟୀ, ମୋଟ ବୀମା ଦାବିର ୫% ଭାରତର ଜିଆଇସି ଆର୍‌ଇ ଦେବ, ଅବଶିଷ୍ଟ ୯୫% ଅନ୍ତର୍ଜାତୀୟ ବୀମାକାରୀମାନଙ୍କୁ ଦେବାକୁ ପଡିବ। ଏହି ଦୁର୍ଘଟଣାରେ ବୀମା କ୍ଲେମ୍ ରାଶି ୨୦୦-୩୦୦ ନିୟୁତ ଡଲାର (୧୬୬୦ କୋଟିରୁ ୨୪୯୦ କୋଟି ଟଙ୍କା ପର୍ଯ୍ୟନ୍ତ) ହୋଇପାରେ। ତେବେ ମଣ୍ଟ୍ରିଆଲ୍ ଚୁକ୍ତିନାମା ଅନୁଯାୟୀ, ବିମାନ ଦୁର୍ଘଟଣାରେ ଯାତ୍ରୀଙ୍କ ମୃତ୍ୟୁ କିମ୍ବା ଗୁରୁତର ଆଘାତ ହେଲେ, ବିମାନ କମ୍ପାନୀ କ୍ଷତିଗ୍ରସ୍ତଙ୍କ ପରିବାରକୁ କ୍ଷତିପୂରଣ ଦେଇଥାଏ। ଏହା ଯାତ୍ରୀଙ୍କ ବୟସ, ବୃତ୍ତି, ରୋଜଗାର ଏବଂ କୋର୍ଟ ଦ୍ୱାରା ସ୍ଥିର କରାଯାଇଥିବା ମାନଦଣ୍ଡ ଆଧାରରେ ନିର୍ଣ୍ଣୟ କରାଯାଏ।



୨୦୨୦ରେ କୋଝିକୋଡରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ଦୁର୍ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିଲା। ସେହି ସମୟରେ ବୀମା କମ୍ପାନୀଗୁଡ଼ିକ ଯାତ୍ରୀ ଦାୟିତ୍ୱ ଅଧୀନରେ ପ୍ରାୟ ୩୮ ନିୟୁତ ଡଲାର (ପ୍ରାୟ ୩୧୫ କୋଟି ଟଙ୍କା) ଦେଇଥିଲେ। ଏଥର ଅହମଦାବାଦ ଦୁର୍ଘଟଣାରେ କ୍ଷତି ବହୁତ ବଡ଼ ହୋଇଥିବାରୁ ମୋଟ ବୀମା କ୍ଲେମ୍ ୨,୪୯୦ କୋଟି ଟଙ୍କା କିମ୍ବା ତାଠାରୁ ଅଧିକ ହେବାର ସମ୍ଭାବନା ଅଛି, ଯାହା ଭାରତୀୟ ବିମାନ ଚଳାଚଳ ବୀମା ଇତିହାସରେ ଏ ପର୍ଯ୍ୟନ୍ତର ସବୁଠାରୁ ବଡ଼ ବୀମା କ୍ଲେମ୍ ହୋଇପାରେ।

## ରାଜ୍ୟରେ ୧୬ରୁ ବଢ଼ିବ ବର୍ଷା


**ଭୁବନେଶ୍ୱର, ୧୩।୬ (ସମିସ):** ରାଜ୍ୟରେ ଆସନ୍ତା ୧୬ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବ। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ୧୬ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରିସ୍ଥିତି ସୁହାଇଲେ ଏହା ପ୍ରଭାବରେ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହୋଇପାରେ। ଏମିତି ହେଲେ ରାଜ୍ୟରେ ମୌସୁମୀ ସକ୍ରିୟ ହେବା ସହ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ରହିଛି। ୧୪-୧୫ ତାରିଖ ଅର୍ଥାତ ପହିଲି ରଜ ଓ ରଜ ସଂକ୍ରାନ୍ତିରେ ମଧ୍ୟ ଏହି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟରେ କେତେକ ସ୍ଥାନରେ ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡ଼ଘଡ଼ି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶେଷ ରଜ ଅର୍ଥାତ ୧୬ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଗତ ୨୪ ଘଣ୍ଟାରେ ମାଲକାନଗିରିରେ ୧୩ ମିମି ବର୍ଷା ହୋଇଥିବା ବେଳେ ମାଲକାନଗିରିରେ ୧୨ ମିମି ଓ ବାକି ଅଞ୍ଚଳରେ ୧୦ ମିମିରୁ କମ୍ ବର୍ଷା ରେକର୍ଡ ହୋଇଛି।

## ଗୃହରକ୍ଷୀଙ୍କ ଦୈନିକ ଡ୍ୟୁଟି ଭତ୍ତା ୧୧ ଟଙ୍କା ବଢ଼ାଇଲେ ସରକାର

**ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦୈନିକ ଡ୍ୟୁଟି, ଟ୍ରେନିଂ ଭତ୍ତାରେ ବୃଦ୍ଧି**

**ଭୁବନେଶ୍ୱର,୧୩।୬(ସମିସ):** ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଭତ୍ତା ଓ ଗୃହରକ୍ଷୀଙ୍କ ଡ୍ୟୁଟି କଲ୍-ଅପ୍ ଭତ୍ତା ବୃଦ୍ଧି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଞ୍ଜୁରୀ ଦେଇଛନ୍ତି। ଗୃହରକ୍ଷୀଙ୍କ ଦୈନିକ ଡ୍ୟୁଟି କଲ୍-ଅପ୍ ଭତ୍ତାରେ ୧୧ଟଙ୍କା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଗୃହରକ୍ଷୀମାନଙ୍କୁ ପୂର୍ବରୁ ଦୈନିକ କଲ୍-ଅପ୍ ଡ୍ୟୁଟି ଭତ୍ତା ବାବଦରେ ୬୧୨ ଟଙ୍କା ମିଳୁଥିବାବେଳେ ଏଣିକି ୬୨୩ ଟଙ୍କା ପାଇବେ। ସେହିପରି ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କର ଦୈନିକ ଡ୍ୟୁଟି ଭତ୍ତା ୧୫୦ ଟଙ୍କା ଓ ଟ୍ରେନିଙ୍ଗ ଭତ୍ତା ୧୪୦ ଟଙ୍କାକୁ ବୃଦ୍ଧି ହୋଇଛି। ପୂର୍ବରୁ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦୈନିକ ଡ୍ୟୁଟି ଭତ୍ତା ୩୧ ଟଙ୍କା ଏବଂ ଦୈନିକ ଟ୍ରେନିଙ୍ଗ ଭତ୍ତା ପରିମାଣ ୨୮ ଟଙ୍କା ରହିଥିଲା। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ମେ ପହିଲାରୁ ଲାଗୁ ହେବ।

## ବାଇକ୍‌କୁ ଚାପିଦେଲା ଟ୍ରକ୍; ୩ ମୃତ


**କେନ୍ଦୁଝର, ୧୩।୬ (ସମିସ):** ସଦର ଥାନା ଶୁଆକାଟି ଫାଣ୍ଡି ଠାକୁରଡିହି ଛକ ବୁଲାଣି ନିକଟରେ ଶୁକ୍ରବାର ଅପରାହ୍ଣରେ ଏକ ଅଜଣା ଗାଡ଼ି ଧକ୍କାରେ ତିନିଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଶୁଆକାଟି ମାଇନିଂ ଛକ ମହେଶ୍ୱର ବାରିକଙ୍କ ପୁଅ ବିଭୁ (୧୫), ବାଦଲ ନାଏକ(୨୨), ସନତ ନାଏକ(୨୧)। ଫାଣ୍ଡି ଏସ୍‌ଆଇ ସୁରିନାରାୟଣ ପାତ୍ର ଘଟଣାସ୍ଥଳରୁ ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଯୁବକମାନେ ଏକ ବାଇକ୍‌ରେ ଶୁଆକାଟି ପଟୁ କେନ୍ଦୁଝର ଅଭିମୁଖେ ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ଅପରପକ୍ଷେ, ଦୁର୍ଘଟଣା ଘଟଣାଇଥିବା ଗାଡ଼ିଟି ଫେରାର୍ ହୋଇଯାଇଛି। ଭାରୀଯାନଗୁଡ଼ିକ ଅଟକି ରହିଥିବା ଯୋଗୁଁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକେଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଛି। ପୁଲିସ ଲୋକଙ୍କୁ ବୁଝାସୁଝା କରିବା ପରେ ଟ୍ରାଫିକ ସମସ୍ୟା ସ୍ୱାଭାବିକ ହୋଇଛି। ଏନେଇ ତିନିଟି ମାମଲା ରୁଜୁ ହୋଇଛି।

## ଜିଏ ଜମିର କନ୍‌ଭର୍‌ସନ୍ ଫି' ୩ ପ୍ରତିଶତକୁ ହ୍ରାସ

**ଭୁବନେଶ୍ୱର,୧୩।୬(ସମିସ):** ସାଧାରଣ ପ୍ରଶାସନ ବିଭାଗର ଲିଜ୍ ଜମିକୁ ଫ୍ରି ହୋଲ୍ଡ କରିବା ପାଇଁ କନ୍‌ଭର୍‌ସନ୍ ଫି' ହ୍ରାସ ହୋଇଛି। ସାଧାରଣ ପ୍ରଶସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏଣିକି କନ୍‌ଭର୍‌ସନ୍ ଫି' ବାବଦକୁ ଜମି ବେଞ୍ଚ ମାର୍କ ମୂଲ୍ୟର ୩ ପ୍ରତିଶତ ଅର୍ଥ ଦେବାକୁ ପଡ଼ିବ। ପୂର୍ବରୁ ଏହି ବାବଦକୁ ୧୦ ପ୍ରତିଶତ ଅର୍ଥ ଦେବାକୁ ପଡୁଥିଲା। ପୂର୍ବରୁ ଏନେଇ କ୍ୟାବିନେଟ ନିଷ୍ପତ୍ତି ହୋଇଥିବା ବେଳେ ବିଡିଏ, ସିଡିଏ ଏବଂ ହାଉସିଂ ବୋର୍ଡ ଜମିକୁ ମଧ୍ୟ ଫ୍ରି ହୋଲ୍ଡ କରିବାକୁ କନ୍‌ଭର୍‌ସନ୍ ଫି' ହ୍ରାସ ହୋଇ ସାରିଛି। ବିଜ୍ଞପ୍ତି ଅନୁଯାୟୀ ଆବାସିକ ବ୍ୟବହାର ବିଭିନ୍ନ ସମୟରେ ବିଭିନ୍ନ ବ୍ୟକ୍ତିଙ୍କୁ ଲିଜ୍ ଦିଆଯାଇଥିବା ଜମିର କନଭରସନ ଫି' ହ୍ରାସ ହୋଇଛି। କୌଣସି ଯୋଜନା ବିଚ୍ୟୁତି ବିନା ଅନୁମୋଦିତ କୋଠା ନିର୍ମାଣ କରାଯାଇଥିବା କ୍ଷେତ୍ରରେ ଏହି ଅର୍ଥ ୩ ପ୍ରତିଶତ ରହିବ। ମାତ୍ର ବିଚ୍ୟୁତି ଅନୁମତିପ୍ରାପ୍ତ ସୀମା ଅତିକ୍ରମ କରିଥିଲେ କନ୍‌ଭର୍‌ସନ୍ ଅନୁମତି ଦିଆଯିବ ନାହିଁ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟମିତକରଣ ପରେ ହିଁ ଏହି ପ୍ରକାର ମାମଲାକୁ ଗ୍ରହଣ କରାଯିବ। ଫ୍ରିହୋଲ୍ଡ ପାଇଁ ଆବେଦନ ଦାଖଲ କରିବା ସମୟରେ ଆବେଦନକାରୀଙ୍କୁ କୌଣସି ପ୍ରକାର ନିୟମ ବିଚ୍ୟୁତି ବିନା କୋଠା ନିର୍ମାଣ ସମ୍ପର୍କରେ ବିଏମ୍‌ସି/ବିଡିଏର ପ୍ରମାଣପତ୍ର ଦାଖଲ କରିବାକୁ ପଡିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

## ହାତୀ ପାଦ ତଳେ ଗଲା ୩ ଜୀବନ

**ବଡ଼ବିଲ/ଯୋଡ଼ା, ୧୩।୬(ସମିସ):** କେନ୍ଦୁଝର ଜିଲ୍ଲାର ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ଆଜି ଦିନକରେ ଏକ ଦମ୍ପତିଙ୍କ ସମେତ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ରୁଗୁଡ଼ି ଥାନା କେନ୍ଦୁଡ଼ିହି ଗ୍ରାମର ରୀନା ମୁଣ୍ଡା(୪୦) ଓ ତାଙ୍କ ସ୍ୱାମୀ ରାଜୁ ମୁଣ୍ଡା(୪୫)। ଅନ୍ୟ ଜଣେ ମୃତକଙ୍କ ନାମ ଜଣାପଡ଼ିନାହିଁ। ରୀନା ଓ ରାଜୁ ଆଜି ନିକଟସ୍ଥ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଜଙ୍ଗଲ ଭିତରେ ସେମାନେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ଶୁଣ୍ଢରେ ଟେକି କଚାଡ଼ିଦେବା ସହ ପାଦରେ ଦଳିଦେବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବନ ବିଭାଗ ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଆକ୍ରୋଶ ରଖି ଶତାଧିକ ଗ୍ରାମବାସୀ ଘଟଣାସ୍ଥଳରେ ରୁଣ୍ଡ ହୋଇଥିବା ଜଣାପଡ଼ିଛି। ଏବେ ବି ସ୍ଥାନୀୟ ଅଞ୍ଚଳ ଉତ୍ତେଜନାପୂର୍ଣ୍ଣ ରହିଥିବା ଜଣାପଡ଼ିଛି। ଗ୍ରାମବାସୀ ଓ ପୁଲିସ କର୍ମଚାରୀ ହାତାହାତି ହୋଇଥିବା ଜଣାପଡ଼ିଥିଲା ବେଳେ ପୁଲିସ୍ ପକ୍ଷରୁ କୌଣସି ସୂଚନା ସ୍ପଷ୍ଟ କରାଯାଇନାହିଁ। ଅନ୍ୟ ଏକ ଘଟଣା ଶୁକ୍ରବାର ସନ୍ଧ୍ୟାରେ କାଳିମାଟି ଅଞ୍ଚଳରେ ଘଟିଛି। ଜଣେ ଯୁବକ ବଜାରରୁ ଘରକୁ ଚାଲି ଚାଲି ଆସୁଥିବା ବେଳେ ସ୍ଥାନୀୟ ମହାପର୍ବତ ଅଞ୍ଚଳରୁ ଏକ ମାଈ ହାତୀ ଦୌଡ଼ି ଆସି ଯୁବକଙ୍କୁ ଦଳି ଦେଇଥିଲା। ତାଙ୍କ ପରିଚୟ ସଠିକ୍ ମିଳି ପାରିନାହିଁ।

# କମିସନରେଟ୍ ପୁଲିସ ନାକ ତଳେ ବନ୍ଧୁକ ବେପାର

**୫ ଅନ୍ତଃରାଜ୍ୟ ବେପାରୀ ଗିରଫ ● ଗ୍ରାହକ ବେଶରେ ମାଡ଼ି ବସିଲା ପୁଲିସ**



**ଭୁବନେଶ୍ୱର, ୧୩।୬ (ସମିସ):** କମିସନରେଟ୍ ପୁଲିସ୍ ନାକ ତଳେ ଚାଲିଥିଲା ଚୋରା ବନ୍ଧୁକ କାରବାର। ପଥର ମାଫିଆଙ୍କଠାରୁ ଆରମ୍ଭ କରି ଗୋରୁ ବେପାରୀଙ୍କୁ ଅତି ଅନାୟାସରେ ଯୋଗାଉଥିଲେ ବନ୍ଧୁକ। ବିହାରରୁ ବନ୍ଧୁକ ଆଣି ଦୀର୍ଘ ଦିନ ହେଲା ବେପାର ଚଳାଇଥିଲେ ହେଁ ପୁଲିସ୍ ଟେର୍ ପାଇ ପାରୁନଥିଲା। ତେବେ ପୋଖରୀପୁଟ ଅଞ୍ଚଳରେ ଗୋଟିଏ ଡିଲ୍ ପୂରା ରାକେଟ୍‌କୁ ଧରା ପକାଇଦେଲା। ଏୟାରପୋର୍ଟ ଥାନା ପୁଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ଏକ ଚୋରା ବନ୍ଧୁକ କାରବାର ରାକେଟ୍‌ର ପର୍ଦ୍ଦାଫାସ୍ କରିବା ସହ ୫ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ, ମଧ୍ୟପ୍ରଦେଶର ରାଘବେନ୍ଦ୍ର ସିଂ, ଉତ୍ତରପ୍ରଦେଶର ପ୍ରବୀଣ କୁମାର ସିଂ, ଇନ୍ଦ୍ରଜିତ ସିଂ ଓ ଅଭିଷେକ ରାଜପୁତ ଏବଂ କଟକ ସାଲେପୁରର ଏସ୍.କେ ସକିଲ। ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏମାନେ ବିହାରରୁ ବନ୍ଧୁକ ଆଣି ଓଡ଼ିଶାରେ ଚୋରାରେ ବେପାର ଚଳାଇଥିଲେ। ଏଥିପାଇଁ ଜଟଣୀରେ ଏକ ଘରଭଡ଼ା ନେଇଥିଲେ। ସେହି ଘରେ ସବୁ ଡିଲ୍ ହେଉଥିଲା। ତେବେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ୍ ପୋଖରୀପୁଟ ଅଞ୍ଚଳରେ ଅତର୍କିତ ଚଡ଼ଉ କରି ଜଣଙ୍କୁ ଧରିବା ପରେ ଅନ୍ୟମାନଙ୍କୁ ଜଟଣୀରୁ ଗିରଫ କରିଛି। ସେମାନଙ୍କ ନିକଟରୁ ୬ଟି ବନ୍ଧୁକ,୧୮ ରାଉଣ୍ଡ ଗୁଳି, ଗୋଟିଏ କାର୍ ଜବତ ହୋଇଛି। ଜବତ ବନ୍ଧୁକ ମଧ୍ୟରେ ୪ଟି ୭.୬୫ ଏମ୍‌ଏମ୍ ସେମି-ଅଟୋମେଟିକ ପିସ୍ତଲ ରହିଥିବା ବେଳେ ଗୋଟିଏ ୬ରାଉଣ୍ଡ ରିଭଲଭର୍ ଓ ଗୋଟିଏ ସିଙ୍ଗଲ ସଟ୍ ବନ୍ଧୁକ ରହିଛି। ଏମାନଙ୍କ ବିହାର ଲିଙ୍କ୍ ନେଇ ଖୋଳତାଡ଼ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ପୁଲିସ୍ କମିସନର୍ ସୁରେଶ ଦେବଦତ୍ତ ସୂଚନା ଦେଇଛନ୍ତି।

କମିସନର୍ ଶ୍ରୀ ଦେବଦତ୍ତ ଅଧିକ ସୂଚନା ଦେଇ କହିଛନ୍ତି ଯେ ବିହାରର ବଳିଆ ଅଞ୍ଚଳର ତିନି ମାଫିଆ ପ୍ରବୀଣ କୁମାର, ଅଭିଷେକ ଓ ଇନ୍ଦ୍ରଜିତ ବିହାରରୁ ବନ୍ଧୁକ ଭୁବନେଶ୍ୱର ଆଣୁଥିଲେ। ମଧ୍ୟପ୍ରଦେଶର ରାଘବେନ୍ଦ୍ର ସିଂ ଗ୍ରାହକଙ୍କ ସହ ବନ୍ଧୁକର ଦର ନିର୍ଦ୍ଧାରଣ ଓ ଗ୍ରାହକଙ୍କ ସହ ମୂଲଚାଲ

**୬ବନ୍ଧୁକ, ୧୮ ରାଉଣ୍ଡ ଗୁଳି ଏବଂ କାର ଜବତ**

**ଜଟଣୀ ଭଡ଼ାଘରେ ଚାଲିଥିଲା ବନ୍ଧୁକ ଡିଲ୍**

**ପଥର ମାଫିଆ ଏବଂ ବ୍ରାଉନ୍‌ସୁଗାର ବେପାରୀଙ୍କୁ ବିକୁଥିଲେ**

କରୁଥିଲା। ସେହିପରି କଟକ ସାଲେପୁର ଏସ.କେ ସକିଲ ଗ୍ରାହକ ଯୋଗାଡ଼ କରୁଥିଲା। ଅଭିଯୁକ୍ତମାନେ ଜଟଣୀରେ ଦୋକାନ ଖୋଲି ଏହି ବେଆଇନ କାରବାର ଚଳାଇଥିବା ବେଳେ ଗୋରୁ ବେପାରୀଠୁ ଆରମ୍ଭ କରି ପଥର ମାଫିଆ ସେମାନଙ୍କ ଗ୍ରାହକ ଥିଲେ। ସେହିପରି ବାଲିଘାଟ ମାଫିଆ ଓ ବ୍ରାଉନସୁଗାର ବେପାରୀମାନେ ମଧ୍ୟ ଏଠାରୁ ଚୋରାରେ ବନ୍ଧୁକ କିଣୁଥିଲେ।

ଦୀର୍ଘ ଦିନ ଧରି ଏମାନେ ବନ୍ଧୁକ କାରବାର କରିଆସୁଥିଲେ ହେଁ ପୁଲିସ୍ ଟେର୍ ପାଇ ପାରୁନଥିଲା। ତେବେ ପୋଖରୀପୁଟ ଅଞ୍ଚଳରେ ବନ୍ଧୁକ ଡିଲ୍ ଚାଲିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଏୟାରପୋର୍ଟ ଥାନା ପୁଲିସ୍ ସେଠାରୁ ଜଣେ ଅଭିଯୁକ୍ତକୁ ଧରିବା ପରେ ତା'ଠାରୁ ଜଟଣୀ ଭଡ଼ାଘର ସଂପର୍କରେ ସୂଚନା ପାଇଥିଲା। ପରେ ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଜାଲ ବିଛାଇଥିଲା। ଜଣେ ପୁଲିସ୍ ଅଧିକାରୀ ଗ୍ରାହକ ବେଶରେ ଉକ୍ତ ଭଡ଼ାଘରକୁ ଯାଇ ବନ୍ଧୁକ କିଣିବାକୁ ଆଗ୍ରହ କରିଥିଲେ। ସେଠାରେ ଥିବା ପ୍ରବୀଣ ସିଂ ଛଦ୍ମବେଶୀ ଅଧିକାରୀଙ୍କୁ ଚିହ୍ନ ନ ପାରିବ ଡିଲ୍ ପାଇଁ ରାଜି ହୋଇଯାଇଥିଲା। ପରେ ସ୍ପେସାଲ ସ୍କ୍ୱାଡ୍ ସେଠାରେ ପହଞ୍ଚି ଭାଗଭାଗ ହୋଇ ମାଫିଆ ହେବାର ଅଭିନୟ କରିଥିଲେ। ପ୍ରବୀଣ ୬ଟି ବନ୍ଧୁକ କେଉଁଟା ପସନ୍ଦ ଦେଖାଇବା ପରେ ପୁଲିସ୍ ତାକୁ ମାଡ଼ି ବସିଥିଲା। ପରେପରେ ଅନ୍ୟମାନଙ୍କୁ ବି ଗିରଫ କରିଥିଲା। ଗୋଟିଏ ବନ୍ଧୁକକୁ ଏମାନେ ୩୦ରୁ ୪୦ ହଜାର ଟଙ୍କାରେ ବିକ୍ରି କରୁଥିବା ଜଣାଯାଇଛି।

## ପାଣି କୁଣ୍ଡରେ ପଡ଼ି ଶିଶୁ ମୃତ

**ସାନଖେମୁଣ୍ଡି, ୧୩।୬(ସମିସ):** ସାନଖେମୁଣ୍ଡି ବ୍ଲକ୍ ସିଙ୍ଗିପୁର ପଞ୍ଚାୟତରେ ନିର୍ମାଣାଧୀନ ଏକ ପାଣିକୁଣ୍ଡରେ ବୁଡ଼ି ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତକ ହେଲେ, ରଞ୍ଜନ ବିଷୋୟୀଙ୍କ ପୁଅ ଚନ୍ଦନ ବିଷୋୟୀ (୫)। ରଞ୍ଜନଙ୍କର ରାଜନାପଲ୍ଲୀ ନିକଟରେ କୁକୁଡ଼ା ଫାର୍ମ ନିର୍ମାଣ ଚାଲିଛି। ସେ ନିଜ ପୁଅ ଚନ୍ଦନ ସହ ଶୁକ୍ରବାର ପୂର୍ବାହ୍ନରେ ଫାର୍ମକୁ ବୁଲିବାକୁ ଆସିଥିବା ବେଳେ ନିକଟରେ ଥିବା ପାଣି କୁଣ୍ଡରେ ପୁଅ ଚନ୍ଦନ ପଡ଼ି ଯାଇଥିଲେ। ଏପଟେ ପରିବାରଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ଶିଶୁଟିକୁ ପାଇନଥିଲେ। ତେବେ ଫାର୍ମ ନିକଟରେ ନିର୍ମାଣ ହୋଇଥିବା ପାଣି କୁଣ୍ଡରେ ପୁଅର ଚପଲ ଭାସୁଥିବା ଦେଖି ସେଠାରେ ଖୋଜିବା ପରେ ଚନ୍ଦନକୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ପରିବାରଲୋକ ତାକୁ ନିକଟସ୍ଥ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

## ସ୍ନାନବେଦୀରେ ଚରମ ବିଶୃଙ୍ଖଳା | ଭକ୍ତଙ୍କ ହାତ ଟାଣିନେଇ ଠାକୁରଙ୍କୁ ଛୁଆଁଇଲେ

**ପୁରୀ, ୧୩।୬ (ସମିସ):** ଏବର୍ଷ ସ୍ନାନବେଦୀରେ ଚରମ ବିଶୃଙ୍ଖଳା ଦେଖାଦେଇଛି। ଶ୍ରୀମନ୍ଦିର ପ୍ରଶାସନର ସବୁ କଟକଣା ଫେଲ୍ ମାରିଛି। ବ୍ୟବସ୍ଥାବଳୀକୁ ଦଳି ମକଚି ଦେଇଛନ୍ତି କିଛି ସେବାୟତ। ମହାପ୍ରଭୁଙ୍କୁ କେହି ସ୍ପର୍ଶ କରିପାରିବେ ନାହିଁ ବୋଲି ବ୍ୟବସ୍ଥାବଳୀରେ ସ୍ପଷ୍ଟ ଉଲ୍ଲେଖ ରହିଥିବା ବେଳେ ପ୍ରତି ବୈଠକରେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ହେଲେ ସ୍ନାନବେଦୀରେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଦେଖାଯାଇଛି। ସାହାଣମେଲା ଦର୍ଶନ ସମୟରେ ଶହଶହ ଭକ୍ତ ମଣ୍ଡପରେ ଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକେ ଠାକୁରଙ୍କୁ ଛୁଇଁଛନ୍ତି। ପୁଲିସ୍ ଏକପ୍ରକାର



ଅସହାୟ ପାଲଟିଥିବା ବେଳେ କିଛି ସେବାୟତ ଭକ୍ତଙ୍କୁ ଏଥିରେ ସହଯୋଗ କରିଥିବାର ଭିଡିଓ ଭାଇରାଲ ହେଉଛି। ଏପରିକି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଛିଡ଼ା ହୋଇଥିବା ଜଣେ ଯୁବ ସେବାୟତ ଜଣେ ଭକ୍ତଙ୍କ ହାତକୁ ଟାଣିନେଇ ଠାକୁରଙ୍କୁ ଛୁଆଁଉଥିବା ଉକ୍ତ ଭିଡିଓରେ ଦେଖାଯାଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୧୪ ମସିହାରୁ ମହାପ୍ରଭୁଙ୍କୁ ସ୍ପର୍ଶ ମନା ରହିଛି। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ଥିବା ବେଳେ ଠାକୁରଙ୍କୁ ଛୁଇଁବା ଅନୁଚିତ ବୋଲି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜା ମତ ଦେଇଛନ୍ତି। ଏହି କଟକଣାକୁ ଦୀର୍ଘ ୧୧ ବର୍ଷ ହେବ ପାଳନ କରାଯାଉଥିବା ବେଳେ ଚଳିତବର୍ଷ ସ୍ନାନବେଦୀରେ ଚରମ ବିଶୃଙ୍ଖଳା ହୋଇଛି। ଖୋଦ୍ ସେବାୟତ ଭକ୍ତଙ୍କୁ ଛୁଆଁଇବାରେ ପୂର୍ଣ୍ଣ ସହଯୋଗ କରିଛନ୍ତି। ଯଦି କିଛି ଭକ୍ତ ଛୁଇଁବାର ସୁଯୋଗ ପାଉଛନ୍ତି, ତେବେ ଅନ୍ୟମାନେ କାହିଁ ଏଥିରୁ ବଞ୍ଚିତ ହେବେ, ସେନେଇ ବୁଦ୍ଧିଜୀବୀମହଲ ପ୍ରଶ୍ନ କରିଛନ୍ତି। ସମସ୍ତଙ୍କୁ ଠାକୁରଙ୍କୁ ସ୍ପର୍ଶ କରିବାର ଅଧିକାରୀ ମିଳୁ ବୋଲି ସେମାନେ ଦାବି କରିଛନ୍ତି।

**■ ବି. ବାଲାକ୍ରିଷ୍ଣାଙ୍କ ପରଲୋକ**

## ଏମ୍‌କେସିଜିକୁ ଶରୀର ଦାନ କଲେ ପରିବାର

**ବ୍ରହ୍ମପୁର, ୧୩।୬ (ସମିସ):** ମୃତ୍ୟୁ ପରେ ବାପାଙ୍କ ଇଚ୍ଛା ପୂରଣ କଲେ ଝିଅ-ଜ୍ୱାଇଁ। ଶବକୁ ଦାହ କରିବା ପରିବର୍ତ୍ତେ ମେଡିକାଲ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ମେଡିକାଲକୁ ଦାନ କରିଦେଲେ। ଏପରି ଏକ ଘଟଣା ଆଜି ବ୍ରହ୍ମପୁର ସହରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ରୋଡ୍ ଅଞ୍ଚଳରେ ରହୁଥିବା ୮୨ ବର୍ଷୀୟ ବି.ବାଲାକ୍ରିଷ୍ଣାଙ୍କ ମୃତ୍ୟୁ ପରେ ପରିବାରଲୋକ ତାଙ୍କ ଶବକୁ ଏମ୍‌କେସିଜି ମେଡିକାଲକୁ ଦାନ କରିଛନ୍ତି। ଏହାସହ ତାଙ୍କ ଚକ୍ଷୁଦ୍ୱୟକୁ ମଧ୍ୟ ପରିବାରଲୋକ ଦାନ କରିଛନ୍ତି। ମାନବବାଦୀ ହେତୁବାଦୀ ସଂଗଠନ ଓ ଫ୍ରେଣ୍ଡସ୍ ହେଲ୍‌ପିଂ କ୍ଲବ୍‌ର ସହଯୋଗରେ ମେଡ଼ିକାଲର ଚକ୍ଷୁ ବିଭାଗକୁ ତାଙ୍କ ଚକ୍ଷୁଦାନ କରାଯାଇଛି। ସ୍ୱର୍ଗତ ବାଲାକ୍ରିଷ୍ଣା ମାନବବାଦୀ ହେତୁବାଦୀ ସଂଗଠନର ପ୍ରତିଷ୍ଠାତା ସଭ୍ୟ ଥିଲେ। ଶରୀର



ଦାନ ସମୟରେ ବାଲାକ୍ରିଷ୍ଣାଙ୍କ ଝିଅ ଶ୍ରୁତି, ଜ୍ୱାଇଁ ଅଭିଳାଷ, ନାତି ଅଭିଳାଷ ସମେତ ଅନ୍ୟ ପରିବାର ସଦସ୍ୟ ଏବଂ ମାନବବାଦୀ ହେତୁବାଦୀ ସଂଗଠନର ଉପସଭାପତି କିଶୋର ଚନ୍ଦ୍ର ମିଶ୍ର, ଜମ୍ମୁଲା ସୁରେଶ, ଡି. ମୋହନ ରାଓ, କେ. ବାସବା ରାଜୁ, ଯୁଧିଷ୍ଠିର ସାହୁ, ପ୍ରତାପ ପ୍ରଧାନ ଓ ଫ୍ରେଣ୍ଡସ ହେଲ୍‌ପିଂ କ୍ଲବର ପୂର୍ବତନ ସଭାପତି କେ. ପୁରୁଷୋତ୍ତମ ଭଟ୍ଟ, ଜଗଦୀଶ୍ୱର ରାଓ, ହରେକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାତକୋଶିଆରେ ଦନ୍ତା ମୃତ

**ଅନୁଗୋଳ, ୧୩।୬(ସମିସ):** କିଛି ଦିନ ବ୍ୟବଧାନରେ ସାତକୋଶିଆ ଅଭୟାରଣ୍ୟ ବନଖଣ୍ଡରେ ପୁଣି ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି। ଶୁକ୍ରବାର ଅପରାହ୍ଣରେ ଅଭୟାରଣ୍ୟ ଅନ୍ତର୍ଗତ ଟିକରପଡ଼ା ରେଞ୍ଜ ବେହେରା ସହି

**ଘଟଣା ଲୁଚାଇବାକୁ ବନ ବିଭାଗର ଉଦ୍ୟମ !**

ଗାଁ ନିକଟ ଜଙ୍ଗଲରେ ହାତୀ ମୃତଦେହ ଦେଖି ଗ୍ରାମବାସୀ ଟିକରପଡ଼ା ରେଞ୍ଜ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୨/୪ ଦିନ ପୂର୍ବରୁ ହାତୀର ମୃତ୍ୟୁ ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି। ତେବେ ହାତୀ ମୃତ୍ୟୁ ଖବର ବନ ବିଭାଗ ଜାଣିବା ପୂର୍ବରୁ



ଗ୍ରାମବାସୀ ଜାଣିପାରିଛନ୍ତି। ବନ ବିଭାଗ ହାତୀ ମୃତ୍ୟୁ ସମ୍ପର୍କରେ ଜାଣି ନ ଥିଲା ନା ଜାଣିଶୁଣି ଖବରକୁ ଚାପିଦେବାକୁ ଉଦ୍ୟମ କରୁଥିଲା, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭୟାରଣ୍ୟ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଖଞ୍ଜା ଯାଇଥିଲେ ବି ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗହରା ହୋଇପଡୁଛି। ହାତୀ ସୁରକ୍ଷା ଯୋଜନା କେତେକ ଉଦାସୀନ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ବାଟବଣା ହେଉଛି। ହାତୀ ସୁରକ୍ଷା ପାଇଁ ଯୋଜନାରେ ଜଙ୍ଗଲ ମଧ୍ୟରେ ହାତୀ ଖାଦ୍ୟ ପାଇଁ ଚାରାରୋପଣ କରିବା, ହାତୀ ବିଚରଣ ପାଇଁ ପର୍ଯ୍ୟାପ୍ତ ଚାରଣ ଭୂମି, ଜଳାଶୟ ସୃଷ୍ଟି କରିବା, ଜଙ୍ଗଲକୁ ନିଆଁରୁ ସୁରକ୍ଷା ଦେବା, ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳବାସୀଙ୍କୁ ସଚେତନ କରିବା, ହାତୀ ଗତିବିଧି ନିରୀକ୍ଷଣ କରିବା, ଗାଁ ଗାଁରେ ସ୍ୱେଚ୍ଛାସେବୀ ଗଜସାଥୀ ସୃଷ୍ଟି କରିବା ଇତ୍ୟାଦି ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ବି ବାସ୍ତବରେ ତାହା ଫଳଶୂନ୍ୟ ହେଉଛି।

**ସରକାରଙ୍କ ଆଦିବାସୀ ପ୍ରୀତି ଏମିତି**

## ଜୁନ୍ ଅଧା ହେଲାଣି; ମିଳିଲାନି ଛାତ୍ରବୃତ୍ତି

**ଭୁବନେଶ୍ୱର, ୧୩।୬ (ସମିସ):** ରାଜ୍ୟ ସରକାର ଆଦିବାସୀଙ୍କ ପାଇଁ କୋଷାଗାର ମେଲା କରି ଦେଇଛନ୍ତି ବୋଲି କହୁଛନ୍ତି। ଆଦିବାସୀଙ୍କ କଲ୍ୟାଣ ପାଇଁ ଅର୍ଥର ଅଭାବ ହେବନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ବଖାଣୁଛନ୍ତି। ମାତ୍ର ରାଜ୍ୟର ବିଭିନ୍ନ ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ବୃତ୍ତିରାଶି ଦେବା ଲାଗି ସରକାରଙ୍କ ହାତ ଯାଉନାହିଁ। ଏହି ଅର୍ଥରାଶି ବୃଦ୍ଧି ନିମନ୍ତେ ତତ୍‌କାଳୀନ ବିଜେଡ଼ି ସରକାର କେନ୍ଦ୍ର ନିକଟରେ ବାରମ୍ବାର ଦାବି କରିଥିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଅନ୍ୟପକ୍ଷରେ ଯେତିକି ଅନୁଦାନ ମିଳିବା କଥା ସେତିକି ଠିକ୍ ସମୟରେ କେନ୍ଦ୍ର ସରକାର ନ ଦେଲେ ମଧ୍ୟ ପିଲାମାନଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଜ ପାଣ୍ଠିରୁ ତାହାକୁ ଶିକ୍ଷାବର୍ଷ ଆରମ୍ଭରୁ ପ୍ରଧାନଶିକ୍ଷକଙ୍କ ଆକାଉଣ୍ଟକୁ ପଠାଇ ଦେଉଥିଲେ। ମାତ୍ର ଏବେ ଶିକ୍ଷାବର୍ଷ ଆରମ୍ଭ ହେବାର ଦୁଇ ମାସ ପରେ ମଧ୍ୟ ପିଲାମାନଙ୍କୁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି

**କରଜ କରି ପ୍ରଧାନଶିକ୍ଷକ ଚଳାଉଛନ୍ତି ଛାତ୍ରାବାସ**

**୪ ଓଳି ଖାଦ୍ୟ, ତେଲ-ସାବୁନ ପାଇଁ ମାସକୁ ମାତ୍ର ୧୦୫୦**

ପ୍ରଦାନ କରାଯାଇ ନାହିଁ। ଯାହାକୁ ନେଇ ଅଧିକାଂଶ ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରାବାସରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ବାଧ୍ୟବାଧକତା ଦୃଷ୍ଟିରୁ ସ୍କୁଲର ପ୍ରଧାନଶିକ୍ଷକ ଓ କର୍ତ୍ତୃପକ୍ଷ କରଜ କରି ପିଲାମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରୁଥିବା ଅଭିଯୋଗ ହୋଇଛି ।

ପୂର୍ବ ସରକାର ସମୟରେ ଜାନୁଆରୀ ଓ ଫେବୃଆରୀ ମାସରେ ଅନୁସୂଚୀତ ଜାତି ଓ ଜନଜାତି ପିଲାମାନଙ୍କୁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଅର୍ଥ ପ୍ରଦାନ କରାଯାଉଥିଲା। କୌଣସି ସମୟରେ ବିଳମ୍ବ ହେଲେ ବି ଶିକ୍ଷାବର୍ଷ ଆରମ୍ଭ ବେଳକୁ ଏହି ବୃତ୍ତିରାଶି ବିଭାଗ ପକ୍ଷରୁ ପଠାଇ ଦିଆଯାଇଥିଲା। ମାତ୍ର ଚଳିତ ବର୍ଷ ଜୁନ୍ ମାସ ଅଧା ହୋଇଥିଲେ ହେଁ ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ଦିଆଯାଇ ନାହିଁ। ଏପରିକି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପାଖରେ ଏ ସଂକ୍ରାନ୍ତରେ ତଥ୍ୟ ମଧ୍ୟ ନାହିଁ। କେତେଜଣ ଛାତ୍ରଛାତ୍ରୀ ବୃତ୍ତିରାଶି ପାଇବାକୁ ଯୋଗ୍ୟ, ସେନେଇ ତଥ୍ୟ ଦେବାକୁ ସମସ୍ତ ଜିଲ୍ଲା ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଅପରପକ୍ଷରେ ପ୍ରି-ମାଟ୍ରିକ୍ ସ୍କୋଲାରସିପ୍ ପାଇଁ ଛାତ୍ରମାନଙ୍କୁ ମାସିକ ୧୦୫୦ ଟଙ୍କା ଓ ଛାତ୍ରୀଙ୍କୁ ୧୧୦୦ ଟଙ୍କା ଦିଆଯାଉଛି। ଯାହା ସମୁଦ୍ରକୁ ଶଙ୍ଖେ। ମଧ୍ୟାହ୍ନରେ ଓ ରାତିରେ ୨ଟି ମିଲ୍ ସମେତ ସକାଳେ ଓ ଅପରାହ୍ଣରେ ୨ ଥର ଜଳଖିଆ ପ୍ରଦାନ କରାଯାଉଛି। ଅର୍ଥାତ୍ ଦିନକୁ ୪ଥର ଅର୍ଥାତ୍ ମାସକୁ ୧୨୦ ଥର ପିଲାମାନେ ଖାଉଛନ୍ତି। ପ୍ରତି ଥର ଖାଇବା ପିଛା ୮ରୁ ୯ ଟଙ୍କା ମଧ୍ୟରେ ପଡୁଛି। ଏହି ଅର୍ଥରେ କିପରି ପଲାଙ୍କୁ କେଉଁ ପ୍ରକାରର ସୁଷମ ଖାଦ୍ୟ ପ୍ରଦାନ କରାଯାଉଛି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ମାନସିକ, ଶାରିରୀକ ଓ ବୌଦ୍ଧିକ ବିକାଶ ପାଇଁ ସୁଷମ ଓ ପୁଷ୍ଟିକର ଖାଦ୍ୟ ଆବଶ୍ୟକ। ହେଲେ ହଷ୍ଟେଲ୍‌ରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ପରିମାଣରେ ତାହା ମିଳି ପାରୁ ନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ଅନୁଦାନକୁ ବଢ଼ାଇବାକୁ ମଧ୍ୟ ସେମାନେ ଦାବି କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ଏପିଆର କନଷ୍ଟେବଲ ମୃତ

**ବିଷମ କଟକ, ୧୩।୬ (ସମିସ):** ନିର୍ମାଣାଧୀନ ଘରର ଛାତ ଉପରେ ପାଲ ବିଛାଉଥିବା ବେଳେ ୧୧କେଭି ବିଦ୍ୟୁତ୍ ଆଘାତରେ ଜଣେ ଏପିଆର କନ୍‌ଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ହାଜାରୀଡାଙ୍ଗ ସଦର ପଞ୍ଚାୟତରେ। ସୂଚନାନୁଯାୟୀ, ବିଷମକଟକ ଥାନାରେ କାର୍ଯ୍ୟରତ ଏପିଆର



କନ୍‌ଷ୍ଟେବଲ ତଥା କୋର୍ଟଗାର୍ଡ ରଞ୍ଜନ କୁମାର ସାହୁକାର(୨୨) ତାଙ୍କ ନିଜ ଗାଁ ହାଜାରୀଡାଙ୍ଗରେ ଘର ତିଆରି କରୁଥିଲେ। ଗୁରୁବାର ଦିନ ସେହି ଘର ସ୍ଲାପରେ ଗ୍ରୀଡିଙ୍ଗ ପକାଯାଇଥିଲା। ସେ ଦିନ ରାତି ପ୍ରାୟ ୧୦ଟାରେ ବର୍ଷା ଆରମ୍ଭ ହୋଇଥିଲା। ବର୍ଷାରେ ଗ୍ରୀଡିଙ୍ଗ ନଷ୍ଟ ହେଇଯିବା ଆଶଙ୍କାରେ ରଞ୍ଜନ ପାଲ ଘୋଡ଼ାଇବା ପାଇଁ ଛାତ ଉପରକୁ ଯାଇଥିଲେ। ସେତିକିବେଳେ ଟିକିଏ ଅସାବଧାନତା ଯୋଗୁଁ ଛାତ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାରକୁ ସେ ଛୁଇଁ ଦେଇଥିଲେ। ତାଙ୍କୁ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ



ଡେରାବିଶ,୧୩।୬(ସମିସ): ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ଆନ୍ତର୍ଜାତିକ ସମବାୟ ବର୍ଷ ଓ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ସମିତି ମାଧ୍ୟମରେ ଚାଷୀଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ୍ ସମବାୟ ସମିତି କର୍ମଚାରୀ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କର୍ମଚାରୀ ସଂଘ ସଭାପତି ସମବାୟବିତ୍ ଗୌରାଙ୍ଗ ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡେରାବିଶ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତି ମଲ୍ଲିକ, ମୁଖ୍ୟବକ୍ତା ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କାନ୍ତ ସାହୁ, ସମ୍ମାନିତ ଅତିଥିଭାବେ ଡେରାବିଶ ବିଡିଓ ନମିତା ବାରିକ, ଏମ୍ଆଇ ସ୍ୱରୁପ ଦାସ, ନିରଞ୍ଜନ ମଙ୍ଗରାଜ, ଚାନ୍ଦୋଳ ସିସିବି ଶାଖା ପରିଚାଳକ ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କାର ଇନ୍‌ପୁଟ୍ ସବସିଡ଼ି ପ୍ରଦାନ, ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସୁଲଭ ମୂଲ୍ୟରେ ବିହନ, ସାର, ଔଷଧ ଯୋଗାଣ, ସମବାୟ ସମିତିରେ କମନ ସର୍ଭିସ୍ ସେଣ୍ଟର ଓ ଜନଔଷଧି କେନ୍ଦ୍ର ଖୋଲିବା ଦ୍ୱାରା ଚାଷୀ ବେଶ୍ ଉପକୃତ ହୋଇପାରୁଥିବା ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ଦାନପୁର ସମବାୟ ସମିତି ସମ୍ପାଦକ ସୁବ୍ରତ କୁମାର ନାୟକ, କୁଶିଆପାଳ ସମ୍ପାଦକ ମୃତ୍ୟୁଞ୍ଜୟ ଦାସ, କାଉପଡ଼ା ସମ୍ପାଦକ ସୁମନ ସଙ୍ଗୀତା ଦାସ, ରଘୁଦେଇପୁର ସମ୍ପାଦକ ଜୟପ୍ରକାଶ ସ୍ୱାଇଁ, ଏଣ୍ଡରର ମନୋରଞ୍ଜନ ସାହୁଙ୍କ ସମେତ ବ୍ଲକ ଅନ୍ତର୍ଗତ ସମସ୍ତ ସମବାୟ ସମିତିର ସମ୍ପାଦକ, ସଭାପତି ଓ କର୍ମଚାରୀ ପରିଚାଳନା କରିଥିଲେ। ଶରତ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇରେ କିଶୋରୀ ସୁଭଦ୍ରା ଦିବସ ପାଳିତ



ପଟ୍ଟାମୁଣ୍ଡାଇ,୧୩।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳିତ ହୋଇଯାଇଛି। ସିଡିପିଓ ଲକ୍ଷ୍ମୀମଣି ସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି, ବିଡିଓ ଅଶୋକ ମହାନ୍ତି ମୁଖ୍ୟବକ୍ତା ଓ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅଙ୍ଗନବାଡି ସୁପରଭାଇଜର ତିଳୋତ୍ତମା ରାଉତରାୟ, ତୁଳସୀ ଦାସ ଖୁଲଣା ସୁନ୍ଦରୀ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ୧୦ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ଅଦ୍ୱିକା କିଶୋରୀଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଓ ସେମାନେ ଆଗକୁ ବଢିଲେ ଦେଶ ଓ ରାଜ୍ୟ ବିକଶିତ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ।

ଏହି ଅବସରରେ କିଶୋରୀଙ୍କୁ ନେଇ ରଜ ଉତ୍ସବ ପାଳନ କରାଯାଇ ପୁଚି, ରଜ ମୁକୁଟ, ଅଳତା ଲଗା, ନୃତ୍ୟ, ସଂଗୀତ ଆଦି ପ୍ରତିଯୋଗିତା କରାଯିବା ସହିତ ପାରମ୍ପରିକ ରଜ ପିଠା, ପାନ, ଦୋଳି ଓ ସେଲ୍ଫି ଆଦି ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କିଶୋରୀଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଇସିଡିଏସ ପୋଷଣ ବ୍ଲକ ସଂଯୋଜିକା ସୋନାଲି ପରିଡା ଓ ଆଇସିଡିଏସ ଏସଏଚଡି ସୁଭଦ୍ରା ଶତାବ୍ଦୀ ରାଉତରାୟ ପରିଚାଳନା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ସମସ୍ତ ଅଙ୍ଗନବାଡି କର୍ମୀ ଓ କିଶୋରୀମାନେ ଯୋଗ ଦେଇଥିଲେ।

### ଅବହେଳିତ ଡେରାବିଶ ଶିଳ୍ପାଞ୍ଚଳ

# କରତକଳ କ୍ଲଷ୍ଟରକୁ ନାହିଁ ଭଲ ରାସ୍ତା

ଡେରାବିଶ,୧୩।୬(ସମିସ)



ଶିଳ୍ପ ବିହୀନ ଜିଲ୍ଲା ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ସମଗ୍ର ଓଡ଼ିଶାରେ ଜଣାଶୁଣା। ତେବେ ୧୨ ବର୍ଷ ପୂର୍ବେ ସରକାରଙ୍କ ପକ୍ଷରୁ ଜିଲ୍ଲା ଅନ୍ତର୍ଗତ ସମସ୍ତ ବ୍ଲକ୍‌ରେ ସରକାରୀ ଭାବେ ଚାଲିଥିବା କରତ କଳକୁ ନିଜ ନିୟନ୍ତ୍ରଣକୁ ଆଣିବା ପାଇଁ ଡେରାବିଶ ବ୍ଲକ୍‌ର ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ବଳଭଦ୍ରପୁରଠାରେ ଏକ କରତ କଳ କ୍ଲଷ୍ଟର ସ୍ଥାପନ କରିଥିଲେ। ଏହି କ୍ଲଷ୍ଟରଟି ଇଡ୍‌କୋ ବିଭାଗ ଅଧୀନରେ ପ୍ଲଟିଂ କରାଯାଇ ଆରମ୍ଭରୁ ୭ରୁ ୮ଟି କରତ କଳ ପ୍ରତିଷ୍ଠା କରାଯାଇଥିଲା। ପରେ ଧିରେ ଧିରେ ଏହି କ୍ଲଷ୍ଟରରେ କରତ କଳ ସଂଖ୍ୟା ବଢ଼ି ଏବେ ୨୦ରୁ ଊର୍ଦ୍ଧ୍ୱ ହୋଇଗଲାଣି। ଏହି କ୍ଲଷ୍ଟରକୁ ପ୍ରତିଦିନ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ପଡ଼ୋଶୀ ଯାଜପୁର ଓ କଟକ ଜିଲ୍ଲାରୁ ଶହଶହ ଲୋକ ସେମାନଙ୍କ ଗୃହ ଉପକରଣ ଓ ଜାଳେଣୀ ପାଇଁ କାଠ ଗଣ୍ଡି ଧରି ଚିରଟ ପାଇଁ ଆସିଥା'ନ୍ତି। ହେଲେ ଏହି କରତ କଳ କ୍ଲଷ୍ଟର ଏବେ ଅବହେଳିତ ହୋଇପଡ଼ିଛି। କ୍ଲଷ୍ଟରକୁ ଭଲ ରାସ୍ତା ନାହିଁ। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

ଏହି କ୍ଲଷ୍ଟର ନିର୍ମାଣ ଦିନଠାରୁ ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ଏହି କ୍ଲଷ୍ଟର ପାଶ୍ୱର୍ରେ ଯେଉଁ ରାସ୍ତା ରହିଛି, ସେ ରାସ୍ତାକୁ ସ୍ଥାନୀୟ ଗ୍ରାମବାସୀ ସେମାନଙ୍କ ଗ୍ରାମଦେବତୀଙ୍କ ନିକଟକୁ ଯିବା ପାଇଁ ବ୍ୟବହାର କରିଥା'ନ୍ତି। ଏହି ମାଟି ରାସ୍ତାରେ କରତ କଳ କ୍ଲଷ୍ଟରର ମାଲିକମାନେ ହାତରୁ ପଇସା ଖର୍ଚ୍ଚ କରି ମାଟି ଓ ମୋରମ ପକାଇ ଚଳାଚଳ ଉପଯୋଗୀ କରିଥା'ନ୍ତି। ଚଳିତ ବର୍ଷ କରତ କଳ କ୍ଲଷ୍ଟର ମାଲିକ ଗୋଡ଼ି ମୋରମ ପକାଇ ନିର୍ମାଣ କରିଥିବା ଏହି ରାସ୍ତାରେ ଜାତୀୟ ରାଜପଥକୁ ନିକଟସ୍ଥ ବିଲରୁ ମାଟି ପରିବହନ କରୁଥିବା ହାଇୱା ଚଳାଚଳ କରି ବଡ଼ ବଡ଼ ଗାଡ଼ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି। ଏହି ରାସ୍ତାକୁ ସୁଦୃଢ଼ ଓ ମରାମତି କରିବା ପାଇଁ ସ୍ଥାନୀୟ ପଞ୍ଚାୟତବାସୀ ବାରମ୍ବାର ସରକାରଙ୍କ ନିକଟରେ ଦାବି କରିଆସୁଥିଲେ ମଧ୍ୟ କରତ କଳ କ୍ଲଷ୍ଟର ନିର୍ମାଣ ଦିନଠାରୁ ଆଜି ପର୍ଯ୍ୟନ୍ତ କେବେବି ସରକାରଙ୍କ ପକ୍ଷରୁ ଏହାକୁ ନିର୍ମାଣ କି ମରାମତି କରାଯାଇନାହିଁ। ହେଲେ ସରକାରୀ ଆଇନ ଅନୁଯାୟୀ କୌଣସି ଶିଳ୍ପାଞ୍ଚଳ ପ୍ରତିଷ୍ଠା ହେଲେ ସେହି ଶିଳ୍ପାଞ୍ଚଳକୁ ପ୍ରଥମେ ଏକ ସୁଦୃଢ଼ ରାସ୍ତା, ବିଦ୍ୟୁତ୍ ଓ ପାନୀୟ ଜଳର ସୁବନ୍ଦୋବସ୍ତ କରାଯିବା କଥା। କିନ୍ତୁ କରତକଳ କ୍ଲଷ୍ଟର ନିର୍ମାଣକୁ ୧୨ ବିତିଯାଇଥିଲେ ମଧ୍ୟ ଏହି ଶିଳ୍ପାଞ୍ଚଳକୁ ନା ଭଲ ରାସ୍ତା ଅଛି ନାଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଏହି ଶିଳ୍ପାଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକ ଓ ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ନିଜ ଘରୁ ବିଶୁଦ୍ଧ ପାଣି ଆଣି ସେମାନଙ୍କର ତୃଷ୍ଣା ମେଣ୍ଟାଇଥା'ନ୍ତି। ଏଥିସହିତ ଏହି କ୍ଲଷ୍ଟରକୁ ସୁବ୍ୟବସ୍ଥିତ ଢଙ୍ଗରେ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇନାହିଁ। ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଶିଳ୍ପାଞ୍ଚଳକୁ ସରକାର ଦୃଷ୍ଟିଦେଇ ଯାତାୟାତ ଉପଯୋଗୀ ରାସ୍ତା, ବିଶୁଦ୍ଧ ପାନୀୟଜଳ ଓ ସୁବ୍ୟବସ୍ଥିତ ଢଙ୍ଗରେ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୋହାରେ ଓଡ଼ିଆ ଶ୍ରମିକ ନିଖୋଜ

ଆଳି,୧୩।୬(ସମିସ): ପରିବାର ପ୍ରତିପୋଷଣ ପାଇଁ ବିଦେଶ ଯାଇଥିବା ଓଡ଼ିଆ ଶ୍ରମିକଙ୍କ ଦୀର୍ଘ ୧୯ ବର୍ଷ ଧରି ପତ୍ତା ମିଳୁନାହିଁ। ପୁଅକୁ ଚାହିଁ ଚାହିଁ ପୂର୍ବରୁ ବାପା ମୃତ୍ୟୁବରଣ କରିଥିବାବେଳେ ମାଆ ମୃତ୍ୟୁବରଣ କଲେ। ଏବେ ଭାଇର ଫେରିବା ବାଟକୁ ଚାହିଁ ବସିଛନ୍ତି ବଡ଼ଭଉଣୀ। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଗୋପୀନାଥପୁର ଶାସନ ଗ୍ରାମର ସ୍ୱର୍ଗତ ପଦ୍ମନାଭ ଷଡ଼ଙ୍ଗୀଙ୍କ ପୁଅ ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ ୨୦୦୬ ମେ' ୨୫ ତାରିଖରେ ବିଦେଶକୁ କାମ କରିବା ନିମନ୍ତେ ଯାଇଥିଲେ। କାତାରର ଦୋହାରେ ଏକ ଘରୋଇ କମ୍ପାନୀରେ ୪ ମାସ କାମ କରିବା ପରେ ଅନ୍ୟତ୍ର କାମ କରିବାକୁ ଯାଇଥିବା ନେଇ ଘର ଲୋକଙ୍କୁ ସୂଚନା ଦେଇଥିଲେ।

ଉକ୍ତ କମ୍ପାନୀ ଛାଡି ଚାଲି ଆସିବା ପରେ ତାଙ୍କର କୌଣସି ଖବର କି ସୂଚନା ମିଳିପାରିନାହିଁ। ଇତିମଧ୍ୟରେ ୯ ବର୍ଷ ବିତିଯାଇଥିଲେ ପୁଅର ଫେରିବା ବାଟକୁ ଚାହିଁ ରହି ତାଙ୍କ ମାଆ ସୁଲୋଚନା ଷଡ଼ଙ୍ଗୀଙ୍କ ୨୦୧୨ ଡିସେମ୍ବର ୬ ତାରିଖରେ ଦେହାନ୍ତ ହୋଇଯାଇଛି। ଏ ନେଇ ୨୦୧୨ ଅକ୍ଟୋବର ୧୫ ତାରିଖରେ ବୈଦେଶିକ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ ମଧ୍ୟ ଆଜି ଯାଏ ଭାଇର ବାଟକୁ ଚାହିଁ ବସିଛନ୍ତି ପ୍ରଦ୍ୟୁମ୍ନଙ୍କ ବଡ ଭଉଣୀ ଅନୁପମା ପଣ୍ଡା। ଏ ନେଇ ମଧ୍ୟ ଭଉଣୀ ଅନୁପମା ପଣ୍ଡା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ପତ୍ର ଦ୍ୱାରା ତାଙ୍କ ଭାଇକୁ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି।

### ଗାଁ ଗହିରରୁ ଲୋପ ପାଇଗଲାଣି କିଆ ଜଙ୍ଗଲ

# ମିଳୁନି ଆଶ୍ରୟ ସ୍ଥଳ; ବନ୍ୟଜନ୍ତୁଙ୍କ ପାଇଁ ବିପଦ

ଡେରାବିଶ, ୧୩।୬(ସମିସ): ଗାଁ ଗୋହରୀରୁ ଲୋପ ପାଇଗଲାଣି କିଆ ଜଙ୍ଗଲ। ସନ୍ଧ୍ୟା ହେଲେ ଗାଁରେ ଥିବା ଝାଟି ଜଙ୍ଗଲ, ମଝିବିଲ ଓ କିଆବୁଦାରୁ ବିଲୁଆର ହୁକେହୋ ଶବ୍ଦ ଶୁଣିବାକୁ ମିଳୁଥିଲା, ରାତି ପାହାନ୍ତିଆ ଏମାନେ ରାବ ଦେବା ଦ୍ୱାରା ରାତିର ସମୟ ଜାଣି ହେଉଥିଲା। ଏବେ ପରିସ୍ଥିତିରେ ଓଲଟପାଲଟ ହୋଇଯାଇଛି। ଗାଁରେ ଆଉ ନାହିଁ କିଆବୁଦା। କିଆ ଜଙ୍ଗଲ ଲୋପ ପାଇଯାଇଥିବାରୁ ଆଶ୍ରୟ ସ୍ଥଳ ଅଭାବରୁ ଗାଡ଼ି ଧକ୍କାରେ ବନ୍ୟପାଣିଙ୍କ ଜୀବନ ଯାଉଛି। ଏଥିସହ କିଆ ମଧ୍ୟ ଘରୋଇ ବ୍ୟବହାରରେ ଲାଗୁଥିଲା। ତେଣୁ କିଆ ଜଙ୍ଗଲ ସୃଷ୍ଟି କରାଯିବାକୁ ପରିବେଶପ୍ରେମୀ ଦାବି ଉଠାଉଛନ୍ତି।



ନଦୀ କୂଳେ କୂଳେ ହଜାର ହଜାର ସଂଖ୍ୟାରେ କିଆବୁଦା ଥିଲା। ସ୍ୱାର୍ଥନ୍ୱେସୀ ମଣିଷ ନିଜର ସୁବିଧା ପାଇଁ ଚାଷଜମି କଡ଼ରେ ଥିବା ଗୋହରୀରୁ କିଆବୁଦା ହାଣି କିମ୍ବା ନିଆଁ ଲଗାଇ ସଫା କରିଦେଉଛନ୍ତି। ଫଳରେ ଏହି କିଆ ଜଙ୍ଗଲରେ ରହୁଥିବା ବିଲୁଆ, କୋକିଶିଆଳି, ଗୋଧି ଆଦି ଜନ୍ତୁ ଏବେ ଆଶ୍ରୟସ୍ଥଳ ଅଭାବରୁ ବାହାରକୁ ଆସି ମୃତ୍ୟୁମୁଖରେ ପଡ଼ୁଛନ୍ତି। କିଆବୁଦା ଲୋପପାଇବା ଓ ଗ୍ରାମ୍ୟ ଜଙ୍ଗଲର ଉଚ୍ଛେଦ ପରେ ବିଲୁଆ ବାସସ୍ଥଳୀ ଖୋଜିବାରେ ଲାଗିପଡ଼ିଛନ୍ତି। ଆଶ୍ରୟସ୍ଥଳ ନ ପାଇ ଏହି ଜନ୍ତୁ ଗାଁ ଗହଳିରେ ପଶିବା ସହ ରାଜରାସ୍ତାରେ ବୁଲୁଛନ୍ତି। ଫଳରେ ସେମାନେ ବହୁ ସମୟରେ ବିଭିନ୍ନ ଯାନ ତଳକୁ ଆସି ଦୁର୍ଘଟଣାରେ ମରିବା ସହ ଛୋଟ ଛୋଟ ଗାଡ଼ି ଚାଳକଙ୍କୁ ମଧ୍ୟ ଦୁର୍ଘଟଣାଗ୍ରସ୍ତ କରାଉଛନ୍ତି। ତେବେ ବିଲୁଆ ଓ କୋକିଶିଆଳି ଭଳି ଜୀବ ଚାଷୀଙ୍କ ମିତ୍ର ହୋଇଥିବାବେଳେ ସେମାନେ କ୍ଷେତରେ ରହୁଥିବା ଚାଷୀଙ୍କ ଶତ୍ରୁ ମୂଷା ବଂଶକୁ ମାରି ଖାଇଥା'ନ୍ତି। ଯଦ୍ୱାରା ମୂଷା ଦାଉରୁ ଫସଲ ରକ୍ଷା ପାଇପାରିଥାଏ। କିଆବୁଦାରେ କେବଳ ବିଲୁଆ, କୋକିଶିଆଳି ଭଳି ଜଙ୍ଗଲୀ ଜନ୍ତୁ ବାସ କରନ୍ତି, ସେ କଥା ନୁହେଁ; କିଆବୁଦାର ଉପକାରିତା ମଧ୍ୟ ଯଥେଷ୍ଟ ବେଶୀ। ଏହା ପରିବେଶ ଦୃଷ୍ଟିକୋଣରୁ ଅତ୍ୟନ୍ତ ଅନୁକୂଳ। କିଆ ଚୋରରେ ଲୋକମାନେ ଘର ଛପର କରୁଥିଲେ। କିଆ ଚେରକୁ କାଟି ଶୁଖାଇ ଘର ଛପରରେ ବ୍ୟବହାର ହେଉଥିଲା। ଏତଦ୍‌ବ୍ୟତୀତ କିଆ ପତ୍ରରେ ଶପ ତିଆରି ହେଉଥିଲା। ଯାହାର ଚାହିଦା ଖରାଦିନେ ବହୁତ ବେଶୀ। ତେଣୁ କିଆ ଜଙ୍ଗଲ ସୃଷ୍ଟି କରିବା ପାଇଁ ଏବେ ପରିବେଶପ୍ରେମୀ ଦାବି ଉଠାଇଲେଣି। ପରିବେଶବିତ୍‌ଙ୍କ ମତରେ କିଆ ଜଙ୍ଗଲ ସୃଷ୍ଟି ହେବା ନିହାତି ଜରୁରୀ। ସରକାର ତାଳଗଛ ଲଗାଇଲା ଭଳି କିଆ ଜଙ୍ଗଲ ସୃଷ୍ଟି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ଯାହାକି ବନ୍ୟଜନ୍ତୁଙ୍କ ପ୍ରାକୃତିକ ଆବାସ ସ୍ଥଳ ତିଆରି ହେବ ଓ ପରିବେଶର ଭାରସାମ୍ୟ ରକ୍ଷା ହୋଇପାରିବ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ପଟ୍ଟାମୁଣ୍ଡାଇ,୧୩।୬(ସମିସ): ରାଜ୍ୟ ଅବକାରୀ ବିଭାଗ ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା 'ଆମ ସଂକଳ୍ପ ନିଶା ନୁହେଁ, ଆମ ଜୀବନ' ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇରେ ଅନୁଷ୍ଠିତ ହୋଇଯାଇଛି।

କଟକ-ଚାନ୍ଦବାଲି ରାସ୍ତାର ନୂତନ ବାଇପାସର ବିଜୁ ପଟ୍ଟନାୟକ ଛକରେ ଅନୁଷ୍ଠିତସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ, ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ଇନ୍ସପେକ୍ଟର ପଦ୍ମଲୋଚନ ନାୟକ, ପଟ୍ଟାମୁଣ୍ଡାଇ ଅବକାରୀ ଥାନା ଓଆଇସି ଛାୟାକାନ୍ତ ନାୟକ, ଆଳି ଅବକାରୀ ଥାନା ଓଆଇସି ନରେଶ କୁମାର ପଣ୍ଡା, ପଟ୍ଟାମୁଣ୍ଡାଇ ଅବକାରୀ ଥାନା ଏଏସଆଇ ଟୁକୁନା ପ୍ରଧାନ, ଏଏସଆଇ ରେଣୁକା ମଲିକଙ୍କ ସମେତ ପଟ୍ଟାମୁଣ୍ଡାଇ ଥାନା କର୍ମଚାରୀ ଓ କେନ୍ଦ୍ରାପଡା ଆରଟିଓ ପ୍ରମୁଖ ଯୋଗ ଦେଇ ଲୋକଙ୍କୁ ନିଶାଦ୍ରବ୍ୟ ସେବନ ନ କରିବା ପାଇଁ ପରାମର୍ଶ ଦେବା ସହିତ ଗାଡି ଚାଳକଙ୍କୁ ନିଶା ଦ୍ରବ୍ୟ ସେବନ କରି ଗାଡି ନ ଚଳାଇବା ପାଇଁ ସଚେତନ କରାଇଥିଲେ।

## ଦୁର୍ଘଟଣାରେ ମୃତ ସରପଞ୍ଚଙ୍କ ପରିବାରକୁ ଭେଟିଲେ ବିଧାୟକ



ପଟ୍ଟାମୁଣ୍ଡାଇ,୧୩।୬(ସମିସ): ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପଟ୍ଟାମୁଣ୍ଡାଇ ବ୍ଲକ ନୀଳକଣ୍ଠପୁର ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାୟାଙ୍କ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ। ବିଧାୟକ ଶ୍ରୀ ସାହୁଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ସରପଞ୍ଚ ସଂଘ ସଭାପତି ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ବାଛରା ସରପଞ୍ଚଙ୍କ ପ୍ରତିନିଧି ଲିପୁ ରାଉତ, ଯୁବନେତା ବାପୁ ଷଡଙ୍ଗୀ, ସଂଗ୍ରାମ ସ୍ୱାଇଁ, ଶଶୀକାନ୍ତ ପଣ୍ଡା ପ୍ରମୁଖ ମୃତ ସରପଞ୍ଚଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଥିଲେ।

### ଉଦୟନଗର ପାଟନାଳୀ ପୋଲ କାମ ବିଳମ୍ବ

# ବିପଦପୂର୍ଣ୍ଣ ଅସ୍ଥାୟୀ ରାସ୍ତା, ଲୋକେ ହୀନସ୍ତା

ଡେରାବିଶ, ୧୩।୬(ସମିସ): ଡେରାବିଶ ବ୍ଲକ୍ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କଲେଜ ଛକରୁ ବାହାରିଥିବା କେନ୍ଦ୍ରାପଡ଼ା-ଗୋଲରାହଟ ରାସ୍ତାର ଉଦୟନଗରଠାରେ ରହିଥିବା ପାଟନାଳୀ ଉପରେ ଆରଡି ବିଭାଗ ପକ୍ଷରୁ ପୋଲ ନିର୍ମାଣ ଚାଲିଛି। ତେବେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ପୋଲ କାମ ଆଗେଇପାରୁନି। ଫଳରେ ଦୀର୍ଘ ୬ ମାସ ଧରି ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।



କେନ୍ଦ୍ରାପଡ଼ା ଗୋଲରାହାଟ ରାସ୍ତାଟି ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାବେଳେ ଡେରାବିଶ ବ୍ଲକ କାର୍ଯ୍ୟାଳୟ, ଡେରାବିଶ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଡେରାବିଶ କୃଷି ବିଭାଗ କାର୍ଯ୍ୟାଳୟ, ଡେରାବିଶ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଜିଲ୍ଲା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ସୁଦର୍ଶନ ହାଇସ୍କୁଲ, କେନ୍ଦ୍ରାପଡ଼ା କଲେଜ, କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଦୈନିକ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟାତ କରିଥା'ନ୍ତି। ଠିକାଦାର ଜଣକ ଉଦୟନଗରଠାରେ ପାଟନାଳୀ ପୋଲକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରୁଛନ୍ତି। ନିର୍ମାଣ ଆରମ୍ଭ ସମୟରେ ଏହି ବ୍ୟସ୍ତବହୁଳ ରାସ୍ତାରେ ଲୋକଙ୍କ ଯାତୟତ ପାଇଁ ସଠିକ ଭାବେ ଏକ ଆପ୍ରୋଚ ରୋଡ୍ ନିର୍ମାଣ ନ କରି ଅଣଓସାରିଆ ଓ ତୀକ୍ଷଖ ଭାବେ ଏକ ଆପ୍ରୋଚରୋଡ୍ ନିର୍ମାଣ କରିଥିଲେ। ଏହି ବିପଦସଙ୍କୁଳ ଓ ତୀକ୍ଷଖ ଭାବେ ନିର୍ମିତ ଆପ୍ରୋଚ ରୋଡ୍‌ରେ ସେତେବେଳେ ବହୁ ସାଇକଲ୍ ଓ ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏବେ ପୋଲ ନିର୍ମାଣ କାମ ସରିଯାଇଥିଲେ ମଧ୍ୟ ପୋଲକୁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇନାହିଁ। ଗତ ତିନିଦିନ ହେବ ଲାଗିରହିଥିବା କାଳବୈଶାଖୀ ବର୍ଷାରେ ଏହି ଆପ୍ରୋଚରୋଡ୍‌ଟି ଏତେ ମାତ୍ରାରେ ବିପଦସଙ୍କୁଳ ପାଲଟିଛି ଯେ, କୌଣସି ସାଇକଲ୍ କିମ୍ବା ବାଇକ୍ ଆରୋହୀ ଏହି ବାଟଦେଇ ଗଲେ, ସେ ନିଶ୍ଚିତ ଭାବେ ଅଣାୟତ ହୋଇ ଗୋବରୀ ନଦୀକୁ ଖସିପଡ଼ିବ। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା କଥା, ଏଠାରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବାରୁ ଆମେ ଠିକାଦାରଙ୍କୁ ଏହି ଆପ୍ରୋଚରୋଡ଼କୁ ସଠିକ୍ ଢ଼ଙ୍ଗରେ ନିର୍ମାଣ କରିବା ପାଇଁ ଯେତେ କହିଲେ ମଧ୍ୟ ସେ ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି। ଏଥିସହିତ ଏହି ନୂତନ ନିର୍ମିତ ପୋଲର ସଂଯୋଗୀକରଣ ରାସ୍ତା ହୋଇ ନ ଥିବାରୁ ଏହାର ଦୁଇପଟରେ ସୁରକ୍ଷାବାଡ଼ ମଧ୍ୟ ନିର୍ମାଣ କରାଯାଇନାହିଁ। ରାତିରେ ଯଦି କୌଣସି ବାଇକ୍ ଆରୋହୀ ଏହି ରାସ୍ତାଦେଇ ଯାଆନ୍ତି ତେବେ ସୁନିଶ୍ଚିତ ଦୁର୍ଘଟଣାର ସମ୍ମୁଖୀନ ହେବେ। ଏଥିପାଇଁ ଠିକାଦାର ଦାୟୀ ରହିବେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରଛିନ୍ତି। ତୁରନ୍ତ ଏହି ପୋଲର ସଂଯୋଗୀକରଣ ରାସ୍ତା ନିର୍ମାଣ କରି ଲୋକଙ୍କ ଚଳାଚଳର ସୁବିଧା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆଳିରେ ନକଲି ମୃଦ୍ୟୁ ପାନୀୟ ବିକ୍ରି ଅଭିଯୋଗ

ଆଳି,୧୩।୬(ସମିସ): ଆଳିରେ ବିନା ଲାଇସେନ୍ସରେ ଏକାଧିକ ନକଲି ମୃଦ୍ୟୁ ପାନୀୟ ସହ ପାଣିପାଉଚ କମ୍ପାନୀ ଦିନକୁ ଦିନ ବଢ଼ିବାରେ ଲାଗିଛି। ମିନେରାଲ ଜଳ ସାଙ୍ଗକୁ ବିଭିନ୍ନ ପ୍ରକାର ନକଲି ଥଣ୍ଡା ଓ ସୋଡା ଆଦି ପାନୀୟ ଜଳର ବେନାମୀ କାରଖାନା ଓ ବିକ୍ରି ବେଧଡକ ଭାବେ ଚାଲିଛି। ବିନା ଲାଇସେନ୍ସ ଓ ବିନା ଟେଷ୍ଟିଂରେ ଏହି ନକଲି ଥଣ୍ଡା ପାନୀୟକୁ ଉତ୍ପାଦନ କରୁଥିବା ଦୋକାନୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଆଳି ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଉ ନ ଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।



ଏହି ନକଲି ପାଣି ଓ ଥଣ୍ଡା ସେବନ କରିବା ଦ୍ୱାରା ଲୋକମାନେ ବିଭିନ୍ନ ପ୍ରକାରର ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକାଂଶ ଦୋକାନରେ ମିଳୁଥିବା ବେନାମୀ କମ୍ପାନୀର ମୃଦ୍ୟୁ ପାନୀୟ ସହ ପାଣି ପାଉଚ, ବୋତଲ ପାଣି, ଥଣ୍ଡା ବିକ୍ରି ହେଉଛି। ସେହି କମ୍ପାନୀ ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ପାଣି ଓ ଥଣ୍ଡା ପ୍ୟାକିଂ କରୁଛନ୍ତି କି ନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି। ବଜାରରେ ବିକ୍ରି ହେଉଥବା କିଛି ପାଣି ବୋତଲ, ଥଣ୍ଡା ଓ ପାଣି ପାଉଚ ଉପରେ ଏହାର ଅବଧି ସମ୍ପର୍କରେ କୌଣସି ସୂଚନା ନାହିଁ। ଅପରପକ୍ଷେ ଏଠିକାର କେତେକ ବେନାମୀ କାରଖାନାର ମାଲିକ ଅଧିକ ଲାଭ ପାଇବା ଆଶାରେ ବାହାରୁ ନାମିଦାମୀ କମ୍ପାନୀର ଲୋଗୋ ଥିବା ଜରି ଓ ଖାଲି ବୋତଲ କ୍ରୟ କରି ଶ୍ରମିକଙ୍କ ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶରେ ଦୂଷିତ ଜଳ ସାଥିରେ ବିଭିନ୍ନ ପ୍ରକାର ଥଣ୍ଡାର ଫ୍ଲେଭର ପାଣିରେ ମିଶାଇ ସେଥିରେ କିଛି ଗ୍ୟାସ ଭର୍ତ୍ତି କରି ବୋତଲକୁ ସିଲ କରି ବଜାରକୁ ଛାଡୁଛନ୍ତି। ପାଣି ଓ ଥଣ୍ଡା ଉତ୍ପାଦନ କରିବା ପାଇଁ ସରକାରଙ୍କ ଏକାଧିକ ନିୟମ ରହିଛି। କମ୍ପାନୀର ଟ୍ରେଡମାର୍କ, ପାଣିର ଟେଷ୍ଟିଂ ସାର୍ଟିଫିକେଟ, ଲାବ୍ରୋଟାରୀ ସାର୍ଟିଫିକେଟ, ବିଏସ୍ଆଇ, ଆଇଏସ୍ଆଇ ମାନ୍ୟତା ସାର୍ଟିଫିକେଟ, ଫୁଡ୍ ଲାଇସେନ୍ସ ଆଦି ନିୟମ ରହିଛି। ଏଠାରେ ତଥାକଥିତ ବେନାମୀ ମୃଦୁ ପାନୀୟ ଓ ଆଞ୍ଚଳିକ ପାଣି କମ୍ପାନୀ ଉପରୋକ୍ତ ସର୍ତ୍ତାବଳୀକୁ ଗୁରୁତ୍ୱ ନଦେଇ କେବଳ ଲୋକଦେଖାଣିଆ ଭାବେ ଫୁଡ ଲାଇସେନ୍ସ ହାତେଇ ପାଣି ଉତ୍ପାଦନ ହେଉଥିବା କାରଖାନା କାନ୍ଥରେ ଟାଙ୍ଗିବା ସହ ମନଲୋଭା ପ୍ୟାକିଂ ଦେଇ ବେପାର ଚଳାଇ ଆସୁଛନ୍ତି। ଏହି ମୃଦୁ ପାନୀୟ, ପାଣି ପାଉଚ୍ କିଛି ଦିନ ରହିବା ପରେ ଗନ୍ଧ ବାହାରୁଥିବାବେଳେ ସ୍ୱାଦ ମଧ୍ୟ ଅଲଗା ଲାଗୁଥିବା ସାଧାରଣରେ ଅଭିଯୋଗ ହେଉଛି। ପାଣି ଓ ଥଣ୍ଡା ପ୍ୟାକିଂ ପୂର୍ବରୁ ଏହାର ନମୁନା ବିଆଇସି ଲ୍ୟାବକୁ ପଠାଇ ଏହାର ଗୁଣବତ୍ତା ଯାଞ୍ଚ କରିବା ଆବଶ୍ୟକତା ରହିଛି। ସ୍ଥାନୀୟ ପୁଲିସ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ବେନାମୀ ପାଣି ଓ ଥଣ୍ଡା ପ୍ରସ୍ତୁତକାରୀ କାରଖାନା ଓ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

■ ଟାଙ୍ଗିଆ ଚୋଟରେ ମହିଳାଙ୍କ ମୃତ୍ୟୁ ଘଟଣା

## ଅଭିଯୁକ୍ତ ସ୍ୱାମୀକୁ ଗିରଫ କଲା ପୁଲିସ

ପାଲଲହଡ଼ା, ୧୩।୬(ସମିସ): ଟାଙ୍ଗିଆ ଚୋଟରେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀର ମୃତ୍ୟୁ ଘଟଣାରେ ପାଲଲହଡ଼ା ଥାନା ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପେଚାମୁଣ୍ଡି ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ସିଧୁ ମୁଣ୍ଡା। ଗତ ୪ ତାରିଖ ସିଧୁ ଓ ତାଙ୍କ ସ୍ତ୍ରୀ ଗୀତା ମୁଣ୍ଡାଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସିଧୁ ଏକ ଟାଙ୍ଗିଆରେ ଗୀତାଙ୍କ ମୁଣ୍ଡକୁ ହାଣିଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଶୋଚନୀୟ ଥିବାରୁ ସେଠାରୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୦ ତାରିଖ ଗୀତାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପଟେ ସିଧୁ ଘଟଣା ଦିନରୁ ଫେରାର ଥିଲେ। ତାଙ୍କ ଧରିବା ପାଇଁ ଏସ୍‌ଡିପିଓ କୈଳାସ ସେଠୀଙ୍କ ନେତୃତ୍ୱରେ ଏକି ପୁଲିସ ଟିମ୍ ଗଠନ କରାଯାଇଥିଲା। ଶୁକ୍ରବାର ପୁଲିସ ସିଧୁଙ୍କୁ ତାଙ୍କ ପୈତୃକ ଗାଁ କେନ୍ଦୁଝର ଜିଲ୍ଲା ନୟାକୋଟ ଥାନା ମରସୁଆଁରୁ ଗିରଫ କରିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଗୋବିନ୍ଦ ଚନ୍ଦ୍ର ମିଶ୍ର ଘଟଣାର ତଦନ୍ତ କରୁଥିବା ବେଳେ ସିଧୁଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପବିତ୍ର ମୋହନଙ୍କ ୩୮ ତମ ଶ୍ରାଦ୍ଧବାର୍ଷିକୀ ପାଳିତ

ପବିତ୍ରନଗର/କଣିହାଁ, ୧୩।୬(ସମିସ)

କଣିହାଁ ବ୍ଲକ ଅନ୍ତର୍ଗତ ପବିତ୍ରନଗରରେ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିଠାରେ ଶୁକ୍ରବାର ୩୮ତମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳଙ୍କ ନିର୍ଦ୍ଦେଶ କ୍ରମେ କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବିଜେଡି କାର୍ଯ୍ୟାଳୟଠାରୁ ପଦଯାତ୍ରା ବାହାରି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଯୋଗଦେଇଥିଲେ।



କର୍ଣ୍ଣପାଳ ପଞ୍ଚାୟତ ବିଜେଡି ସଭାପତି ଦେବରାଜ ପ୍ରଧାନ, ପରାବିଲ ସଭାପତି ବିରଞ୍ଚି ନାରାୟଣ ସାହୁ, ବୀରୁ ସଭାପତି ଅବନୀକାନ୍ତ ଦେହୁରୀ, ବୁରୁକୁନା ସଭାପତି ତପନ ବେହେରା, କୁଲେଇ ସଭାପତି ସତ୍ୟାନନ୍ଦ ଗଡ଼ନାୟକ, ପର୍ଶୁରାମ ବିଶ୍ୱାଳ, ଧ୍ରୁବଚରଣ ବିଶ୍ୱାଳ, ଦିବାକର ସାହୁ, କରୁଣାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ଯୁବ ବିଜେଡି ସଭାପତି ସୁବାସ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ପବିତ୍ର ମୋହନ ପ୍ରଧାନଙ୍କ ଜନ୍ମମାଟି ପୋଇପାଳ ଗ୍ରାମ, କାକୁଡ଼ିଆ ଗ୍ରାମ, ରେଙ୍ଗାଳି ପବିତ୍ର ମୋହନ କଲେଜ, ସାନତ୍ରିବିଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ତାଙ୍କ ୩୮ ତମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

## ୧୭ରେ ସାହାଣୀ କପ୍ ପାଇଁ ଖେଳାଳି ଚୟନ

ଅନୁଗୋଳ, ୧୩।୬(ସମିସ): ଆସନ୍ତା ଜୁଲାଇ ୧୫ରୁ ରାଜ୍ୟରେ ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ଅନୁଗୋଳ ଦଳ ଚୟନ କରାଯିବ। ଆସନ୍ତା ୧୭ ତାରିଖ ପିଟିସି ଖେଳପଡ଼ିଆରେ ଜିଲ୍ଲା ପ୍ରଶାସନ ତଥା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଦିନିକିଆ ଆନ୍ତଃ ଉପଖଣ୍ଡସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆଗ୍ରହୀ ଖେଳାଳିମାନେ ସବିଶେଷ ବିବରଣୀ ପାଇଁ ଅନୁଗୋଳ ଜିଲ୍ଲା କ୍ରୀଡ଼ା ଅଧିକାରୀ କିମ୍ବା ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌର ଗୋବିନ୍ଦ ସାମନ୍ତଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରମଦାନ କାର୍ଯ୍ୟକ୍ରମ



ଅନୁଗୋଳ, ୧୩।୬(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରମଦାନ କାର୍ଯ୍ୟକ୍ରମ ସ୍ୱରୂପ ଶୁକ୍ରବାର ସାମୂହିକ ସଫେଇ ଅନୁଷ୍ଠିତ ହୋଇଛି। ଅନୁଗୋଳ ପୌରପାଳିକା ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଡୁଡା ପ୍ରକଳ୍ପ ଅଧିକାରୀ ଦେବଦତ୍ତ ମହନ୍ତ, ଏପିଡି (ଅର୍ଥ) ଅବିନାଶ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ସମେତ ଜିଲ୍ଲା ପ୍ରଶାସନ ତଥା ପୌର କର୍ମଚାରୀ ବହୁ ସଂଖ୍ୟାରେ ଯୋଗଦେଇ ଜିଲ୍ଲା କାର୍ଯ୍ୟାଳୟ ସଫେଇ କରିଥିଲେ। ନିର୍ଦ୍ଦିଷ୍ଟ ବ୍ୟବଧାନରେ ଏହି ସଫେଇ କାର୍ଯ୍ୟକ୍ରମ ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ତ୍ରିପାଠୀ କହିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଅନୁଗୋଳ, ୧୩।୬(ସମିସ): ଅନୁଗୋଳ ଜିଲ୍ଲା ନାଲକୋ ଥାନା ଅନ୍ତର୍ଗତ ନାଲକୋ-ବେନ୍ତପୁର ରାସ୍ତା ବାଙ୍କୀ ହଟିଂ ନିକଟରେ ଏକ ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ହେଲେ ତେନ୍ତେଲା ହଟିଂର ଶିଲି ମାର୍ଣ୍ଡି। ପୁଲିସ ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ଶିଲି ଶାଶୂ ଶଶୁରଙ୍କ ସହ ତେନ୍ତେଲା ହଟିଂରେ ରହୁଥିଲେ। ତାଙ୍କ ସ୍ୱାମୀ ବୁଦ୍ଧା ନାଥ ସୋରେନ୍ ହାଇଦରାବାଦରେ ଏକ ଘରୋଇ ସଂସ୍ଥାରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଅଛନ୍ତି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ଜଣେ ମାନୁ ମାଝୀ ତାଙ୍କୁ ହତ୍ୟାକରି ଗଛରେ ଝୁଲାଇ ଦେଇଥିବା ଶଶୁର ଘର ଲୋକେ ପ୍ରକାଶ କରିଛନ୍ତି।

## ବିମାନ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ, ୧୩।୬(ସମିସ): ଅହମଦାବାଦଠାରେ ଗୁରୁବାର ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତଙ୍କୁ ଢେଙ୍କାନାଳ ଜିଲ୍ଲା ଓକିଲ ସଙ୍ଘ ତରଫରୁ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ



କରାଯାଇଛି। ଏକ ଶୋକସଭା ଆୟୋଜନ କରାଯାଇ ନିରବ ପ୍ରାର୍ଥନା କରାଯିବା ସହ ନିରପେକ୍ଷ କମିଟି ଗଠନ କରାଯାଇ ଏହି ଦୁର୍ଘଟଣାର ତଦନ୍ତ କରିବାକୁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଶୋକସଭାରେ ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କୁମାର କବିଶତପଥୀ, ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ନବକିଶୋର ଗୁରୁ, ସୁବୋଧ ମହାନ୍ତି, ବିଜେଶ ରାଉତ, ସଞ୍ଜୟ କୁମାର ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

■ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

## ସିଭିଲ ଅଦାଲତରେ ସଚେତନତା କାର୍ଯ୍ୟକ୍ରମ




ଆଠମଲ୍ଲିକ, ୧୩।୬(ସମିସ): ଆଠମଲ୍ଲିକ ସିଭିଲ ଅଦାଲତ ପରିସରରେ ଗୁରୁବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଉପଲକ୍ଷେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାରଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଠମଲ୍ଲିକ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବାଳାଶ୍ରମ ଛାତ୍ରମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ଶିଶୁମାନଙ୍କ ସୁରକ୍ଷା ଓ ଶିଶୁମାନଙ୍କୁ ଶ୍ରମିକ କାର୍ଯ୍ୟରୁ ନିବୃତ୍ତ ରଖାଯିବା ନେଇ ଆଲୋଚନା କରାଯାଇଥିଲା। ଶିଶୁମାନଙ୍କୁ ଶ୍ରମିକ କାର୍ଯ୍ୟରେ ଲିପ୍ତ କରାଗଲେ ସେଥିପାଇଁ ଆଇନର କେଉଁସବୁ ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୁତାର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିଜେଏମ ସିଙ୍କୁନ ରାୟ, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ, ଆଠମଲ୍ଲିକ ଓକିଲସଂଘ ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ସମ୍ପାଦକ ଅର୍ଜୁନ ରାଉଳ ଓ କ୍ରିମିନାଲ ବାର ସଭାପତି ଅଞ୍ଜନ କୁମାର ପ୍ରଧାନ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ରବୀନ୍ଦ୍ର କୁମାର ଥାଟି, ରାଜେଶ କୁମାର କର୍ମୀ, ଗଗନ କୁମାର କର୍ମୀଙ୍କ ସମେତ ସ୍ଥାନୀୟ ବାଳାଶ୍ରମର ପରିଚାଳିକା ସଙ୍ଗୀତା ମହାନ୍ତି, କାଉନସିଲର ବିଷ୍ଣୁପ୍ରିୟା ବେହେରା, ହିସାବ ରକ୍ଷକ ଅମ୍ରିତା ସିଂହ, ଅଦାଲତ କର୍ମଚାରୀ ସିଦ୍ଧାର୍ଥ କୁମାର ମହାନ୍ତି, ଅମିତ କୁମାର ନାୟକ, ଗୋବିନ୍ଦ କୁମାର ମାର୍ଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛେଣ୍ଡିପଦା ବ୍ଲକରେ ଗଡ଼ିଲା ବିକାଶ ବାହାନ

ଛେଣ୍ଡିପଦା, ୧୩।୬(ସମିସ): ରାଜ୍ୟରେ ବିଜେପି ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ରାଜ୍ୟବ୍ୟାପୀ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିସି ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ଏହି ବିକାଶ ବାହାନ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ




ପକ୍ଷରୁ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପରିସରରେ ବିଡିଓ ଅରବିନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ବାହାନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ସାଂସଦଙ୍କ ପ୍ରତିନିଧି ବିଜୟ ମାଝୀ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ ପ୍ରମୁଖ ଯୋଗଦେଇ ସୁସଜ୍ଜିତ ବିକାଶ ବାହାନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ବିକାଶ ବାହାନ ଛେଣ୍ଡିପଦା, ମାଛକୁଟା ଓ ବସନ୍ତପୁର ପଞ୍ଚାୟତ ଗସ୍ତ କରିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ହିମାଂଶୁ ଶେଖର ନାୟକ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଞ୍ଜନ ସେଠୀ, ଜିପିଓ ସୁବ୍ରତ କୁମାର ସାହୁଙ୍କ ସମେତ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ସୁଭଦ୍ରା ଶକ୍ତି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସହିଦ ମାନସଙ୍କ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଦେଲେ ସେନାଧିକାରୀ



ଅନୁଗୋଳ, ୧୩।୬(ସମିସ): ୨୦୨୫ କାରଗିଲ ବିଜୟ ଦିବସର ଅବ୍ୟବହିତ ପୂର୍ବରୁ ସେନାର ୮ ମାଉଣ୍ଟେନ୍ ଡିଭିଜନ ପକ୍ଷରୁ ଯୁଦ୍ଧରେ ସହିଦ ହୋଇଥିବା ସମସ୍ତ ୫୨୭ ସହିଦଙ୍କ ପରିବାର ଲୋକଙ୍କୁ ଭେଟିବା ସହ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ଏହି କ୍ରମରେ ଶୁକ୍ରବାର ନାଏବ୍ ସୁବେଦାର ଏକେ ଓଝା ଏବଂ ହାବିଲଦାର ସାହିଲ କୁମାର ପୁରୁଣାଗଡ଼ସ୍ଥିତ ସହିଦ ମାନସ ରଞ୍ଜନ ସାହୁଙ୍କ ସ୍ମୃତିପୀଠରେ ପହଞ୍ଚି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସହିଦ ମାନସଙ୍କ ମା' ବସନ୍ତମଞ୍ଜରୀ ଦେବୀଙ୍କୁ ମଧ୍ୟ ସେମାନେ ସେନା ପକ୍ଷରୁ ଦିଆଯାଇଥିବା ସ୍ମୃତିଫଳକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗାଁର ବହୁ ଛାତ୍ରଛାତ୍ରୀ, ଏନସିସି କ୍ୟାଡେଟ, ଗ୍ରାମବାସୀ ଏବଂ ମାନସଙ୍କ ଭାଇ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କାରଗିଲ-ଦ୍ରାସ୍ ସେକ୍ଟରରେ ଚଳିତବର୍ଷ ପାଳନ ହେବାକୁ ଥିବା ଜାତୀୟସ୍ତରୀୟ କାରଗିଲ ବିଜୟ ଦିବସରେ ଯୋଗଦେବାକୁ ମାନସଙ୍କ ପରିବାର ସଦସ୍ୟଙ୍କୁ ସେନା ପକ୍ଷରୁ ଆମନ୍ତ୍ରଣ କରାଯାଇଛି।

## ଦୋକାନରେ ଚଢ଼ଉ; ୧୦ ହଜାର ଟଙ୍କା ଜରିମାନା

ତାଳଚେରସଦର, ୧୩।୬(ସମିସ): ତାଳଚେର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ମିଠା ଦୋକାନଗୁଡ଼ିକରେ ଅତର୍କିତ ଚଢ଼ଉ କରାଯାଇଛି। ହାଟତୋଟା, ବାଇପାସ୍, ବହ୍ଳର, ଚାଇଁପାଳ, ତାଳଚେର ଟାଉନରେ ଚଢ଼ଉ କରାଯାଇ ବାସିଖାଦ୍ୟ, ରଙ୍ଗମିଶ୍ରିତ ଖାଦ୍ୟ, ଫାଷ୍ଟଫୁଡ୍‌ର ବିଭିନ୍ନ ପ୍ରକାର ଖାଦ୍ୟ ଯାଞ୍ଚ କରାଯାଇଥିଲା। ଖାଦ୍ୟରେ ଅପମିଶ୍ରଣ କରୁଥିବା ବ୍ୟବସାୟଙ୍କଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ତାଳଚେର ଅଞ୍ଚଳରେ ଖାଦ୍ୟ ନାଁରେ ଅଖାଦ୍ୟ ପରଷାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା। ଏହି ଆଧାରରେ ଶୁକ୍ରବାର ଖାଦ୍ୟ ନିରାପତ୍ତା ବିଭାଗର ହରପ୍ରିୟା ବେହେରା ଓ ସୁମିତ ସୌଭର ପରିଡ଼ାଙ୍କ ନେତୃତ୍ୱରେ କର୍ମଚାରୀ ବାନାମ୍ବର ପ୍ରଧାନ, ଶିବନ୍ତ ଖଣ୍ଡଗିରି ଚଢ଼ଉ କରିଥିଲେ।



## ଏନ୍‌ସିସି ତାଲିମ ଶିବିର ଉଦ୍‌ଯାପିତ



ତାଳଚେର, ୧୩।୬(ସମିସ): କଟକ ଗ୍ରୁପ କମାଣ୍ଡର ଏନସିସି ଅଧୀନରେ ଥିବା ୧୨-ଓଡ଼ିଶା ଏନସିସି ବାଟାଲିୟନ ତରଫରୁ ବାର୍ଷିକ ତାଲିମ ଶିବିର ଗତ ୩ ତାରିଖରୁ ସ୍ଥାନୀୟ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ କ୍ୟାମ୍ପ କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ କର୍ଣ୍ଣେଲ ମାନସ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇ ୧୨ ତାରିଖ ଉଦଯାପିତ ହୋଇଛି। ଶିବିରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୬୦୫ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। କଟକ ଏନ୍‌ସିସିର ଗ୍ରୁପ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଶିବିର ପରିଦର୍ଶନ କରିଥିଲେ। ଏନ୍‌ସିସି କ୍ୟାଡେଟମାନଙ୍କ ବଳିଷ୍ଠ ନେତୃତ୍ୱ ଦେଶର ପ୍ରଗତିରେ ସହାୟକ ହେବ ବୋଲି ମତବ୍ୟକ୍ତ କରିବା ସହିତ ଶୃଙ୍ଖଳା, ସଂଯମ ଓ ସଦାଚାର ପ୍ରଭୃତି ଗୁଣ କ୍ୟାଡେଟମାନଙ୍କ ଆବଶ୍ୟକ ବୋଲି ମାର୍ଗଦର୍ଶନ କରିଥିଲେ। ଶିବିରରେ ବନ୍ଧୁକଚାଳନା, ଚାରାରୋପଣ, ଡ୍ରିଲ, ମ୍ୟାପ ରିଡିଂ, ୱେପନ ଟ୍ରେନିଂ, ନେଷ୍ଟ ପିଟିଂ ଇତ୍ୟାଦି ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୨ ଜଣ ଏନ୍‌ସିସି ଅଧିକାରୀ, ୧୩ ଜଣ ପିଆଇ ଷ୍ଟାଫ ତାଲିମ ପ୍ରଦାନ କରିଥିଲେ। କ୍ୟାମ୍ପ କମାଣ୍ଡାଣ୍ଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ ଯୋଗଦେଇ କ୍ୟାଡେଟମାନଙ୍କୁ ଶୃଙ୍ଖଳିତ ଓ ସାୟାନୁବର୍ତ୍ତୀ ହେବାକୁ ପ୍ରେରଣା ଦେଇଥିଲେ। ଏନ୍‌ସିସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହାୟତା କରିଥିଲେ।

## ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଅନୁଗୋଳ, ୧୩।୬(ସମିସ): ସ୍ଥାନୀୟ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଅନୁଷ୍ଠିତ 'ବିକାଶ ମେଳା'ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସ୍ଥାନୀୟ କଳାକାରମାନେ ସଙ୍ଗୀତ, ନୃତ୍ୟ, ନାଟକ ମାଧ୍ୟମରେ ଦେଶ ଓ ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ ଉଜାଗର କରିଛନ୍ତି। ପ୍ରଥମ ଦିନରେ ଅନୁଗୋଳର ନୃତ୍ୟ ନୀଳୟ, ବଅଁରପାଳର ନ୍ୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀ ଓ ତାଳଚେରର ଅମୃତ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ବାଦିପାଲା, ଦଣ୍ଡନୃତ୍ୟ ଆୟୋଜନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ତତ୍ତ୍ୱାବଧାନରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଜରଡ଼ା କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ

କଣିହାଁ, ୧୩।୬(ସମିସ)

ଅନୁଗୋଳ ଜିଲ୍ଲା କଣିହାଁ ଖୋଲାମୁହଁ କୋଇଲା ଖଣିର ଜରଡ଼ା ମୁଖ୍ୟ ଫାଟକଠାରେ ୮ ଦଫା ଦାବିରେ ଜରଡ଼ା କ୍ଷତିଗ୍ରସ୍ତ ପ୍ରଜା ଶୁକ୍ରବାର ଆନ୍ଦୋଳନ କରିଛନ୍ତି। ଫଳରେ ଖଣିରେ କୋଇଲା ଉତ୍ତୋଳନ ଓ ପରିବହନ ବାଧାପ୍ରାପ୍ତ ହୋଇଛି। ଜରଡ଼ା ଗ୍ରାମ୍ୟ କମିଟି ସଭାପତି ସଚ୍ଚିଦାନନ୍ଦ ଦେହୁରୀଙ୍କ ନେତୃତ୍ୱରେ ସକାଳ ୭ଟାରୁ ଆନ୍ଦୋଳନ ଚାଲିଛି। ଆନ୍ଦୋଳନରେ ଶତାଧିକ ପୁରୁଷ/ମହିଳା ସାମିଲ ହୋଇଛନ୍ତି। କଣିହାଁ ଖଣି ଭୂଅର୍ଜନ ଅଧିକାରୀ, ବରିଷ୍ଠ ଅଧିକାରୀ ଓ କଣିହାଁ ପୁଲିସ୍ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୭ଟାରେ) କଣିହାଁ ତହସିଲ ଅଫିସରେ ଆଲୋଚନା ଜାରି ରହିଛି। ଖଣି କର୍ତ୍ତୃପକ୍ଷ, କ୍ଷତିଗ୍ରସ୍ତ ପ୍ରଜା, ପୁଲିସ ଓ ସ୍ଥାନୀୟ ପ୍ରଶାସନ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

ଜରଡ଼ା ଗ୍ରାମ୍ୟ କମିଟିର ଅଭିଯୋଗ ମୁତାବକ, ଖଣି କର୍ତ୍ତୃପକ୍ଷ ମେ ୧୫ ସୁଦ୍ଧା ସମସ୍ୟା ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଗତ ମାସ ୨୨ ଓ ୨୪ ତାରିଖ ଏମ୍‌ସିଏଲ ପକ୍ଷରୁ ଆୟୋଜିତ ସବ୍‌କମିଟି ବୈଠକରେ ସମସ୍ୟା ସମାଧାନ ନେଇ ଆଲୋଚନା ହୋଇଥିଲା। କିନ୍ତୁ ଆଲୋଚନା ମୁତାବକ ଖଣି କର୍ତ୍ତୃପକ୍ଷ ଦାବି ପୂରଣ କରି ନ ଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ପଥରମୁଣ୍ଡା ରକବାରେ ଜରଡ଼ା କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ଥଇଥାନ, ରାସ୍ତା, ପାଚେରି ନିର୍ମାଣ ସହ ଉନ୍ନତୀକରଣ, ବଳକା ନିଯୁକ୍ତି, କ୍ଷତିପୂରଣ ଆଦି ୮ ଦଫା ଦାବିରେ ବହୁବାର ଆନ୍ଦୋଳନକୁ ଓହ୍ଲାଇଥିଲେ କ୍ଷତିଗ୍ରସ୍ତ। ଦାବି ପୂରଣ ପାଇଁ ଏମ୍‌ସିଏଲ୍ ପକ୍ଷରୁ ବାରମ୍ବାର ଲିଖିତ ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ତାହା ପାଳନ କରାଯାଉ ନ ଥିବାରୁ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବଡ଼କେରା ଜନଜାଗରଣ ମଞ୍ଚ ପକ୍ଷରୁ ଚାରାରୋପଣ

ଅନୁଗୋଳ, ୧୩।୬(ସମିସ): ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବଡ଼କେରା ପଞ୍ଚାୟତ ଜନ ଜାଗରଣ ମଞ୍ଚପକ୍ଷରୁ ବଡ଼କେରା କଲେଜ ପରିସରରେ ଚାରାରୋପଣ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଞ୍ଚ ସଭାପତି ଅଚ୍ୟୁତାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼କେରା ସରପଞ୍ଚ ହାଡ଼ିବନ୍ଧୁ ବେହେରା ମୁଖ୍ୟଅତିଥି, ବନ୍ତଲା ଥାନା ଅଧିକାରୀ ନଟବର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକମୁକ୍ତ ସମାଜ ଗଠନ, ମା' ପାଇଁ ଗଛଟିଏ ଆହ୍ୱାନରେ ଅନୁପ୍ରାଣିତ ହୋଇ ଉତ୍ତମ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୨୪-୨୫ ବର୍ଷ ପାଇଁ ଗତ ୫ ତାରିଖ ଭୁବନେଶ୍ୱରରେ



ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ପରିବେଶ ସୁରକ୍ଷା ଓ ସଚେତନତା କାର୍ଯ୍ୟ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବଡ଼କେରା ଜନ ଜାଗରଣ ମଞ୍ଚକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଷତ୍ରିୟ ମହାସଂଘ ସଭାପତି ସୁବୋଧ କୁମାର ସିଂହ, ପୂର୍ବତନ ମାଟିଆସାହି ସରପଞ୍ଚ ସନାତନ ସାହୁ, ପଣ୍ଡିତ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ, ଜଙ୍ଗଲ ବିଭାଗ ପକ୍ଷରୁ ରତ୍ନପର୍ଣ୍ଣା ବିଶ୍ୱାଳ, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ ପରିବେଶ ସୁରକ୍ଷା ଉପରେ ସଚେତନ କରିଥିଲେ।

# ସମ୍ପାଦକୀୟ



ଐତିହ୍ୟ ଉପରେ ବୋଝ ହୁଅ ନାହିଁ କିମ୍ବା ବୋଝ ବୋଲି ଚିନ୍ତା କର ନାହିଁ।
-ରବି ରବର୍ଟସନ୍

## ଦୁଃଖଦ ଉଡ଼ାଣ

ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆର ୧୭୧ ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ୨୩୦ ଯାତ୍ରୀ ଓ ୧୨ ବିମାନ କର୍ମଚାରୀ ପ୍ରାଣ ହରାଇଥିବାର ଅନୁମାନ କରାଯାଉଛି। ତେବେ ଏହି ଦୁଃଖଦ ଘଟଣାକ୍ରମରେ ଚକିତ କଲା ଭଳି ଗୋଟିଏ ଖବର ହସ୍ତଗତ ହୋଇଛି। ସିଟ୍ ନମ୍ବର ୧୧ ଏ ଯାତ୍ରୀ ରମେଶ ବିଶ୍ୱାସକୁମାର ଏକମାତ୍ର ବ୍ୟକ୍ତି ଯେ କି ଜୀବିତାବସ୍ଥାରେ ଦୁର୍ଘଟଣାଗ୍ରସ୍ତ ବିମାନରୁ ବାହାରି ଆସି ନିଜର ପରିଚୟ ଦେଇଥିଲେ। ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ସେ କଥା କହିବାକୁ ସକ୍ଷମ ଥିବାରୁ ତାଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଛି। ୨୩୦ ଯାତ୍ରୀଙ୍କ ମଧ୍ୟରେ ଥିଲେ ୬୯ ଜଣ ଭାରତୀୟ, ୫୩ ବ୍ରିଟିଶ, ଜଣେ କାନାଡ଼ା ଓ ୭ ଜଣ ପର୍ତ୍ତୁଗୀଜ୍ ନାଗରିକ। ଯାତ୍ରୀବାହୀ ବିମାନଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଆନ୍ତର୍ଜାତିକ ବିମାନ ବନ୍ଦର ସଂଲଗ୍ନ ବିଜେ ମେଡିକାଲ କଲେଜ୍‌ର ଛାତ୍ରାବାସ ନିକଟରେ ଜ୍ୱଳନ୍ତ ଅବସ୍ଥାରେ ପଡ଼ିଯିବାରୁ ବହୁସଂଖ୍ୟାରେ ମେଡିକାଲ ଛାତ୍ର ମଧ୍ୟ ମୃତାହତ ହୋଇଛନ୍ତି।

ବୋଇଂ ୮୭୮ ଡ୍ରିମଲାଇନର ବିମାନର ଟ୍ରାକରେକର୍ଡକୁ ଅନୁଧ୍ୟାନ କଲେ ତାହାର ନିରାପଦତା ନେଇ କୌଣସି ଆପତ୍ତି କିମ୍ବା ଅଭିଯୋଗ ନାହିଁ। କମ୍ପାନୀ ପକ୍ଷରୁ ୧୨ ଶହ ଯାତ୍ରୀବାହୀ ବିମାନ ମଧ୍ୟରୁ ଏହା ପ୍ରଥମ ବିମାନ ଯାହାକି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଗୁରୁବାର ମଧ୍ୟାହ୍ନ ୧-୩୮ ମିନିଟ୍‌ରେ ବିମାନ ୨୩ ନମ୍ବର ରନୱେରୁ ଯାତ୍ରା ଆରମ୍ଭ କରିଥିଲା। ସେ ସମୟରେ ମଧ୍ୟ କୌଣସି ଅସ୍ୱାଭାବିକତା ପରିଲକ୍ଷିତ ହୋଇ ନଥିଲା। ତେବେ ୬୨୫ ଫୁଟ ଉଚ୍ଚରେ ବିମାନ ଥିବା ବେଳେ ତାହାର ଗତିଶୀଳତା ହଠାତ୍ ବାଧାପ୍ରାପ୍ତ ହୋଇଥିଲା। ସମ୍ଭାବ୍ୟ ବିପଦ ଆଶଙ୍କାରେ ବିମାନ ଚାଳକ ତୁରନ୍ତ ସାହାଯ୍ୟ ପାଇଁ ଏୟାର ଟ୍ରାଫିକ କଣ୍ଟ୍ରୋଲ ରୁମ୍‌କୁ ଫୋନ କରିଥିଲେ, ଯାହାକୁ 'ମେଡେକଲ' କୁହାଯାଏ। କିନ୍ତୁ ବିମାନ ମିନିଟ ପିଛା ୧୭୫ ଫୁଟ ଗତିରେ ପତନାଭିମୁଖୀ ଥିବାରୁ ଏଟିସିର ପାଲଟା କଲ୍ ଶୁଣିବାକୁ ସମୟ ନଥିଲା। ସେତେବେଳେ ବିମାନଟି ମେଡିକାଲ କଲେଜ ପରିସରରେ ପଡ଼ି ଗୋଟିଏ ଅଗ୍ନିପିଣ୍ଡୁଳା ଭଳି ଜଳୁଥିଲା। ଏହି ବିମାନର ଚାଳକ ଥିଲେ କ୍ୟାପଟେନ ସୁମିତ ସବରୱାଲ ଓ ସହଯୋଗୀ କ୍ଲାଇଭ୍ କୁନ୍ଦର। ସବରୱାଲ ଜଣେ ସୁଦକ୍ଷ ଓ ଅଭିଜ୍ଞ ବିମାନ ଚାଳକ। ୮୨୦୦ ଘଣ୍ଟା ବିମାନ ଚାଳନା କରିଥିବାର ଅଭିଜ୍ଞତା ତାଙ୍କର ଅଛି। ସେହିଭଳି ସହଚାଳକ କୁନ୍ଦର ମଧ୍ୟ ୧୧ ଶହ ଘଣ୍ଟା ବିମାନ ଚାଳନା କରିଛନ୍ତି। ତେଣୁ ଏହି ଦୁର୍ଘଟଣା ପଛରେ କିଛି ବୈଷୟିକ ତ୍ରୁଟି ଥିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ବିମାନ ଉର୍ଦ୍ଧ୍ୱକୁ ଯିବା ପରିବର୍ତ୍ତେ କ୍ରମେ ତଳମୁହାଁ ହୋଇ ଖସୁଥିବାର ଲକ୍ଷ୍ୟ କରି ଚାଳକ ସହାୟତା ପାଇଁ 'ମେଡେକଲ' କରିଥିଲେ। ବିମାନରେ ଥିବା ଦୁଇଟି ଯାକ ଇଞ୍ଜିନ କୌଣସି କାରଣରୁ ଉଡ଼ାଣର ବେଗ ବୃଦ୍ଧି କରିବାକୁ ସକ୍ଷମ ହୋଇନଥିଲେ। ଦୁର୍ଘଟଣାର ପରିଦୃଶ୍ୟ ଯାହା, ସେଥିରୁ ସ୍ପଷ୍ଟ ହୋଇଛି ଯେ ବିମାନର ବ୍ଲାକବକ୍ସ ସୁରକ୍ଷିତ ଅଛି। ସେଥିରେ ରେକର୍ଡିଂ ହୋଇଥିବା ତଥ୍ୟ ହିଁ ଦୁର୍ଘଟଣାର ଅସଲ କାରଣ ଉନ୍ମୋଚନ କରିବ। ଦୁର୍ଘଟଣା ସ୍ଥଳରେ ଡିଜିସିଏ ଓ ଏନ୍‌ଆଇଏ ପରିସ୍ଥିତି ଯାଞ୍ଚ ଓ ତଦନ୍ତ ଆରମ୍ଭ କରିଛନ୍ତି।

ଆମ ଦେଶରେ ଏହା ଅନ୍ୟତମ ବଡ଼ ବିମାନ ଦୁର୍ଘଟଣା। ସେଥିରେ ପୁଣି ସମସ୍ତଙ୍କ ଆଖିଆଗରେ ଦୁର୍ଘଟଣାଗ୍ରସ୍ତ ବିମାନଟି ନିକଟସ୍ଥ ମେଡିକାଲ କଲେଜ ପରିସରରେ ଖସିପଡ଼ିବା ଘଟଣାକୁ ଅନେକ ବରଦାସ୍ତ କରିପାରି ନାହାନ୍ତି। ତେଣୁ ସାମ୍ଭାବ୍ୟ କାରଣକୁ ନେଇ ବିଭିନ୍ନ ମହଲରେ ତର୍ଜମା ଆରମ୍ଭ ହୋଇଯାଇଛି। ବିମାନରେ କ'ଣ ଆବଶ୍ୟକତାଠାରୁ ଅଧିକ ଇନ୍ଧନ ଥିଲା, ଯାହା ଫଳରେ ଇଞ୍ଜିନ ଭାର ବହନ ସକାଶେ ଅକ୍ଷମ ଥିଲା? ଏମିତିରେ ଅହମ୍ମଦାବାଦ ବିମାନ ବନ୍ଦରରେ ପକ୍ଷୀଙ୍କ ଯୋଗୁଁ ଉଡ଼ାଣ ବାଧାପ୍ରାପ୍ତ ହେବା ଘଟଣା ଅପେକ୍ଷାକୃତ ଅଧିକ। ତେବେ ବିମାନରେ ଥିବା ଦୁଇଟିଯାକ ଇଞ୍ଜିନ୍‌ରେ କ'ଣ ପକ୍ଷୀ ଆଘାତ ଦେଇଥିଲେ? କାରଣ ଗୋଟିଏ ଇଞ୍ଜିନରେ ଆଘାତ ଲାଗିଲେ ମଧ୍ୟ ଦ୍ୱିତୀୟଟି ବିମାନକୁ ପୁଣି ରନୱେକୁ ଫେରାଇ ଆଣିବା ପାଇଁ କୌଣସି ଅସୁବିଧା ହେବ ନାହିଁ। ସ୍ୱାଭାବିକ ପାଣିପାଗ, ପୁଣି ମଧ୍ୟାହ୍ନ ସମୟ, ତେଣୁ ପ୍ରତିକୂଳ ପରିସ୍ଥିତିର ସମ୍ଭାବନା ଊଣା। ବିମାନ ଚାଳକ ଅସାବଧାନ ଥିଲେ ଏତେ ନିକଟରୁ ସେ 'ମେଡେକଲ' କରିନଥା'ନ୍ତେ। କିନ୍ତୁ ଭିଡିଓ ଫୁଟେଜ୍‌ରୁ ମିଳିଥିବା ଚିତ୍ରରୁ ଉଡ଼ାଣ ବେଳେ କେତେକ ବୈଷୟିକ ତ୍ରୁଟି ପ୍ରତି ବୈମାନିକମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ଯାନ୍ତ୍ରିକ ତ୍ରୁଟି ନା ପାଇଲଟ୍‌ଙ୍କ ଅସାବଧାନତା ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଏନେଇ ଯେତେ ତର୍ଜମା ହେଉଥିଲେ ମଧ୍ୟ ରକ୍ଷଣାବେକ୍ଷଣା ଭଳି ଗୁରୁତର ଦିଗ ପ୍ରତି ଏପର୍ଯ୍ୟନ୍ତ ସେହି ଅଙ୍ଗୁଳି ନିର୍ଦ୍ଦେଶ କରିନାହାନ୍ତି। ଏହି ବିମାନରେ ନୂଆଦିଲ୍ଲୀରୁ ଅହମ୍ମଦାବାଦ ଆସିଥିବା ଯାତ୍ରୀ ଆକାଶ ବତ୍ସ କିନ୍ତୁ ଗୁରୁତର ଅଭିଯୋଗ କରିଛନ୍ତି। ବିମାନର ଟିଭି ଓ ଏସି ଚାଲୁନି। ବୈଷୟିକ ତ୍ରୁଟି ଯୋଗୁଁ ଏହି ବିମାନର ଲଣ୍ଡନଯାତ୍ରା ମେ ୧ ତାରିଖରେ ବାତିଲ ହେବା ପରେ ମେ ୨ ରେ ଯାତ୍ରା କରିଥିଲା। ୧୦/୧୨ ବର୍ଷର ପୁରୁଣା ବିମାନ ଅତିରିକ୍ତ ରକ୍ଷଣାବେକ୍ଷଣା ଦାବି କରୁଥିବା ବେଳେ ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଇ ପାରିନଥିବା ସେ ଦର୍ଶାଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବ୍ରିଟିଶ ପ୍ରଧାନମନ୍ତ୍ରୀ କେ ଷ୍ଟାର୍ମର, ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍‌ଙ୍କ ସମେତ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ଓ ଶାସନମୁଖ୍ୟଙ୍କ ପକ୍ଷରୁ ଭାରତର ବିମାନ ଦୁର୍ଘଟଣାରେ ମୃତାହତଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିମାନ ଦୁର୍ଘଟଣାସ୍ଥଳରେ ଉପସ୍ଥିତ ରହି ଏକମାତ୍ର ଜୀବିତ ଯାତ୍ରୀଙ୍କୁ ସାକ୍ଷାତ କରିବା ସହ ପୋଡ଼ି ଯାଇଥିବା ଯାତ୍ରୀଙ୍କ ତ୍ୱରିତ ଚିହ୍ନଟ ପ୍ରକ୍ରିୟା ଓ ଡିଏନଏ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ବ୍ୟକ୍ତିଙ୍କ ପରିବାର ପିଛା ଟାଟା କମ୍ପାନୀ ୧ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଘୋଷଣା କରିବା ସହ କ୍ଷତିଗ୍ରସ୍ତ ମେଡିକାଲ୍ କଲେଜର ପୁନରୁଦ୍ଧାର କାର୍ଯ୍ୟ ହତକୁ ନେବା ପ୍ରତିଶ୍ରୁତି ଦେଇଛି। ଟାଟା ଏୟାର ଇଣ୍ଡିଆକୁ ଅଧିଗ୍ରହଣ କରିବା ପରେ ଏହା ବୋଧହୁଏ ପ୍ରଥମ ଦୁର୍ଘଟଣା। ତେଣୁ ଆଗାମୀ ଦିନରେ ଏହାର ଯେପରି ପୁନରାବୃତ୍ତି ଘଟେ ସେଥିପ୍ରତି ସଚେତନ ହେବା ଜରୁରୀ।

ଇତିମଧ୍ୟରେ ବିମାନର ଦୁଇଟିଯାକ୍ତ ବ୍ଲାକ୍‌ବକ୍ସକୁ ଉଦ୍ଧାର କରାଯାଇଛି। ସେଥିରୁ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ତେବେ ଏହା ଭିତରେ ଯେଉଁ ଭାବାବେଗ ଓ ଆତ୍ମୀୟତାର ଅନ୍ତ ଘଟିଲା ତାହା ବ୍ଲାକ୍‌ବକ୍ସ ଅନୁସନ୍ଧାନ ପୂରଣ କରିପାରିବ ନାହିଁ। ସମ୍ପୂର୍ଣ୍ଣ ଘଟଣାରେ କିନ୍ତୁ ଭାରତୀୟ ଧର୍ମବିଶ୍ୱାସର ଗୋଟିଏ ଆପ୍ତ ବାକ୍ୟ ପୁଣି ଥରେ ସତ ସାବ୍ୟସ୍ତ ହୋଇଛି - 'ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ'। ଆକାଶରେ ବିମାନ ଦୁର୍ଘଟଣା ଘଟିଲେ କୀଟପତଙ୍ଗ ମଧ୍ୟ ବଞ୍ଚିବାର ସମ୍ଭାବନା ଆଦୌ ନାହିଁ। ଅଥଚ ଜଣେ ବିମାନଯାତ୍ରୀ ବଞ୍ଚିଯିବା ଅଲୌକିକତା ନିଶ୍ଚୟ। ସେହିପରି ଟ୍ରାଫିକ୍ ଜାମ ଯୋଗୁଁ ଯେଉଁ ଯାତ୍ରୀଜଣକ ଠିକ୍ ସମୟରେ ବିମାନଯାତ୍ରାରୁ ବଞ୍ଚିତ ହୋଇଥିଲେ ତାହା ମଧ୍ୟ ଭାଗ୍ୟର ସଂଯୋଗ ବୋଲି କହିବାକୁ ପଡ଼ିବ।

## ଶିଶୁଶ୍ରମ ଓ ଆମର ଦାୟିତ୍ୱ

ଡ. ସମୀର କୁମାର ନନ୍ଦ

୨୦୨୫ ମସିହାର ଅର୍ଦ୍ଧେକ ସରିବା ଉପରେ। ଜାତିସଂଘର ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ୨୦୧୫ ମସିହାରେ ଧାର୍ଯ୍ୟ କରାଯାଇଥିବା ୧୭ ଟି ସ୍ଥାୟୀ ବିକାଶ ଲକ୍ଷ୍ୟର ଅବଧି ସରିବାକୁ ବସିଲାଣି। ସେହି ଲକ୍ଷ୍ୟସୂଚୀର ୮.୭ କ୍ରମାଙ୍କ ଅନୁଯାୟୀ ୨୦୨୫ ମସିହା ସୁଦ୍ଧା ସମସ୍ତ ପ୍ରକାରର ଶିଶୁ ଶ୍ରମିକ ପ୍ରଥାର ନିରାକରଣ ହେବାର ସ୍ଥିରୀକୃତ ହୋଇଥିଲା। କିନ୍ତୁ ବାସ୍ତବ ଚିତ୍ର କ'ଣ ରହିଛି ତାହା ଆମେ କିଛି ଉଦାହରଣରୁ ଜାଣିପାରିବା।

କୌଣସି ରେଳ ଷ୍ଟେସନକୁ ଗଲେ ଅନେକ କୁନି କୁନି ପିଲା ନୁଖୁରା କେଶ ଓ ଛିଣ୍ଡା ପୋଷାକରେ ଇତସ୍ତତ ବୁଲୁଥିବାର ଆମେ ଦେଖିପାରିବା। ବହିଖାତା କିମ୍ବା ଖେଳଣା ବଦଳରେ ଗୋଟିଏ ହାତରେ ଥିବ ଖୋଲା ପାଣି ବୋତଲ ସଂଗ୍ରହର ବସ୍ତା ଓ ଅନ୍ୟ ହାତରେ ଡେଣ୍ଡ୍ରାଇଟ ଅଠାର ଗୋଟିଏ ଗୋଟିଏ ଟ୍ୟୁବ୍। ଏହି ପିଲାମାନେ ଦିନସାରା ଜରି ଓ ଖାଲି ପାଣି ବୋତଲ ସଂଗ୍ରହ କରି କିଛି ପଇସା ରୋଜଗାର କରନ୍ତି, ଯାହାକି ସେମାନଙ୍କ ଖାଇବା ଖର୍ଚ୍ଚକୁ ଭରଣା କରିପାରେ ନାହିଁ ସତ; କିନ୍ତୁ ସ୍ୱଳ୍ପ ମୂଲ୍ୟରେ ମିଳୁଥିବା ମାରାତ୍ମକ ଡେଣ୍ଡ୍ରାଇଟ ଅଠା ଗୋଟିଏ ମିଳିଯାଏ, ଯାହାକୁ ଟିକିଏ ଶୁଙ୍ଘି ଦେଲେ ଭୋକ, ଶୋଷ ଓ ଥଣ୍ଡାରୁ ମୁକ୍ତି ମିଳିଯାଏ। ସେମିତି ରାଜଧାନୀର ଛାତି ଉପରେ ଥିବା ମାଷ୍ଟରକ୍ୟାଣ୍ଟିନ ବସଷ୍ଟାଣ୍ଡ ପରିସର ଓ ଟ୍ରାଫିକ ଲାଇଟ ତଳେ ମାଳମାଳ ଶିଶୁ ଓ କିଶୋର କିଶୋରୀ ଅନାୟାସରେ ଭିକ୍ଷାବୃତ୍ତି କରୁଥିବାର ଘଟଣାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏହି ଭିକ୍ଷାବୃତ୍ତିରେ ଦେଢ଼ବର୍ଷରୁ ଆରମ୍ଭ କରି ତେର/ଚଉଦ ବର୍ଷର କୁନି କୁନି ପିଲା ନିୟୋଜିତ ହୋଇଥା'ନ୍ତି। ଏମାନଙ୍କ କଥା ବୁଝିବା ପାଇଁ କେହି ନାହାନ୍ତି।

ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ପାଇଁ ଚାରୋଟି ମୁଖ୍ୟ ଉପାଦାନର ଆବଶ୍ୟକତା ରହିଛି। ସେଗୁଡ଼ିକ ହେଲା - ୧) ଶିଶୁ ଶ୍ରମିକଙ୍କ ସର୍ବେକ୍ଷଣ, ୨) ଉଦ୍ଧାର ଓ ଥଇଥାନ, ୩) ଆଇନର ସଫଳ ପ୍ରଣୟନ ଓ କାର୍ଯ୍ୟାନୁଷ୍ଠାନ ଏବଂ ୪) ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲକରଣ। ବାସ୍ତବରେ ଏହି ଉପାଦାନଗୁଡ଼ିକର ପ୍ରକୃତ ସ୍ଥିତି କ'ଣ ରହିଛି ତାହା ଉଲ୍ଲେଖ ଅନାବଶ୍ୟକ। ବାସ୍ତବରେ ଶିଶୁ ଶ୍ରମିକମାନଙ୍କର ସଂଖ୍ୟା ସମ୍ପର୍କରେ ପ୍ରକୃତ ତଥ୍ୟ କାହା ପାଖରେ ନାହିଁ। ଶିଶୁ ଶ୍ରମିକଙ୍କ ସର୍ବେକ୍ଷଣ ରାଜ୍ୟ ସରକାରଙ୍କ ଦ୍ୱାରା ୧୯୯୦ ମସିହାଠାରୁ ଅଦ୍ୟାବଧି ମାତ୍ର ଦୁଇଥର ହୋଇଛି। ୧୯୯୦ ମସିହାକୁ 'ବାଳିକାମାନଙ୍କ ପାଇଁ ବର୍ଷ' ବୋଲି 'ସାର୍କ' ତରଫରୁ ପାଳନ କରାଯାଇଥିଲା। ସେଥିପାଇଁ ରାଜ୍ୟ ସରକାର ବାଧ୍ୟ ହୋଇ ଶିଶୁ ଶ୍ରମିକଙ୍କ ସର୍ବେକ୍ଷଣ କରିଥିଲେ। ସେହିପରି ୧୯୯୫-୯୬ ମସିହାରେ ହୋଇଥିବା ରାଜ୍ୟସ୍ତରୀୟ ସର୍ବେକ୍ଷଣରେ ୮, ୩୧, ୬୭୪ ଜଣ ଶିଶୁ ଶ୍ରମିକ ଚିହ୍ନଟ ହୋଇଥିଲେ।

ଶିଶୁ ଶ୍ରମିକଙ୍କ କଲ୍ୟାଣ ପାଇଁ ୧୯୯୪ ମସିହାଠାରୁ ରାଜ୍ୟରେ ପରିଚାଳିତ ହେଉଥିବା ଏକମାତ୍ର କେନ୍ଦ୍ରୀୟ ଅନୁଷ୍ଠାନ 'ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ' ଦ୍ୱାରା ୧୯୯୬-୯୭ ମସିହାଠାରୁ ପ୍ରତି ତିନିବର୍ଷରେ ଥରେ ସର୍ବେକ୍ଷଣ କରାଯାଇ ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ, ଉଦ୍ଧାର ଓ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ଥଇଥାନ ଓ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଯାଉଥିଲା। କିନ୍ତୁ ୨୦୨୧ ମସିହାଠାରୁ ସେହି ଅନୁଷ୍ଠାନକୁ ଚକ୍ରାନ୍ତ କରି ବନ୍ଦ କରି ଦେବା ଦ୍ୱାରା ବର୍ତ୍ତମାନ ଶିଶୁଶ୍ରମିକଙ୍କ କୌଣସି ତଥ୍ୟ କାହା ପାଖରେ ନାହିଁ କି କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ଆଇନ ପ୍ରଣୟନ କଥା ବିଚାରକୁ ନେଲେ ଆମେ ଜାଣିପାରିବା ଯେ ନିୟମ ଅନୁସାରେ ଶିଶୁ ଶ୍ରମିକଙ୍କ ଉଦ୍ଧାର ଓ ଥଇଥାନ ଆଇନର ସଫଳ ପ୍ରଣୟନ ତଥା ପୀଡ଼ିତ ଶିଶୁ ଓ ସାକ୍ଷ୍ୟ ପ୍ରଦାନ କରୁଥିବା ଶିଶୁମାନଙ୍କୁ ସୁରକ୍ଷା ଆଦି କାର୍ଯ୍ୟର ତଦାରଖ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାରେ ଶ୍ରମ ବିଭାଗ ଦ୍ୱାରା 'ଶିଶୁ ଶ୍ରମିକଙ୍କ ଟାସ୍କ ଫୋର୍ସ କମିଟି' ଗଠନ ହେବ ଏବଂ ଏହାର ବୈଠକ ପ୍ରତିମାସରେ ବସିବ। କିନ୍ତୁ ପ୍ରାୟ ଜିଲ୍ଲାରେ ବର୍ଷ ବର୍ଷ ଧରି ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ୨୦୨୦ ମସିହାଠାରୁ ୨୦୨୪ ଭିତରେ ମାତ୍ର ୨୬ ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବା ବେଳେ ୨୦୧୩ ରୁ ୨୦୧୭ ମଧ୍ୟରେ ମାତ୍ର ୪୩୧ ମାମଲା ରୁଜୁ ହୋଇଛି। ଶ୍ରମ ବିଭାଗକୁ ନବକଳେବର କରାଯାଇ ଅଧିକାରୀମାନଙ୍କ ସଂଖ୍ୟା, କ୍ଷମତା ଓ ଦରମା ହାର ସିନା ବୃଦ୍ଧି କରାଯାଇଛି, କିନ୍ତୁ ଶିଶୁଶ୍ରମିକ ଆଇନ ପ୍ରଣୟନ କ୍ଷେତ୍ରରେ କୌଣସି ପ୍ରଭାବଶାଳୀ ଉଦ୍ୟମ ହୋଇନାହିଁ। ବର୍ତ୍ତମାନ ସବୁ ଯୋଜନା କେବଳ ପ୍ରଚାରସର୍ବସ୍ୱ ହୋଇ ରହିଯାଇଛି।

ଏକଦା ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରି ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଅଭିଯାନ ଚଳାଇ ବିଶେଷ ସଫଳତା ହାସଲ କରିଥିଲା 'ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ'। ଏହି ପ୍ରକଳ୍ପ ବନ୍ଦ ହୋଇଗଲା ପରେ ଶିଶୁ ଶ୍ରମିକଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବିଦ୍ୟାଳୟ ଦେଖିବାକୁ ମିଳୁନାହିଁ। ଆମ ରାଜ୍ୟରେ ଶତକଡ଼ା ୯ ଭାଗ ଛାତ୍ରଛାତ୍ରୀ ମାଧ୍ୟମିକସ୍ତରରେ ପାଠ ଛାଡ଼ି ଦେଉଛନ୍ତି। ସେହିପରି ଆଠଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଆଧାର ପରିଚୟ ପତ୍ର ନାହିଁ। ସରକାର ବିଦ୍ୟାଳୟର ସଂସ୍କାର ଯେତିକି କରିବାକୁ ଯାଉଛନ୍ତି ଦିନକୁ ଦିନ ସେତିକି ପିଲା ପାଠ ଛାଡୁଛନ୍ତି। ଆମେ ବିଦ୍ୟାଳୟରେ ପଢୁଥିଲା ବେଳେ କୌଣସି ସ୍ୱତନ୍ତ୍ର ଯୋଜନା ନଥାଇ ମଧ୍ୟ ପ୍ରତ୍ୟେକ ଶ୍ରେଣୀରେ ଏକାଧିକ ବିଭାଗ ରହି ଶହେ ଲେଖାଏଁ ପିଲା ପାଠ ପଢୁଥିଲେ। ଅଥଚ ସେହି ବିଦ୍ୟାଳୟଗୁଡ଼ିକରେ ବର୍ତ୍ତମାନ ସର୍ବମୋଟ ପିଲା ସଂଖ୍ୟା ଶହେ ହେବ କି ନାହିଁ ସନ୍ଦେହ। ପିଲାମାନେ ଯଦି ପାଠ ଛାଡୁଛନ୍ତି ସେମାନେ କୁଆଡ଼େ ଯାଉଛନ୍ତି? କ'ଣ କରୁଛନ୍ତି? ସେକଥା ବୁଝୁଛି କିଏ?

ଆମ ଦେଶ ସ୍କୁଲଶିକ୍ଷାର ସାର୍ବଜନୀନକରଣ ଦିଗରେ ପ୍ରଚେଷ୍ଟା ଜାରି ରଖିଛି। ପ୍ରଗତି ସତ୍ତ୍ୱେ ଶିଶୁଶ୍ରମର ପ୍ରଚଳନ ରହିଛି। ଠିକ୍ ଏହିପରି ସ୍କୁଲ ଉପସ୍ଥାନ ଏବଂ ସମାପ୍ତି ହାର ଶିକ୍ଷାଗତ ପ୍ରାପ୍ତିରେ ବ୍ୟବଧାନ ପ୍ରକାଶ କରୁଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଶିଶୁ ଶ୍ରମିକ ନିରାକରଣ ଦିଗରେ ପ୍ରଗତି ଘଟିଥିଲେ ମଧ୍ୟ ବିଶ୍ୱରେ ଏବେ ବି ୧୬୦ ନିୟୁତ ଶିଶୁ ଶ୍ରମିକ ଭାବରେ କାମ କରୁଛନ୍ତି, ଯାହାର ସଂଖ୍ୟା ଆମଦେଶରେ ଆକଳନ କରାଯାଇ ନାହିଁ। ଶିଶୁ ଶ୍ରମିକ ପ୍ରଥା କେବଳ ଶିକ୍ଷା, ସୁରକ୍ଷା ଏବଂ ଅବସର ପାଇବାର ଅଧିକାରରୁ ବଞ୍ଚିତ କରି ଶିଶୁ ମାନଙ୍କର ଅଧିକାରକୁ ଉଲ୍ଲଙ୍ଘନ କରେ ନାହିଁ, ବରଂ ଏହା ସେମାନଙ୍କୁ ଶୋଷଣକାରୀ ଓ ପ୍ରାୟତଃ ବିପଜ୍ଜନକ କାର୍ଯ୍ୟ ପରିବେଶରେ ଫସାଇ ସେମାନଙ୍କର ପୂର୍ଣ୍ଣ ସମ୍ଭାବନା ଓ ଦକ୍ଷତାକୁ ଉପଯୋଗ କରିବାର ସୁଯୋଗକୁ ମଧ୍ୟ ବାଧାପ୍ରାପ୍ତ କରେ।

୨୦୨୫ ମସିହା ସୁଦ୍ଧା ସମସ୍ତ ପ୍ରକାରର ଶିଶୁଶ୍ରମିକ ପ୍ରଥା ଦୂର କରିବା ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ ମାଧ୍ୟମରେ ଜାତିସଂଘର ଆହ୍ୱାନକୁ ସାକାର କରିବା ଲାଗି ଏକ ନୂତନ ପ୍ରୟାସର ଆବଶ୍ୟକ। ଶିଶୁଶ୍ରମିକ ପ୍ରଥାର ଦୂରୀକରଣ ପାଇଁ ଆମମାନଙ୍କର ମାନସିକତାରେ ପରିବର୍ତ୍ତନ ଜରୁରୀ। ଶିଶୁଶ୍ରମିକ ନିୟୋଜିତ ହୋଇଥିବା ଦୋକାନ, ହୋଟେଲ, ଢାବା ଓ କାର୍ଯ୍ୟସ୍ଥଳ ସହିତ ଉତ୍ପାଦ ସାମଗ୍ରୀକୁ ଆମମାନଙ୍କ ଭିତରୁ କେତେଜଣ ବର୍ଜନ କରି ପାରୁଛେ? ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଢାବା, ହୋଟେଲ କିମ୍ବା ଚା' ଦୋକାନକୁ ଆମେ ସମସ୍ତେ ଯଦି ଯିବା ନାହିଁ, ତେବେ ମାଲିକ ଶିଶୁ ଶ୍ରମିକ ନିୟୋଜନ କରିବାରୁ କ୍ଷାନ୍ତ ନିଶ୍ଚୟ ରହିବ। ସମାଜରେ ଶିଶୁଶ୍ରମିକ ପ୍ରଥାର ପ୍ରଚଳନକୁ ଆମେ ଆଜିପର୍ଯ୍ୟନ୍ତ ଗ୍ରହଣ କରି ଆସୁଛନ୍ତି। କୌଣସି ସ୍ଥାନରେ ଶିଶୁ ଶ୍ରମିକଟିଏ ଦେଖିଲେ ଆମେ ଅଭିଯୋଗ କରୁଛୁ କି? ଶିଶୁ ଶ୍ରମିକ ସମ୍ପର୍କରେ ଅଭିଯୋଗ ପାଇଁ ବର୍ତ୍ତମାନ କୌଣସି କାର୍ଯ୍ୟାଳୟକୁ ଯିବା ଜରୁରୀ ଆବଶ୍ୟକ ନୁହେଁ। ଆମେ ସିଧାସଳଖ ମୋବାଇଲ ଫୋନ ମାଧ୍ୟମରେ www.pencil.gov.in ରେ ତଥ୍ୟ ପ୍ରଦାନ କରି ଅଭିଯୋଗ କରିପାରିବା। ଆମର ପରିଚୟ ଗୁପ୍ତ ରହିବାର ବ୍ୟବସ୍ଥା ରହିଛି। ଦେଶରେ ରହୁଥିବା ପ୍ରତ୍ୟେକ ନାଗରିକ ଯଦି ଏ ଦିଗରେ ଗୋଟିଏ ପାଦ ବଢ଼ାଇବେ ତେବେ ଦିନ ଆସିବ ଦେଶରେ ଶିଶୁ ଶ୍ରମିକ ରହିବେ ନାହିଁ। ଏଥିପାଇଁ ସରକାରଙ୍କ କୌଣସି ଆଇନ କି ଯୋଜନାର ମଧ୍ୟ ସହାୟତା ନେବା ଦରକାର ପଡ଼ିବ ନାହିଁ।

ଦେବଗଡ଼, ମୋ: ୯୪୩୭୨୧୮୯୧୭

## ବାର୍ଦ୍ଧକ୍ୟ: ଏକ ଅବ୍ୟକ୍ତ ଯନ୍ତ୍ରଣା

ଜଗନ୍ନାଥ ବେହେରା

ପଦ୍ମ ପୁରାଣରେ ବର୍ଣ୍ଣନା ଅଛି - 'ପିତା ଧର୍ମ ପିତା ସ୍ୱର୍ଗ, ପିତା ହିଁ ପରମ ତପ / ପିତରି ପ୍ରତିମା ପନ୍ନେ ପ୍ରିୟନ୍ତେ ସର୍ବ ଦେବତା।' ଅର୍ଥାତ୍ ପିତା ସ୍ୱର୍ଗ ପରି ପୂଜ୍ୟ। ପୁଣି ବାପା ହିଁ ସର୍ବଶ୍ରେଷ୍ଠ ତପସ୍ୟା। ବାପାଙ୍କୁ ପୂଜା କଲେ ସର୍ବଦେବତା ଶାନ୍ତି ପାଆନ୍ତି। ପିତାମାତା ହେଉଛନ୍ତି ଜୀବନର ପ୍ରଥମ ଶବ୍ଦ ପ୍ରଥମ ଅକ୍ଷର। ସିଏ ହିଁ ଅ ଆ ଇ ଈ। ତାଙ୍କଠାରୁ ସବୁ ଶିକ୍ଷା ମିଳେ। ଯାହାଙ୍କଠାରୁ ସବୁ ଶିକ୍ଷା ଲାଭ କଲୁ ଆଜି ଆମେ କହୁ 'ଚୁପ୍ କରି ବସ, ତୁମେ କିଛି ଜାଣିନ।' ଆଶ୍ଚର୍ଯ୍ୟ। ଯେଉଁ ବାପା ବର୍ଷ ବର୍ଷ ଧରି କାଖେଇ କୋଳେଇ ଦୁନିଆ ଦାଣ୍ଡରେ ମଣିଷ ପରି ମଣିଷ ଟିଏ କରି ଠିଆ କରାଇଥିଲା, ଆଜି ସିଏ ଅଦରକାରୀ ବୋଝ। ଚାରି ପୁଅ ଚାରି ଭାଗ କରି ବାଣ୍ଟି ଦେଉଛନ୍ତି। ଭାଗ ନ ଛିଡ଼ିଲେ ବୃଦ୍ଧାଶ୍ରମ।



ମୋ ଓଡ଼ିଶାର ସଂସ୍କୃତି ଓ ପରମ୍ପରା କିନ୍ତୁ ଦୟା, ଧର୍ମ, ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱବୋଧ ଓ ମହାମାନବବାଦର ମୂଳଦୁଆ ଉପରେ ପ୍ରତିଷ୍ଠିତ। ପରସ୍ପର ସହିତ ଏକ ନିବିଡ଼ ସମ୍ପର୍କର ରଜ୍ଜୁରେ ବନ୍ଧା ଉତ୍କଳୀୟ ପରିବାର। ସ୍ନେହ, ଶ୍ରଦ୍ଧା, ବଡ଼, ସାନ, ମାନ୍ୟ, ପୁଣ୍ୟ ବିଚାର ସହିତ କଳା ସାହିତ୍ୟ ସଂସ୍କୃତିକୁ ନେଇ ଓଡ଼ିଶା ସମୃଦ୍ଧ। ଏହାର ପାଣି ପବନ ମାଟି ସବୁ ସରଳ ଓ ନିରୀହ। ପୋଥି, ପୁରାଣ, ଶାସ୍ତ୍ର ଜ୍ଞାନର ଗନ୍ତାଘର ହେଉଛି ଓଡ଼ିଶା ମାଟି। ପିତୃ ଦେବୋଭବ, ମାତୃ ଦେବୋଭବକୁ ମୁକ୍ତକଣ୍ଠରେ ସ୍ୱୀକାର କରୁଥିବା ଜାତିର ମା' ମାଟି ହେଉଛି ମୋ ଓଡ଼ିଶା। ଜାତି, ବର୍ଣ୍ଣ, ଧର୍ମର ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଉଠି ସେବା, ତ୍ୟାଗ, ଦାନ, ପୁଣ୍ୟ କରନ୍ତି ମୋ ଓଡ଼ିଶାବାସୀ।

ଅଥଚ ଏହି ଓଡ଼ିଶାରେ ଆଜି ଶତାଧିକ ବୃଦ୍ଧାଶ୍ରମ ନିର୍ମାଣ ହୋଇଛି। ଭାରତବର୍ଷରେ କେରଳ ପରି ଅତିଶିକ୍ଷିତ ରାଜ୍ୟରେ ୧୨୪ ରୁ ଅଧିକ ଆଶ୍ରମ ଥିବା ବେଳେ ଦୟା ଧର୍ମର ରାଜ୍ୟ ଓଡ଼ିଶା ଏ କ୍ଷେତ୍ରରେ ଦ୍ୱିତୀୟରେ ଅଛି। ବିଶେଷକରି ଭୁବନେଶ୍ୱର ପରି ସଭ୍ୟ ସହର ମଧ୍ୟରେ ହିଁ ପାଖାପାଖି ୧୦ଟି ବୃଦ୍ଧାଶ୍ରମ ରହିଛି। ଯେଉଁଠି ମୁଠାଏ ଭଲ ଭାତ ମିଳୁଛି ସିଏ ଭଲ, ଯିଏ ଅଧେ ମୁଠା ଭାତ ଦେଉଛି ସିଏ ଖରାପ।

ଉତ୍କଳ ଭୂମି, ଯେଉଁଠି ପଥର ଦେହରେ ଦେବତା, ବୃକ୍ଷ ଡାଳ ପତ୍ରରେ ଲୋକ ଦେବୀଦେବତା ଦେଖନ୍ତି, ବନ୍ଧା ଅବସ୍ଥାରେ ଗାଇଟିଏ ମରିଗଲେ ସାତଦିନ ବେକରେ ପାଳ ଦଉଡ଼ି ଗୁଡ଼େଇ ସାତ ଗାଁ ବୁଲି ଭିକ୍ଷା ମାଗନ୍ତି, ଯେଉଁଠି ଗାଁ ଗାଁରେ ଭାଗବତ ପଢ଼ା ହୁଏ ଓ ସନ୍ଧ୍ୟାରେ ସଙ୍କୀର୍ତ୍ତନ ହୁଏ, ପଶୁ ପକ୍ଷୀଙ୍କୁ ଖାଇବାକୁ ଦିଆଯାଏ ସେଠାରେ ବୃଦ୍ଧାଶ୍ରମ ସଂସ୍କୃତି ନିଶ୍ଚୟ ଦୁଃଖଦାୟକ। ଯେଉଁଠି ଅଧିକରୁ ଅଧିକ ଲୋକ ଗରିବ ଓ ଅଶିକ୍ଷିତ, ସେଠାରେ ଆଜି ଶତାଧିକ ଜରାଶ୍ରମ। ଏହା କ'ଣ ଆଶ୍ଚର୍ଯ୍ୟ ହେବାର କଥା ନୁହେଁ। ଓଡ଼ିଶାର ପୁରପଲ୍ଲୀରେ ଆଜି ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳୁଛି। ବୃଦ୍ଧ ପିତାମାତାଙ୍କୁ ପିଲାମାନେ ମାସେ ମାସେ ଭାଗ ବାଣ୍ଟି ନିଅନ୍ତି। ମାସେ ବଡ଼ ଘରେ ରହିଲେ ମାସେ ସାନ ଘରେ ରହିବ।

ବୃଦ୍ଧାବସ୍ଥାକୁ ବାନ୍ଧି ଦେଉଛି ନିଜ ଅକର୍ମି ହାତଗୋଡ଼। ଆଖି ମଧ୍ୟ ଆଡ଼ ହେଇ ଯାଉଛି। କାନ ଠିକ୍ ଶୁଣିବାରେ ଅସହଯୋଗ କରୁଛି। ପେଟ ଖାଦ୍ୟ ଜୀର୍ଣ୍ଣ କରିବାକୁ କୁଣ୍ଠାବୋଧ କରୁଛି। ଦାନ୍ତଗୁଡ଼ିକ ପାଟିକୁ ଛାଡ଼ି ନିଜ ବାଟ ଧରୁଛନ୍ତି। ପବନ ବି ବେଳେ ବେଳେ ଧୋକା ଦେଉଛି। ରକ୍ତଚାପ, ମଧୁମେହ, ଅମ୍ଳ ପରି ରୋଗଗୁଡ଼ିକ ଶରୀର ଭିତରେ ପଶି ବାଉଁଶକୁ ପୋକ କଣା କରିଲା ପରି କରି କଣା କରି ଦେଇଥା'ନ୍ତି। ପୋକଖିଆ ବାଉଁଶର ଆୟୁଷ କେତେ? ଏମିତି ପରିସ୍ଥିତିରେ ଆଉ ପୁଅ ଝିଅ ବା କାହିଁକି ସେମାନଙ୍କର ସାଙ୍ଗରେ ରହିବେ? ବାର୍ଦ୍ଧକ୍ୟର ଶେଷ ଆଶ୍ରୟ ହିଁ ହେଉଛି ଜରାଶ୍ରମ। ନାତିନାତୁଣୀଙ୍କୁ ଛାଡ଼ି ଯଦିଓ ରହିବା କଷ୍ଟ, କିନ୍ତୁ ରହିବାକୁ ବାଧ୍ୟ।

ଜୀବନ ସାରା କଞ୍ଚା ମାଟିକୁ ଗଢ଼ି ନିଜ ହାତରେ ତିଆରି କରିଥିବା ପୁଅ ଝିଅ ଯେଉଁଠି ସେବା ଦେବା ଭୟରେ ବୃଦ୍ଧାଶ୍ରମ ଦେଖାଇ ଦେଲେ, ସେଠାରେ ସାମାନ୍ୟ କିଛି ଟଙ୍କା ପାଇଁ କାମ କରୁଥିବା ଜଣେ କର୍ମଚାରୀ କେତେ ସେବା ଦେବେ ସମସ୍ତେ ଜାଣନ୍ତି। ରାତିଦିନ ଏକାଠି କରି ଅନାହାର ଅନିଦ୍ରାରେ ରହି ସମାଜରେ ଯେଉଁ ପୁଅ ଝିଅଙ୍କୁ ମଣିଷ କରି ଠିଆ କରିଥିଲେ, ସେମାନେ ଆଜି ହତାଦର କରି ଆଶ୍ରମକୁ ଠେଲି ଦେଲେ। ଦୁଃଖ ଏତିକି ଯେ ନିଜର ସ୍ୱାଧୀନତା ସେଠାରେ ରହେ ନାହି। ନିଜ ଇଚ୍ଛାରେ କୌଣସି କାର୍ଯ୍ୟ କରି ପାରିବେ ନାହିଁ କି ପାଟିର ରୁଚି ଅନୁଯାୟୀ ଖାଦ୍ୟ ଖାଇ ପାରିବେ ନାହି। ଜୀବନସାରା ଅନ୍ୟକୁ କାମରେ ଲଗାଉ ଥିବା ଲୋକଟା ଶେଷଜୀବନରେ ନିଜେ କାମ କରିବାକୁ ପଡ଼ିବ ଭାବିଲେ କେତେ କଷ୍ଟ ଲାଗୁଛି। ଅଚିହ୍ନା ଅଜଣା ମୁହଁକୁ ଦେଖି ବିନା ଲୁହରେ କାନ୍ଦିବା ଛଡ଼ା ଅନ୍ୟ ଉପାୟ ନଥାଏ। ନା କାହାକୁ କହି ହେବ ନା ହାଡ଼ ମାଂସ ଦେହ ଧରି ସହି ହେବ।

ଜନ୍ମ କରିଲା ବାପାମା'ଙ୍କୁ ବୃଦ୍ଧାଶ୍ରମ ପଠେଇବା ପୂର୍ବରୁ ନିଜ ବିବେକକୁ ଥରେ ପଚାରି ନିଷ୍ପତ୍ତି ନେଲେ ପୁଣି ଉତ୍କଳୀୟ ସଂସ୍କୃତି ବିଶ୍ୱରେ ନିଜ ଟେକ ରଖିପାରିବ। ସଞ୍ଜର ସୂରୁଜ ଉଷ୍ମତାରେ ଠିଆ ହୋଇଗଲେ ସମସ୍ତ ଅସାଧ ରୋଗ ଦୂର ହୋଇଯିବ। ମଣିଷ ପଣିଆ ଯଦି ମଣିଷ ନିକଟରେ ନ ରହିଲା ସେ କି ମଣିଷ? ଆଜିର ଏହି ଅବିବେକୀ ମଣିଷକୁ ଦେଖିଲେ ଲାଗୁଛି ଯେମିତି ପାଟିରେ ଲୁଗା ଦେଇ ମୁରୁକି ହସୁଛି ମଣିଷ ପଣିଆ। ଅନାବଶ୍ୟକ ବୃଦ୍ଧଶ୍ରମ ଏବଂ ଅନାଥ ଆଶ୍ରମ ଓଡ଼ିଶା ପରି ଶାନ୍ତି ରାଜ୍ୟରେ ନ ହେଉ।

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

## ତିବ୍ବତରେ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

(ପୂର୍ବପ୍ରକାଶିତ ଉତ୍ତାରୁ...)

ପଦ୍ମସମ୍ଭବ ତିବ୍ବତ ଆସିଲେ ଖ୍ରୀ୭୪୭ରେ। ସେ ପ୍ରଥମେ ଦେଶର ବିଭିନ୍ନ ଅଞ୍ଚଳ ଭ୍ରମଣ କରିବାର ସହି ସବୁଆଡ଼େ ବୌଦ୍ଧଧର୍ମର ମୌଳିକ ତତ୍ତ୍ୱ ଅଥବା ବୁଦ୍ଧଙ୍କ ବାଣୀଗୁଡ଼ିକ ବିଶଦ ଭାବେ ବ୍ୟାଖ୍ୟା କରି ଲୋକମାନଙ୍କୁ ବୁଝାଇଲେ। ଏ ସବୁ ପ୍ରାରମ୍ଭିକ ପ୍ରଚାର ପ୍ରସାର ଫଳରେ ବୌଦ୍ଧ ଧର୍ମ ନୂତନ ଶକ୍ତି ଓ ପ୍ରେରଣା ପାଇପାରିଥିଲା। ସେ ପ୍ରଚଳିତ ବୌଦ୍ଧଧର୍ମ (ଶାନ୍ତରକ୍ଷିତଙ୍କ ଦ୍ୱାରା ପ୍ରଚାରିତ), ଯାହା ସାଧାରଣ ଭାବେ ଲୋକମାନଙ୍କ ମଧ୍ୟରେ ବ୍ୟାପିଥିଲା, ସେଥିରେ ବୌଦ୍ଧତାନ୍ତ୍ରିକ ତତ୍ତ୍ୱ ତଥା 'ବନ୍' ଧର୍ମର ଆଚାରବିଚାର କିଛି ମିଶାଇ ପ୍ରଚାର କରିଚାଲିଲେ। ସେ ତିବ୍ବତୀୟ ବୌଦ୍ଧମାନଙ୍କ ଦ୍ୱାରା ପୂଜିତ ଦେବଦେବୀମାନଙ୍କ ସହ ସ୍ଥାନୀୟ ଭାବେ ପୂଜିତ ଦେବଦେବୀ ତତ୍ତ୍ୱକୁ ପ୍ରବେଶ କରାଇଲେ। ବୌଦ୍ଧ ଧର୍ମରେ ଏହି ମିଶ୍ରିତ ଉପାଦାନ ସବୁ ଲୋକମାନଙ୍କ ଦ୍ୱାରା ଆଦୃତ ତଥା ଗ୍ରହଣଯୋଗ୍ୟ ହୋଇପାରିଲା। ସେ ତିବ୍ବତରେ ଯେଉଁ ବୌଦ୍ଧଧର୍ମ ପ୍ରଚାର କରିଥିଲେ ତାହା ଥିଲା ମୂଳତଃ ମହାଯାନର ତାନ୍ତ୍ରିକ ଶାଖାର ବ୍ରଜଯାନ। ଏହି ବଜ୍ରଯାନ ମୂଳତଃ ତନ୍ତ୍ର ଉପରେ ପର୍ଯ୍ୟବସିତ। ତିବ୍ବତୀୟ ମୂଳ 'ବନ୍' ଧର୍ମ ମଧ୍ୟ ପ୍ରାଚୀନ ଧର୍ମମତଗୁଡ଼ିକ ଭଳି ସେହି ଗୁଣିଗାରେଡ଼ି ତତ୍ତ୍ୱରେ ଭରପୂର। ଏଣୁ ତିବ୍ବତରେ ପଦ୍ମସମ୍ଭବଙ୍କ ଦ୍ୱାରା ପ୍ରଚାରିତ ବୌଦ୍ଧଧର୍ମ ସ୍ଥାନୀୟ 'ବନ୍' ଧର୍ମର ଆଚାର ବିଚାରକୁ ମିଶାଇ ଦେଇ ବ୍ରଜଯାନର ଯେଉଁ ନୂଆ ସ୍ୱରୂପ ପଦ୍ମସମ୍ଭବ ସେଠାରେ ଉପସ୍ଥାପନ କରାଇଲେ, ତାହା ଲୋକମାନଙ୍କ ଦ୍ୱାରା ଗୃହୀତ ଓ ଆଦୃତ ହୋଇପାରିଥିଲା। ପଦ୍ମସମ୍ଭବ ଏବେ ମଧ୍ୟ ତିବ୍ବତରେ ଅତ୍ୟନ୍ତ ଲୋକପ୍ରିୟ ଧର୍ମଗୁରୁ ଓ ଆଦରରେ 'ରିନ୍-ପୋ-ସେ' ନାମରେ ଅଧିକ ପରିଚିତ। ପଦ୍ମସମ୍ଭବଙ୍କୁ ତିବ୍ବତରେ ବୌଦ୍ଧ ଧର୍ମର ପ୍ରତିଷ୍ଠାତା ତଥା ପ୍ରଥମ ପ୍ରଚାରକ ଭାବେ ସ୍ଥାନ ଦିଆଯାଇଛି।

**ଦ୍ୱିତୀୟ-ବୁଦ୍ଧ କଥା**

ପଦ୍ମସମ୍ଭବରେ ତିବ୍ବତରେ ପହଞ୍ଚି ଧର୍ମପ୍ରଚାର କାମ ଆରମ୍ଭ କରିବା ଅବସରରେ ଶାନ୍ତରକ୍ଷିତ ଯେ କି ନେପାଳରେ ରହିଥିଲେ, ରାଜାଙ୍କ ଡାକରା ପାଇ ପୁଣି ଥରେ ତିବ୍ବତ ଫେରି ଆସିଲେ। ଏ ମଧ୍ୟରେ ପଦ୍ମସମ୍ଭବ ତିବ୍ବତରେ ଶାନ୍ତ ପରିବେଶ ଫେରାଇ ଆଣି ସାରିଥିଲେ ଏବଂ ଲୋକଙ୍କର ତାଙ୍କ କାର୍ଯ୍ୟରେ କୌଣସି ବିରୋଧ ନଥିଲା। ପଦ୍ମସମ୍ଭବ ଶାନ୍ତରକ୍ଷିତ ଓ ରାଜାଙ୍କ ସହ ଆଲୋଚନା କରି ଲାସା ନିକଟ 'ସମ-ୟେ' ଠାରେ ଏକ ବିଶାଳ ବୌଦ୍ଧ ମହାବିହାର ନିର୍ମାଣର ଭିତ୍ତି ସ୍ଥାପନ କରାଇଲେ। ଆଚାର୍ଯ୍ୟ ବୋଧିସତ୍ତ୍ୱ ନାମରେ ଖ୍ୟାତ ଶାନ୍ତରକ୍ଷିତ, କେଉଁଠି ମହାବିହାର ନିର୍ମାଣ ହେବ ତାହାର ଭୂମି ପରୀକ୍ଷା କରି ମଗଧର ଓଦନ୍ତପୁରୀ ମହାବିହାର ଅନୁକରଣରେ ଏକ ନକ୍ସା ପ୍ରସ୍ତୁତ କଲେ। ଏହି ନକ୍ସା ଅନୁଯାୟୀ ଏହା ମଧ୍ୟରେ ସୁମେରୁ ପର୍ବତ, ବାରଗୋଟି ମହାଦେଶ, ଉଭୟ ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଅବସ୍ଥିତି ସହ ଚାରିକଡ଼ରେ ଲୁହାବାଡ଼ ବା ପାଚେରି ନିର୍ମାଣ ହେବାର ଯୋଜନା ଅନ୍ତର୍ଭୁକ୍ତ ହେଲା। 'ସମ-ୟେ' ମହାବିହାର ଠିକ୍ ଏହି ପରିକଳ୍ପନାରେ ନିର୍ମାଣ କରାଗଲା। ଏହି 'ସମ-ୟେ' ମହାବିହାର ଖ୍ରୀ୭୪୯ ବେଳକୁ ନିର୍ମିତ ହେଲା। ଏହି ବିହାର-ମିନ୍ଦରର ଚୂଡ଼ା ବା ଶିଖର ଭାଗ ଚୀନ୍‌ର ନିର୍ମାଣ ଶୈଳୀରେ, ମଧ୍ୟଭାଗ ଭାରତୀୟ ଶୈଳୀରେ ଏବଂ ତଳଭାଗ ତିବ୍ବତୀୟ ଶୈଳୀରେ ନିର୍ମିତ ହେଲା। ଏହି 'ସମ-ୟେ' ମହାବିବହାର ତିବ୍ବତର ରାଜଧାନୀ ଲାସାଠାରୁ ତିରିଶ କିଲୋମିଟର ଦୂରରେ ଦକ୍ଷିଣ-ପୂର୍ବ ଦିଗକୁ ଥିବା ସାମ୍ପୋ ନଦୀର ଉତ୍ତରପାର୍ଶ୍ୱ କୂଳରେ ଅବସ୍ଥିତ। ଏବେ ମଧ୍ୟ ଏହି ପୁରାତନ ମହାବିହାରର କିଛି ଅଂଶ ଦୃଶ୍ୟମାନ ତଥା ଭଗ୍ନ ଅବସ୍ଥାରେ ତିଷ୍ଠି ରହିଛି। ଏହି ମହାବିହାର ମଧ୍ୟରେ ଥିଲା ଗୋଟିଏ ବିଶାଳ ବୌଦ୍ଧ ମନ୍ଦିର, ଚାରିଗୋଟି ବୃହତ୍ ମହାବିଦ୍ୟାଳୟ ଓ ଅନ୍ୟ ଅନେକ କୋଠା ଓ ଅନୁଷ୍ଠାନ ଆଦି। ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ ବିଷୟ ହେଉଛି ଏହି ମହାବିହାରଟି ହୋଇଥିଲା ତିବ୍ବତରେ ବୌଦ୍ଧଧର୍ମ ସମ୍ବନ୍ଧୀୟ ଶିକ୍ଷାର ଏକ ବୃହତ୍ କେନ୍ଦ୍ର। ଆଚାର୍ଯ୍ୟ ଶାନ୍ତରକ୍ଷିତ ଜଣେ ବିଶିଷ୍ଟ ବୌଦ୍ଧ ଆଚାର୍ଯ୍ୟ ତଥା ବୌଦ୍ଧ ପଣ୍ଡିତ ଥିଲେ। ନିର୍ମାଣ ପରେ ତାଙ୍କୁ ହିଁ ମୁଖ୍ୟ ଆଚାର୍ଯ୍ୟ ଭାବେ ଏହ ମହାବିହାରରେ ସାମଗ୍ରିକ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେହି ହିଁ ସେ ସମୟରେ ଏକମାତ୍ର ଏହି ପଦ ପାଇଁ ଯୋଗ୍ୟ ବ୍ୟକ୍ତି ଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୧କୋଟି ଟପିଲା ଏବିପିଏମ୍‌ଜେଏୱାଇ, ଜିଜେଏୱାଇ କାର୍ଡ ବଣ୍ଟନ

ଭୁବନେଶ୍ୱର,୧୩।୬(ସମିସ): ଗତ ଏପ୍ରିଲରୁ ଶୁଭାରମ୍ଭ ହୋଇଥିବା 'ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' (ଏବିପିଏମ୍‌ଜେଏୱାଇ), 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା'(ଜିଜେଏୱାଇ)ରେ ଯୁଗ୍ମ କାର୍ଡ ବଣ୍ଟନ ୧କୋଟି ଟପିଛି। ଏହାଛଡ଼ା ଆର୍ଥିକ ଓ ସାମାଜିକ ବର୍ଗ ନିର୍ବିଶେଷରେ ସମସ୍ତ ୭୦ ବର୍ଷ ବା ତଦୁର୍ଦ୍ଧ ବ୍ୟକ୍ତିଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ କାର୍ଡ ପାଇଁ ବିକାଶ-ବାହନ ଯାତ୍ରା କାଳରେ ଶତ ପ୍ରତିଶତ ଇ-କେୱାଇସି ଶେଷ କରିବାକୁ ବିଭାଗ ତରଫରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନକୁ ପୂର୍ଣ୍ଣ ମାତ୍ରାରେ ସଫଳ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ତଥା ସାସ୍ ଅଧ୍ୟକ୍ଷ ଅଶ୍ୱତ୍‌ଥୀ ଏସ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗତକାଲି ରାଜ୍ୟର ସମସ୍ତ ଜିଲ୍ଲାରେ ସମୁଦାୟ ୧କୋଟି ୪୧ହଜାର ୮୬୩ଟି ଯୁଗ୍ମ କାର୍ଡ କାର୍ଡ ବଣ୍ଟାଯାଇଛି। କାର୍ଡ ବଣ୍ଟନରେ ଗଞ୍ଜାମ, ମୟୂରଭଞ୍ଜ, କଟକ ଓ ବଲାଙ୍ଗୀର ଆଦି ଜିଲ୍ଲା ଆଗୁଆ ଅଛନ୍ତି। ଗଞ୍ଜାମ ଜିଲ୍ଲାରେ ୭.୯୬ ଲକ୍ଷ କାର୍ଡ ବଣ୍ଟା ହୋଇଥିବା ବେଳେ ମୟୂରଭଞ୍ଜରେ ୭.୩୩ ଲକ୍ଷ, କଟକରେ ୬.୮୮ ଲକ୍ଷ ଏବଂ ବଲାଙ୍ଗୀରରେ ୫.୩୪ ଲକ୍ଷରୁ ଅଧିକ କାର୍ଡ ବଣ୍ଟାଯାଇଛି। ସମସ୍ତ ୩୦ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଡ ବଣ୍ଟନ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୭୦ ବର୍ଷ ବା ତଦୁର୍ଦ୍ଧ ନାଗରିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩.୨୧ ଲକ୍ଷ ବରିଷ୍ଠ ନାଗରିକଙ୍କ ଇକେୱାଇସି କରି କାର୍ଡ ପ୍ରସ୍ତୁତ କରାଯାଇଛି। ଅବଶିଷ୍ଟ ୧୯.୭୯ ଲକ୍ଷ ବରିଷ୍ଠ ନାଗରିକଙ୍କ ଇକେୱାଇସି ବିକାଶ-ବାହନ ଯାତ୍ରା କାଳରେ ଜୁନ ୨୨ ତାରିଖ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଗ୍ରାମ ଓ ପଞ୍ଚାୟତୱାରୀ ଅଣୁ-କାର୍ଯ୍ୟସୂଚୀ ସହ ସମୟ-ନିର୍ଘଣ୍ଟ ପ୍ରସ୍ତୁତ କରିବା ପାଇଁ ସାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା. ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମଧ୍ୟପ୍ରାଚ୍ୟ ଥରହର...

ଦେଇଛନ୍ତି। ଏହି ଆକ୍ରମଣର ଦଣ୍ଡ ଇସ୍ରାଏଲକୁ ମିଳିବ ବୋଲି କହିଛନ୍ତି। ଏହା ପରେ ଇରାନ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଛି। ଇସ୍ରାଏଲ ଉପରେ ଇରାନ ଶହେରୁ ଅଧିକ ଡ୍ରୋନ ମାଡ଼ କରିଛି। ତେବେ ସବୁ ଡ୍ରୋନକୁ ଖସାଇ ଦିଆଯାଇଛି। କୌଣସି ଡ୍ରୋନ ଇସ୍ରାଏଲ ସୀମାରେ ପ୍ରବେଶ କରିପାରିନି ବୋଲି ଇସ୍ରାଏଲ ସେନା (ଆଇଡିଏଫ) ପକ୍ଷରୁ କୁହାଯାଇଛି। ଇରାନର ଜବାବୀ କାର୍ଯ୍ୟାନୁଷ୍ଠାନକୁ ଦେଖି ଇସ୍ରାଏଲ ସତର୍କ ହୋଇ ରହିଛି। ନିଜ ସୀମାରେ ଲଢୁଆ ବିମାନକୁ ମୁତୟନ କରି ରଖିଛି। ଦୁଇ ଦେଶ ମୁହାଁମୁହିଁ ସ୍ଥିତିରେ ଥିବା ବେଳେ ରାତିରେ ମଧ୍ୟ ପୁଣି ପ୍ରଚଣ୍ଡ ଆକ୍ରମଣ କରିଛି ଇସ୍ରାଏଲ୍। ଭାରତ ଏହି ଯୁଦ୍ଧ ସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି। ବୈଦେଶିକ ମନ୍ତ୍ରାଳୟ ଶାନ୍ତି ନିବେଦନ କରିଛି। ଉତ୍ତେଜନାକୁ ବଢ଼ାଇବା ଭଳି କୌଣସି ପଦକ୍ଷେପ ନ ନେବା ପାଇଁ ଦୁଇ ଦେଶକୁ ପରାମର୍ଶ ଦେଇଛି। କୂଟନୈତିକ ସ୍ତରରେ ଆଲୋଚନା କରି ବିବାଦର ସମାଧାନ କରିବାକୁ କୁହାଯାଇଛି। ଯଥାସମ୍ଭବ ସହାୟତା ଲାଗି ଭାରତ ପ୍ରସ୍ତୁତ ବୋଲି କୁହାଯାଇଛି। ଏହା ମଧ୍ୟରେ ଇରାନ ସ୍ଥିତ ଭାରତୀୟ ଦୂତାବାସ ନାଗରିକଙ୍କ ପାଇଁ ଚେତାବନୀ ଜାରି କରିଛି। ଭାରତୀୟ ନାଗରିକଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି।

ଅନ୍ୟପକ୍ଷରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଆକ୍ରମଣର ସୂଚନା ଆମେରିକା ଏବଂ ରୁଷ୍‌କୁ ଦେଇଛନ୍ତି। ସେ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି। ନେତନ୍ୟାହୁ ତାଙ୍କୁ ସ୍ଥିତି ବିଷୟରେ ସୂଚନା ଦେଇଛନ୍ତି। ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଲାଗି ନେତନ୍ୟାହୁଙ୍କୁ ମୋଦୀ କହିଛନ୍ତି। ଆକ୍ରମଣ ପରେ ନେତନ୍ୟାହୁ ଦେଶକୁ ସମ୍ବୋଧନ କରିଥିଲେ। ଇସ୍ରାଏଲର କ୍ଷତି କରିବା ପାଇଁ ଇରାନ ପାଖରେ କ୍ଷମତା ରହିଛି। ଏହାର ମୁକାବିଲା ପାଇଁ ପ୍ରସ୍ତୁତି କରାଯାଇଛି। ଏଥିରେ ସହଯୋଗ କରିବା ପାଇଁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ଇରାନ ପରମାଣୁ ଅସ୍ତ୍ରଶସ୍ତ୍ର ନିର୍ମାଣ ଦିଗରେ ଅତ୍ୟନ୍ତ ବିପଜ୍ଜନକ ପଦକ୍ଷେପ ନେଇଥିଲା। ୯ଟି ପରମାଣୁ ବୋମା ନିର୍ମାଣ ଲାଗି ଇରାନ ପାଖରେ ପର୍ଯ୍ୟାପ୍ତ ୟୁରାନିୟମ ଥିଲା। ୬ ବର୍ଷରେ ୨୦ ହଜାର ବାଲିଷ୍ଟିକ ମିସାଇଲ ନିର୍ମାଣ କରିବାକୁ ଯୋଜନା ମଧ୍ୟ କରିଥିଲା। ଏହି କ୍ଷେପଣାସ୍ତ୍ର ମିନିଟ୍‌କ ମଧ୍ୟରେ ଇସ୍ରାଏଲରେ ପହଞ୍ଚି ଯାଇଥାନ୍ତା। ତେଣୁ ଏହି ଆକ୍ରମଣ କରାଯାଇଥିଲା। ଯଦି ଏବେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥାଆନ୍ତା ତେବେ ଆଗାମୀ ପିଢିର ଭବିଷ୍ୟତ ସୁରକ୍ଷିତ ରହି ନ ଥାଆନ୍ତା। ଇସ୍ରାଏଲ କେବଳ ନିଜ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ଏହି ପଦକ୍ଷେପ ନେଇଛି। ଏହି ଅଭିଯାନ ଏବେ ଶେଷ ହୋଇନାହିଁ ବୋଲି ନେତନ୍ୟାହୁ କହିଛନ୍ତି। ସେ ଇରାନ ନାଗରିକଙ୍କୁ ମଧ୍ୟ ନିବେଦନ କରିଛନ୍ତି। ଇରାନ ନାଗରିକ ନୁହେଁ, ବରଂ ଆମେ ଇରାନ ସରକାର ବିରୋଧରେ ଲଢୁଛୁ। ଏହା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ ସମର୍ଥନ ଦେଇଛନ୍ତି। ଏହି ଆକ୍ରମଣ ବହୁତ ବଢ଼ିଆ ଥିଲା ବୋଲି କହିଛନ୍ତି। ଇରାନକୁ ଗୋଟିଏ ସୁଯୋଗ ଦିଆଯାଇଥିଲା। କିନ୍ତୁ ଇରାନ ୬୦ ଦିନ ମଧ୍ୟରେ ଏହାର ଲାଭ ଉଠାଇ ପାରି ନ ଥିଲା। ଏବେ ଏହି ଦେଶକୁ ବହୁତ ବଡ଼ ଝଟ୍‌କା ଲାଗିଛି। ଯଦି ପରମାଣୁ ଚୁକ୍ତି ପାଇଁ ଆଲୋଚନା କରା ନ ଯିବ ତେବେ ଆହୁରି ପ୍ରଚଣ୍ଡ ଆକ୍ରମଣ ହେବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ତେବେ ଟ୍ରମ୍ପଙ୍କ ଏହି ପ୍ରସ୍ତାବକୁ ଇରାନ ପ୍ରତ୍ୟାଖ୍ୟାନ କରିଦେଇଛି।

### ଓଡ଼ିଶାରେ ମହିଳା...

ଏହି କାର୍ଯ୍ୟକ୍ରମରେ ସମାଜରେ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅଧିକାରକୁ ସୁରକ୍ଷିତ କରିବା ପାଇଁ ସାତ ସୂତ୍ରୀ ଦାବି ସର୍ବସମ୍ମତିକ୍ରମେ ପାରିତ କରାଯାଇଥିଲା। ସଂସଦରେ ପାରିତ ହୋଇଥିବା ନାରୀଶକ୍ତି ବନ୍ଦନ ଅଧିନିୟମ ବିଲ ଅନୁଯାୟୀ ମହିଳାମାନଙ୍କ ପାଇଁ ବିଧାନସଭା ଓ ସଂସଦର ୩୩ ପ୍ରତିଶତ ଆସନ ସଂରକ୍ଷଣର ବ୍ୟବସ୍ଥାକୁ ୨୦୨୯ ସାଧାରଣ ନିର୍ବାଚନରେ ଲାଗୁ କରାଯାଉ ବୋଲି ଦାବି ରଖାଯାଇଥିଲା। ସେହିପରି ମିଶନ ଶକ୍ତି ମାଧ୍ୟମରେ ଗଠିତ ହୋଇଥିବା ରାଜ୍ୟର ସାତ ହଜାରରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜିଗୁଡ଼ିକୁ ପୂର୍ବରୁ ସରକାରୀ ବିଭାଗରୁ ପ୍ରଦାନ କରାଯାଉଥିବା ବିଭିନ୍ନ କାର୍ଯ୍ୟରେ ପୁନଃ ନିୟୋଜିତ କରିବା, ବିନା ସୁଧରେ ବର୍ଷକୁ ୨୦ ଲକ୍ଷ ଟଙ୍କା ପ୍ରଦାନ, ମିଶନ ଶକ୍ତିର ବଜେଟ ପରିମାଣକୁ ଦଶ ହଜାର କୋଟି ଟଙ୍କାକୁ ବୃଦ୍ଧି, ମହିଳା ସୁରକ୍ଷାକୁ ପ୍ରାଥମିକତା ଓ ପୂର୍ବରୁ ଥିବା ମହିଳା ଓ ଶିଶୁ ଡେସ୍କକୁ ପୁନଃ ସ୍ଥାପନ, ମହିଳାଙ୍କ ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା. ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଡରେ ବର୍ଷକୁ ୨୦ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ବ୍ୟବସ୍ଥା ନିମନ୍ତେ ଏହି ଅବସରରେ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଦେବ, ସଂଘମିତ୍ର ମିଶ୍ର, ପ୍ରଣବ ପ୍ରକାଶ ଦାସ, ପ୍ରଫୁଲ୍ଲ ସାମଲ, ସଞ୍ଜୟ ଦାସବର୍ମା, ଇଂ. ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ଓଡ଼ିଆ 'ଅସ୍ମିତା'ର...

ଗାଡ଼ିମାଲିକଙ୍କ ପେଟ ପୋଷୁଛନ୍ତି। ଯାହାକୁ ନେଇ ରାଜ୍ୟର ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ବର୍ଷକର ଉପଲବ୍ଧି ପ୍ରଚାର ନିମନ୍ତେ ଓଡ଼ିଶାର ୩୧୪ ଟି ବ୍ଲକ, ୧୧୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ଟି ମହାନଗର ନିଗମରେ ଗୁରୁବାରଠାରୁ ବିକାଶ ବାହନ ଗଡ଼ିବା ଆରମ୍ଭ ହୋଇଛି। ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ "ପ୍ରଗତି ପ୍ରବାହ' ପୁସ୍ତକ ଏବଂ ଏକ ବର୍ଷର ସଫଳତାର ସମ୍ବଳିତ ପୁସ୍ତିକା ମଧ୍ୟ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଯୋଜନା କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଭଡ଼ା ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ଦୈନିକ ୨୫ ଲକ୍ଷ ଟଙ୍କା ବରାଦ କରାଯାଇଛି ଏବଂ ୧୦ ଦିନରେ ଏଥିପାଇଁ ସରକାର ଅଢ଼େଇ କୋଟି ଟଙ୍କା ଖର୍ଚ୍ଚ କରିବେ । କେବଳ ଏହି ଘଟଣା ନୁହେଁ, ଗତ ନିର୍ବାଚନ ସମୟରେ ବିଜେପି ପାଇଁ ପ୍ରଚାର ନିମନ୍ତେ ଉତ୍ତରପ୍ରଦେଶରୁ ୫୦୦ରୁ ଊର୍ଦ୍ଧ୍ୱ ପିକ୍‌ଅପ୍ ଭ୍ୟାନ ଭଡ଼ାରେ ଅଣା ଯାଇଥିଲା। ଗେରୁଆ ରଙ୍ଗର ହୋର୍ଡିଂରେ ଗାଡ଼ିଗୁଡ଼ିକ ସଜାଇ ସବୁ ନିର୍ବାଚନ ମଣ୍ଡଳରେ ପ୍ରଚାର ପାଇଁ ବ୍ୟବହାର କରାଯାଇଥିଲା । ସେତେବେଳେ ଏହାକୁ ନେଇ ମଧ୍ୟ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଓଡ଼ିଶାରେ ବିଜେପି ପ୍ରଚାର ପାଇଁ ଅନ୍ୟ ରାଜ୍ୟର ଗାଡ଼ିକୁ ବ୍ୟବହାର କରିବାକୁ ଅନେକ ନାପସନ୍ଦ କରିଥିଲେ । ଏବେ କଥିତ 'ବିକାଶ' ବାହନ ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ, ସରକାର ଜନସାଧାରଣଙ୍କ ଭାଗୀଦାରିତାରେ 'ବିକଶିତ ଓଡ଼ିଶା' ତଥା ସମୃଦ୍ଧ ଓଡ଼ିଶା ଗଠନର ବୃହତ୍ତର ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରୟାସ କରିଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ସରକାରଙ୍କ ଏପ୍ରକାର ପ୍ରଚାରକୁ ବିରୋଧୀ କଟୁ ସମାଲୋଚନା କରିଛନ୍ତି । ବିଜେପି ସରକାରଙ୍କ ଝାରଖଣ୍ଡ ପ୍ରୀତି ବହୁ ପୁରୁଣା ଓ ନିର୍ଦ୍ଦିଷ୍ଟ ନେତାଙ୍କ ସୁପାରିସରେ ଓଡ଼ିଆ ଗାଡ଼ି ପରିବର୍ତ୍ତେ ପ୍ରଚାର ପାଇଁ ଝାରଖଣ୍ଡ ଗାଡ଼ି ଅଣାଯାଇଛି ବୋଲି ବିରୋଧୀ କହିଛନ୍ତି। ଅନ୍ୟପକ୍ଷରେ ସାଧାରଣ ଲୋକମାନେ ମଧ୍ୟ ଏହାକୁ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରିଛନ୍ତି। ଓଡ଼ିଆଙ୍କୁ ଛାଡ଼ି ବର୍ତ୍ତମାନ କାହିଁକି ଝାଡ଼ଖଣ୍ଡୀଙ୍କ ପ୍ରତି ସରକାର ଆକୃଷ୍ଟ ହେଲେ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଏ ସମ୍ପର୍କରେ ନିଖିଳ ଓଡ଼ିଶା ଡ୍ରାଇଭର୍ ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି ଯେ ଏହା ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ। ରାଜ୍ୟ ସରକାର ଓଡ଼ିଆ ଗାଡ଼ି ମାଲିକ ଓ ଓଡ଼ିଆ ଗାଡ଼ିଚାଳକଙ୍କୁ ଛାଡ଼ି ବାହାର ରାଜ୍ୟରୁ ଗାଡ଼ି ଆଣୁଛନ୍ତି। ଏହାଦ୍ୱାରା ଓଡ଼ିଶାର ଟଙ୍କା ବାହାର ରାଜ୍ୟକୁ ଚାଲିଯିବ। ଓଡ଼ିଆ ଗାଡ଼ି ଚାଳକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିଲେ ରାଜ୍ୟର କିଛି ଗାଡ଼ି ମାଲିକ ଓ ଗାଡ଼ି ଚାଳକ କିଛି ଅର୍ଥ ପାଇପାରିଥାନ୍ତେ। ଏହାକୁ ମହାସଂଘ ନାପସନ୍ଦ କରୁଛି ବୋଲି ସେ କହିଛନ୍ତି।

### ହୋଟେଲରେ ନାବାଳିକାକୁ...

ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ଲେଙ୍କା ସୁନୀଲ ନାବାଳିକାକୁ ଗାନ୍ଧୀ ପାର୍କ ନିକଟରେ ଛାଡ଼ି ଦେଇଥିଲା। ଏହି ଘଟଣା ପ୍ରଘଟ ହେବା ପରେ ପୁଲିସ୍ ତଦନ୍ତ କରି ଶୁକ୍ରବାର ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ଜେରା ସମୟରେ, ଅଭିଯୁକ୍ତମାନେ ସେମାନଙ୍କ ଦୋଷ ସ୍ୱୀକାର କରିଥିବା ପୁଲିସ୍ କହିଛି। ଏଥିସହ ପୁଲିସ ନାବାଳିକାର ଡାକ୍ତରୀମାଇନା କରାଇଛି। ଏନେଇ ଥାନାରେ ନମ୍ବର ୧୪୯/୨୫ରେ ଏକ ମାମଲା ରୁଜୁ ହୋଇଛି।

### ଯାଜପୁର, ଭଦ୍ରକରେ...

କହିଛନ୍ତି, ଯାଜପୁର ଓ ଭଦ୍ରକ ଅଞ୍ଚଳର ବିଭିନ୍ନ ସ୍ଥାନରେ ସର୍ବେକ୍ଷଣ ଓ ଡାକ୍ତରୀ ଦଳ କାର୍ଯ୍ୟରତ ଅଛନ୍ତି। ସଂଗ୍ରହ କରାଯାଇଥିବା ୪୧ଟି ମଳ ନମୁନା ମଧ୍ୟରୁ ୮ଟିରେ କଲେରା ପଜିଟିଭ୍ ଥିବାର ସଙ୍କେତ ମିଳିଛି। ଅଦ୍ୟାବଧି ଯାଜପୁର ଜିଲ୍ଲାରେ ବିଭିନ୍ନ ଡାକ୍ତରଖାନାରେ ୨୨୬ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୯୧ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଗତ ୩ ଧରି ବିଭିନ୍ନ ଡାକ୍ତରଖାନାରେ ୬୨୨ ଜଣ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ସେଥିମଧ୍ୟରୁ ୧୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ଜିଲ୍ଲାର ୭ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ପାନୀୟ ଜଳ ଓ ପଞ୍ଚାୟତିରାଜ ସଚିବ ଗିରିଶ ଏସ୍‌ଏନ୍ ପାନୀୟ ଜଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ମୁଖ୍ୟଯନ୍ତ୍ରୀ ବଳରାମ ମିଶ୍ର ସ୍ଥିତି ଅନୁଧ୍ୟାନ କରିବା ସହ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଆଭାସୀ ମାଧ୍ୟମରେ ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଛୁଟିକୁ ବାତିଲ କରିଛନ୍ତି। ଦୂଷିତ ପାଣି ଓ ଭୋଜି ଖାଇ ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହୋଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଝାଡ଼ାବାନ୍ତିର କାରଣ ସମ୍ପର୍କରେ କେନ୍ଦ୍ରୀୟ ଦଳ ଦୁଇଦିନ ହେବ ବିଭିନ୍ନ ପରୀକ୍ଷାନିରୀକ୍ଷା ଜାରି ରଖିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଶ୍ରୀ ମିଶ୍ର ସୂଚନା ଦେବା ସହ ଏବେ ବି କାରଣ ଅସ୍ପଷ୍ଟ ରହିଥିବା ସୂଚନା ମିଳିଛି।

# ଇଡି ଡେପୁଟି ଡାଇରେକ୍ଟର ଚିନ୍ତନଙ୍କ ଜାମିନ ଖାରଜ

ଭୁବନେଶ୍ୱର,୧୩।୬(ସମିସ): ଲାଞ୍ଚ ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିବା ଇଡିର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀଙ୍କ ଜାମିନ୍ ଆବେଦନ ସିବିଆଇ କୋର୍ଟରେ ଖାରଜ ହୋଇଯାଇଛି। ଉଚ୍ଚ ପଦସ୍ଥ ସରକାରୀ ହୋଇଥିବାରୁ ଜାମିନ ମିଳିଲେ ସାକ୍ଷୀ ପ୍ରମାଣ ପ୍ରଭାବିତ ହୋଇପାରନ୍ତି ବୋଲି କୋର୍ଟ ହୃଦ୍‌ବୋଧ କରି ଜାମିନ ଖାରଜ କରିଛନ୍ତି। ଖଣି ମାଲିକ ରତିକାନ୍ତ ରାଉତଙ୍କ ତାଙ୍କ ବିରୋଧରେ ସିବିଆଇରେ ଅଭିଯୋଗ କରିଥିଲେ। ମେ ୨୯ ତାରିଖରେ ଚିନ୍ତନ ରଘୁବଂଶୀ ଲାଞ୍ଚ ନେଇ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ।

# ପ୍ରକାଶ ପାଇଲା ପିଜି ମେଧା ତାଳିକା

**ପ୍ରଥମ ରାଉଣ୍ଡରେ ନାମ ଲେଖାଇବେ ୨୨,୨୨୬ ଛାତ୍ରଛାତ୍ରୀ**

ଭୁବନେଶ୍ୱର,୧୩।୬(ସମିସ): ସ୍ନାତକୋତ୍ତର (ପିଜି) ନାମଲେଖା ପାଇଁ ଶୁକ୍ରବାର ମେଧା ତାଲିକା ପ୍ରକାଶ ପାଇଛି। ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ୨୨,୨୨୬ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି। ତନ୍ମଧ୍ୟରେ ୭,୩୨୩ଜଣ ଛାତ୍ର ଥିବାବେଳେ ଏହାର ପ୍ରାୟ ଦୁଇଗୁଣା ଅର୍ଥାତ୍ ୧୪,୯୧୨ ଜଣ ଛାତ୍ରୀ ରହିଛନ୍ତି। ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନାମଲେଖାଇବାକୁ ଇଚ୍ଛୁକ ଥିବା ପିଲାମାନେ ଫ୍ରିଜ୍ ଅପସନ୍ ଦେଇ ଅନ୍‌ଲାଇନ୍‌ରେ ନାମଲେଖା ଫି' ଦାଖଲ କରିବେ।

**ଆବେଦନ ସତ୍ତ୍ୱେ ଚଏସ୍ ଲକିଂ କରିନାହାନ୍ତି ୧୫,୬୮୮**

ଏହାସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ୧୬ରୁ ୧୮ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଅପରପକ୍ଷରେ ଯେଉଁମାନେ ଅନ୍ୟ ଶିକ୍ଷାନୁଷ୍ଠାନ ପାଇଁ ଆଗ୍ରହୀ ଥିବେ ସେମାନେ ସ୍ଲାଇଡ୍ ବା ଫ୍ଲୋଟ୍ ଅପସନ୍ ଦେଇ ଫି' ଜମା କରିବେ। ସେମାନଙ୍କୁ ଶିକ୍ଷାନୁଷ୍ଠାନକୁ ଯିବାପାଇଁ ପଡ଼ିବ ନାହିଁ ବୋଲି କୁହାଯାଇଛି।

ଚଳିତବର୍ଷ ସମୁଦାୟ ୧୨୧ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ୩୧,୧୫୪ଟି ସିଟ୍ ଉପଲବ୍ଧ ରହିଛି। ଏଥିରେ ନାମଲେଖାଇବାକୁ ୬୨,୩୨୧ ଜଣ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୬,୯୭୬ ଜଣ ଯୋଗ୍ୟ ଆବେଦନକାରୀଙ୍କୁ ଚୟନ ପାଇଁ ବିଚାରକୁ ନିଆଯାଇଥିଲା। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ୪୧,୨୮୮ ଜଣ ଚଏସ୍ ଲକିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ଅର୍ଥାତ୍ ୧୫,୬୮୮ ଜଣ ଆବେଦନ କରିଥିଲେ ମଧ୍ୟ ଚଏସ୍ ଲକିଂ ବା ଶିକ୍ଷାନୁଷ୍ଠାନ ଚୟନ କରିନାହାନ୍ତି। ପ୍ରଥମ ରାଉଣ୍ଡ ସରିବା ପରେ ୨୩ତାରିଖରେ ଦ୍ୱିତୀୟ ରାଉଣ୍ଡ ଓ ଜୁଲାଇ ୩ରେ ତୃତୀୟ ତଥା ଶେଷ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୩ଟି ପର୍ଯ୍ୟାୟ ସରିବା ପରେ ବଳକା ସିଟ୍‌ରେ ନାମଲେଖାଇବାକୁ ୱେଟିଂ ଲିଷ୍ଟ ରାଉଣ୍ଡ ହେବ। ଏଥିପାଇଁ ପିଲାମାନେ ଜୁଲାଇ ୧୪ରୁ ୧୭ ତାରିଖ ମଧ୍ୟରେ ଅନ୍‌ଲାଇନ୍ ଆବେଦନ କରିବେ। ଜୁଲାଇ ୧୦ ତାରିଖରୁ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।

■ ଭଦ୍ରକରେ ଶାନ୍ତି ଫେରୁଛି

# ସ୍ୱାଭାବିକ ହେଲା ଇଣ୍ଟରନେଟ ସେବା

ଭଦ୍ରକ, ୧୩।୬(ସମିସ): ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଭଦ୍ରକରେ ଆଜି ସକାଳୁ ଆହୁରି ୧୨ଘଣ୍ଟା ପାଇଁ ଇଣ୍ଟରନେଟ ସେବାକୁ ପ୍ରଶାସନ ବନ୍ଦ ରଖିଥିଲା। ଫଳରେ ଦୀର୍ଘ ୩୬ ଘଣ୍ଟା ଜିଲ୍ଲାବ୍ୟାପୀ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଛି। କିନ୍ତୁ ପ୍ରଶାସନ ସାମାଜିକ ଗଣମାଧ୍ୟମ ଉପରେ କଡ଼ା ନଜର ରଖିଛି। ଆବଶ୍ୟକ ପଡ଼ିଲେ, ପୁଣିଥରେ ଇଣ୍ଟରନେଟ୍ ସେବା ଉପରେ କଟକଣା ଲାଗୁ ହୋଇପାରେ ବୋଲି ଜିଲ୍ଲାର ଏସ୍‌ପି ମନୋଜ ରାଉତ କହିଛନ୍ତି। ଭଦ୍ରକ ଜିଲ୍ଲା ତିହିଡ଼ି ଥାନା କଷଟିଠାରେ ଗୋରୁମାଫିଆଙ୍କ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ପରେ ଭଦ୍ରକରେ କଟକଣା ଜାରି ହୋଇଥିଲା। ଗୁରୁବାର ୨୪ ଘଣ୍ଟା ପାଇଁ ଇଣ୍ଟରନେଟ ସେବା ବନ୍ଦ ଥିବା ବେଳେ ଶୁକ୍ରବାର ମଧ୍ୟ ସକାଳୁ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟା ପାଇଁ ପ୍ରଶାସନ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖିଥିଲା।

# କାର୍-ବାଇକ୍ ଧକ୍କା, ୨ ବାଇକ୍ ଆରୋହୀ ମୃତ

କୋଲାବିରା, ୧୩।୬ (ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ଅନ୍ତର୍ଗତ ସମାସିଂହା-ସୋଢାମାଲ ମଝି ଲଛିମାଲ ଠାରେ ଶୁକ୍ରବାର ପୂର୍ବାହ୍ନ ସାଢେ ୧୧ଟା ସମୟରେ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଦୁଇଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। କୋଲାବିରା ଥାନା ଝିଲ୍ଲାପାଲି ପଞ୍ଚାୟତ ଲୁଡୁଙ୍ଗଗ୍ରାମର ରବି ଭୋଇ କୌଣସି କାର୍ଯ୍ୟରେ ରେଙ୍ଗାଲି ଯାଇ ଘରକୁ ଫେରୁଥିଲେ। ସୋଢାମାଲ ନିକଟରେ ସମାସିଂହାଗ୍ରାମର ଗଣେଷ ଜୟପୁରୀଆ(୫୫) କାର୍ଡ ବାଣ୍ଟିବାକୁ ଯାଇ ଫେରୁଥିବା ସମୟରେ ରବିଙ୍କୁ ସମାସିଂହା ପର୍ଯ୍ୟନ୍ତ ଆସିବାକୁ ଲିଫ୍ଟ ମାଗି ଦୁହେଁ ରବି ବାଇକ୍ ନଂ ଓଡି ୧୫ ଏମ -୮୬୯୧ରେ ସମାସିଂହା ଅଭିମୁଖେ ଫେରୁଥିଲେ। ସେମାନେ ଲଛିମାଲ ନିକଟରେ ପହଞ୍ଚିବା ବିରିତ ଦିଗରୁ ଆସୁଥିବା କାର୍ ନମ୍ବର ଓଡି୧୬-୬୮୬୮ ଏମାନଙ୍କୁ ସାମନା ପଟୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ରବି ଏବଂ ଗଣେଷ ଗାଡ଼ିରୁ ଛିଟିକି ପଡି ଗୁରୁତର ହେବା ସହ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଥିଲା। କୋଲାବିରା ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।


**AFFIDAVIT**

I, Manoja Kumar Sahu, aged about 50 years, H/o- Sasmita Kumari Dash, resident of Flat No.201, 1st floor, Swarnajyoshtna Apartment, Mallick complex, Lane-10B, Jagamara, Bhubaneswar, PO/PS- Khandagiri, Dist-Khurda, PIN- 751030, Odisha declared by this affidavit No. 497, dtd-12/06/2025 that now onwards I shall be known as **MANOJ KUMAR SAHU** for all future purposes.

**AFFIDAVIT**

I, Prasannajit Moharana, aged about 31 years, S/o.: Debendranath Moharana, of Village: Jailo, PO.: Mahanga, P.S.: Mahanga, Dist.: Cuttack declare by this affidavit No.: 5788, dtd. 05.06.2025 that now onwards I shall be known as **Prasanajit Moharana** for all future purposes.

**AFFIDAVIT**

By virtue of an affidavit sworn before Notary Court of Odisha, Sukinda, Jajpur, Dated: 22.04.2025, I, Madan Tudu, At: Aradapal, PO: Kalarangiatta, PS:Kaliapani, Dist: Jajpur declare that I have changed my son's name from Adyansh Tudu (Old Name) to Leda Tudu (New Name). Henceforth, he shall be known as **Leda Tudu** for all purposes.

Sd/- Madan Tudu

**AFFIDAVIT**

I, S K Kalmattullah, S/o. Sheik Amanattulla, resident of LIG- 11/3, Housing Board Colony, Chandrasekharpur, Bhubaneswar, Dist-Khordha, Pin- 751016, Odisha, declare by this Affidavit No. 21, Dated 12.06.2025, that now onwards I shall be known as **SHEIK KALAMATTULLA** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2647 dated 12.06.2025, I, **VYSYARAJU SIVA PRASAD RAO** of Vill.- Padwa, Po.- Padwa, Dist.- Koraput, Pin-764038, Odisha declare that, I have changed my son's name from **V.SWAHAN** to **VYSYARAJU SOHAN**. Henceforth he shall be known as **VYSYARAJU SOHAN** for all purposes.

**AFFIDAVIT**

By virtue of an affidavit Sl.No. - 5864, dtd. 05.06.2025 before the Notary Public, Sambalpur, I, Prasadi Pradhan have changed my minor son's name from **Ashish Padhan** to **Jagannath Padhan**. Henceforth he will be know as **Jagannath Padhan** for all purposes.

Sd/- Prasadi Padhan

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2646 dated 12.06.2025, I, **VYSYARAJU SIVA PRASAD RAO** of Vill.- Padwa, Po.- Padwa, Dist.- Koraput, Pin- 764038, Odisha declare that, I have changed my daughter's name from **V.VAISALI** to **VYSYARAJU VAISHALI**. Henceforth she shall be known as **VYSYARAJU VAISHALI** for all purposes.

**AFFIDAVIT**

I Snigdha Ghosh,W/o- Dillip Kumar Ghosh, resident of village, Palusia, Post-Gopinathpur, Ps-Bhograi, Dist- Balasore, Odisha, declared by affidavit before Executive Magistrate , Bhograi No.1878/ dtd-27/05/2025 that My actual name as Snigdha Ghosh in educational certificate, that wrongly mentioned as Snidha Ghosh in Adhar card. Snigdha Ghosh and Snidha Ghosh is one & same person.Hence my name as Snigdha Ghosh for all future purpose.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2648 dated 12.06.2025, I, **VYSYARAJU SIVA PRASAD** of Vill.- Padwa, Po.- Padwa, Dist.- Koraput, Pin- 764038, Odisha declare that, I have changed my name from **VYSYARAJU SIVA PRASAD** to **VYSYARAJU SHIVA PRASAD RAO**. Henceforth I shall be known as **VYSYARAJU SHIVA PRASAD RAO** for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-13/06/2025. I, **Nila Nag** (Applicant name) Son of Mathula Nag, permanent resident of At- Kapsibhata, P.O. Ghantabahali, P.S. Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my minor daughter name from **Dasamata Nag** (old name) To **Dasmita Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Dasmita Nag** (new name).

**NILA NAG**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact

**GADHWAL GROUP**

**Mob.: 9437015112**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2644 dated 12.06.2025, I, **BHAGABATI KHILL** of Vill.- Kakua, Po.- Badel, Dist.- Koraput, Pin- 764041, Odisha declare that, I have changed my name from **BHAGABATI KHIL** to **BHAGABATI KHILLA**. Henceforth I shall be known as **BHAGABATI KHILLA** for all purposes.

**AFFIDAVIT**

I, Suprava Sahoo, aged about 48 years, W/o-Seshadev Sahu, resident of At- Main Road, Titilagarh, PO/PS-Titilagarh, Dist- Balangir, PIN- 767033, Odisha declared by this affidavit No. 512, dtd- 13/06/2025 that now onwards I shall be known as **SUPRAVA SAHU** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-12/06/2025. I, **Tanka Majhi** (Applicant name) Son of Sahadev Majhi, permanent resident of AT/P.O. Chalki, P.S. Muribahal, Dist- Bolangir, (Odisha), PIN- 767037 now residing at the same place affirm that I have changed my minor daughter name from **Dips Majhi** (old name) To **Deepa Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Deepa Majhi** (new name).

**TANKA MAJHI**

**AFFIDAVIT**

By virtue of an Affidavit No. 596 Dtd: 12.06.2025 sworn before the Executive Magistrate, Lephripara, I Manash Ranjan Sahoo S/o- Nityananda Sahoo R/o At/Po/Ps-Lephripara, Dist-Sundargarh - 770012, declare that my minor daughter SRUSTI KUMARI SAHOO changed her name to SONAKSHI SAHOO. Henceforth, she will be known as **SONAKSHI SAHOO** for all purposes.

**OFFICE OF THE TAHASILDAR, GUNUPUR**

No....1770...../XII:02/2025-Debottar Dated: 12.06.2025

**CORRIGENDUM**

**1ST EXTENSION OF DATE SUBMISSION OF TENDER**

Last date for submission of Sealed Tender No 1659/XII: 02/2025 dated 03.06.2025 for staging of Mina Bazar and join ride items except Mout Ka Kua at Mina Bazar Rath Yatra for the year 2025 is extended to **17.06.2025 at 04.00 PM.**

All other terms and conditions will remain the same.

Sd/- Tahasildar-Cum-Executive Officer
Endowment, Gunupur

**ODISHA LIFT IRRIGATION CORPORATION LTD.** CAD-731
(A GOVT. OF ODISHA UNDERTAKING)
**OFFICE OF THE EXECUTIVE ENGINEER, L.I. DIVISION, GUNUPUR**
E-mail: eeolicgnpr@gmail.com
"E"-Procurement Notice
**BID IDENTIFICATION NO. OLIC-GNPR-03/2025-26 dt.11.06.2025**

The Executive Engineer, Lift Irrigation Division, Gunupur, Odisha on behalf of Odisha Lift Irrigation Corporation Limited, Bhubaneswar invites E-tender on Percentage Rate bids in single cover system online mode for the work Installation / Revival / Reinforcement of Lift Irrigation Projects on turnkey basis from reputed contractors / firms having both valid Civil and H.T. license, holders registered within the State issued by PWD/PHED/RWSS/ Irrigation /Rural works of required class and valid HT license issued by E.I.B.O., Odisha with experience in OLIC nature of works. Contractors / firms having civil license can also participate in the above tender making joint venture with valid HT license holders and vice-versa. Valid Joint Venture Documents registered before the Sub-Registration Officer / First Class Magistrate / Executive Magistrate. If a Civil contractor will be first party and joint venture with electrical contractor then the electrical contractor have to produce an affidavit that he have not made joint venture with any others. The bidders who have awarded similar nature of work previously but not satisfactory progress till date their tender may be rejected without assigning any reason thereof.

The details are available in the Government Tender **Website i.e. www.tendersorissa.gov.in**

1. Total Nos. of Packages: 07 nos.
2. Approximate Estimated Cost: Rs. 10.97 Lakhs to 26.71 Lakhs.
3. Period of completion: Mentioned against each package.
4. Class of Contractor: Mentioned against each package.
5. Availability of tender On-line for bidding: From 18.06.2025 to 25.06.2025.
6. Last date & time of seeking tender clarification: On dt. 24.06.2025
7. Last date of submission of original Bid documents / Cost of Bid (On Online Mode): On or before dt. 25.06.2025 up to 5.30 P.M.
8. Date & Time of Opening of tender in the office of the Executive Engineer, L.I. Division, Gunupur (Online Mode): dt. 26.06.2025 onwards.
9. Any Corrigendum/ Addendum: Will be displayed in the website only.

The undersigned reserves the right to reject/cancel any or all the tenders without assigning any reason thereof.

Sd/- Executive Engineer
L.I. Division, Gunupur

OIPR-32144/11/0010/2526

GOVERNMENT OF ODISHA O-284
OFFICE OF THE SUPERINTENDING ENGINEER
RURAL WORKS DIVISION-I, MALKANGIRI
NATIONAL COMPETITIVE BIDDING THROUGH e-Procurement
1st Corrigendum to Online Tender 01/RWD-I, MKG/2025-26 dt. 23.05.2025

In Partial modification to this office tender call notice Online Tender 04/RWD-I, MKG/2024-25 dt.09.10.2024 availability of Tender on-line for bidding have been rescheduled as follows

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender -01/ RWD-I, MKG /2025-26 | **Total 7 nos** (single cover & Double Cover) | 23.06.2025 from 11.00 AM | 07.07.2025 up to 5.00 PM | 30.06.2025 up to 5.00 P.M. | Tech Bid opening: - **(Single Cover & Double Cover Tech. Bid)** 08.07.2025 at 11.00 AM |

All other terms and conditions will remain unaltered

Executive Engineer
R.W. Division-I, Malkangiri

OIPR-25058/11/0013/2526



ମାଳିପୁର, ୧୩।୬(ସମିସ)

### ମରାମତି କାମ ନିମ୍ନମାନର

# ମାସକରେ ନଷ୍ଟ ହେଲା ରାସ୍ତା, ତଦନ୍ତ ଦାବି

ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ଯୋଜନାରେ ପଟ୍ଟାମୁଣ୍ଡାଇଠାରୁ ମଦନପୁର ପର୍ଯ୍ୟନ୍ତ ପନ୍ଦର କିଲୋମିଟର ରାସ୍ତା କାମ କରାଯାଇଛି। ସରକାରୀ ଭାଗମାପକୁ ନଜର ଅନ୍ଦାଜ କରି ଠିକାଦାର ନିଜ ମନ ମୁତାବକ କାମ କରିଥିଲେ। ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରିବା ସହିତ ବିନା ରୋଲିଂରେ କାର୍ଯ୍ୟ କରାଯାଉଥିବା ନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରିଥିଲେ ହେଁ ପୂର୍ତ୍ତ ବିଭାଗ ସେଥିପ୍ରତି କର୍ଣ୍ଣପାତ କରି ନ ଥିଲା। ଫଳରେ ରାସ୍ତା ସୁଦୃଢ଼ୀକରଣ ହେବ କ'ଣ, ଓଲଟା ପୁରୁଣା ରାସ୍ତାଠାରୁ ଅତ୍ୟନ୍ତ ନିମ୍ନମାନର ରାସ୍ତା ନିର୍ମାଣ ହୋଇଥିଲା। ମାତ୍ର ପନ୍ଦର ଦିନ ପରେ ବିଭିନ୍ନ ସ୍ଥାନରେ ରାସ୍ତା ଫାଟି ଆଁ କରିଥିଲା। ଏ ନେଇ ଅଭିଯୋଗ ହେବା ପରେ ଠିକାଦାର ମାଳିପୁରରୁ ଶାସନ ପର୍ଯ୍ୟନ୍ତ ମରାମତି କରିଥିଲେ। ତେବେ ଏହି ମରାମତି କାମ ମାସକ ମଧ୍ୟରେ ନଷ୍ଟ ହୋଇଯାଇଛି। ଠିକାଦାର ରାସ୍ତା ନ ଖୋଳି ଯେନତେନ ପ୍ରକାରେ କାମ ସାରିଦେଇଥିଲେ। ଫଳରେ ସେ ସ୍ଥାନ ପୁଣି ଫାଟି ଦୟନୀୟ ଅବସ୍ଥାରେ ପହଞ୍ଚିଲାଣି। ଏହାର ଭିଜିଲାନ୍ସ ତଦନ୍ତ କରାଯିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

୩୬ ମାସ ପର୍ଯ୍ୟନ୍ତ ମରାମତି କରିବାକୁ ଠିକାଦାର ଚୁକ୍ତି କରିଥିଲେ ହେଁ ମରାମତି କରି ନ ଥିଲେ। ବାରମ୍ବାର ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ବି ରାସ୍ତା ମରାମତି ନ ହେବାରୁ ଉତିକଣ ସଂଗ୍ରାମ ପରିଷଦ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ କରିବା ସହିତ ଭିଜିଲାନ୍ସ ତଦନ୍ତ ଦାବି କରିଥିଲା। ଅନଶନ ଦିନ ପୂର୍ବତନ ନିର୍ବାହୀ ଯନ୍ତ୍ରୀ ରାଜଶ୍ରୀ ବେହେରାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ନଟବର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଅନଶନକରୀଙ୍କୁ ମାସେ ଭିତରେ ମରାମତି କାମ ସାରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇ କାମ ଆରମ୍ଭ କରିଥିଲେ। ଯେଉଁ ସ୍ଥାନରେ ରାସ୍ତା ଖରାପ ହୋଇଛି, ସେଠାରେ ବିଛାଯାଇଥିବା ଖରାପ ନିର୍ମାଣ ସାମଗ୍ରୀ ବାହାର କରି ସଠିକ୍ ନିର୍ମାଣ ସାମଗ୍ରୀ ବ୍ୟବହାର କରି ମରାମତି କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସେ ପ୍ରତିଦିନ କାର୍ଯ୍ୟ ତଦାରଖ କରୁଥିଲେ। ମରାମତି କାମ ଆରମ୍ଭ ହେବାର ଖୁବ୍ କମ୍ ଦିନ ମଧ୍ୟରେ ସେ ଅବସର ଗ୍ରହଣ କରିଥିଲେ। ପରେ ଠିକାଦାର ପୁଣି ତାଙ୍କ ମନଇଚ୍ଛା କାମ କରିଥିଲେ। ରାସ୍ତାରୁ ଖରାପ ନିର୍ମାଣ ସାମଗ୍ରୀ ବାହାର ନ କରି ତାହା ଉପରେ ପିଚୁ ଲେସି ମାଳିପୁରଠାରୁ ଶାସନ ପର୍ଯ୍ୟନ୍ତ ରାସ୍ତାର ମରାମତି କାର୍ଯ୍ୟ ଯେନତେନ ପ୍ରକାରେ ସାରି ଦେଇଥିଲେ। କିନ୍ତୁ ମାସକ ପରେ ଯେଉଁ ସ୍ଥାନରୁ ଖରାପ ନିର୍ମାଣ ସାମଗ୍ରୀ କଢ଼ା ନ ଯାଇ ମରାମତି କରାଯାଇଥିଲା, ସେସବୁ ସ୍ଥାନ ପୁଣି ଫାଟି ଦୟନୀୟ ଅବସ୍ଥାରେ ପହଞ୍ଚିଲାଣି। କିନ୍ତୁ ଯେଉଁ ଜାଗାରୁ ଖରାପ ସାମଗ୍ରୀ ବାହାର କରି ନୂଆ ଭଲ ନିର୍ମାଣ ସାମଗ୍ରୀ ବ୍ୟବହାର କରି ମରାମତି କରାଯାଇଥିଲା, ତାହା ଭଲ ଥିବା ନଜରକୁ ଆସିଛି।

ଯେଉଁ ଠିକାଦାରଙ୍କ ଦ୍ୱାରା କରାଯାଇଥିବା ମରାମତି କାମ ମାତ୍ର ଗୋଟିଏ ମାସରେ ନଷ୍ଟ ହୋଇଗଲା, ସେହି ଠିକାଦାରଙ୍କୁ ପୁଣି ଶାସନଠାରୁ ଅଳଭା ପର୍ଯ୍ୟନ୍ତ ରାସ୍ତାର ମରାମତି କରିବାକୁ ପୂର୍ତ୍ତ ବିଭାଗ ଦାୟିତ୍ୱ ଦେଇଛି। କାର୍ଯ୍ୟ ଆରମ୍ଭରୁ ହିଁ ନିକୃଷ୍ଟ ଧରଣର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା ଅଭିଯୋଗ ପରେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରି ଖରାପ ନିର୍ମାଣ ସାମଗ୍ରୀ ବ୍ୟବହାର ନ କରି ଭଲ ନିର୍ମାଣ ସାମଗ୍ରୀ ବ୍ୟବହାର କରିବା ପାଇଁ ଗ୍ରାମବାସୀଙ୍କ ଉପସ୍ଥିତିରେ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେହି ନିକୃଷ୍ଟ ଧରଣର ନିର୍ମାଣ ସାମଗ୍ରୀ ଠିକାଦାର ରାସ୍ତାରେ ବିଛାଇ ଚାଲିଛନ୍ତି। ଫଳରେ ଏହା କମ୍ ଦିନରେ ଖରାପ ହୋଇଯାଉଛି। ଚୁକ୍ତି ହିସାବରେ ରାସ୍ତା ନିର୍ମାଣକାରୀ ସଂସ୍ଥା ୩୬ ମାସ ପର୍ଯ୍ୟନ୍ତ ମରାମତି କରିବା କଥା। କିନ୍ତୁ ଯେଉଁ ମରାମତି କରାଯାଉଛି, ତାହା ବିଭାଗ ପକ୍ଷରୁ ଖର୍ଚ୍ଚ କରାଯାଉଛି ବୋଲି ପୂର୍ତ୍ତ ବିଭାଗର ଜଣେ ଅଧିକାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏବେ ରାସ୍ତା ମରାମତିରେ ଯେଉଁ ସାମଗ୍ରୀ ବ୍ୟବହାର କରାଯାଉଛି, ତାହା ମଧ୍ୟ ମାସକ ମଧ୍ୟରେ ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ରାସ୍ତା କାମ ନିମ୍ନମାନର ହେଉଥିବାରୁ ଏହାର ଭିଜିଲାନ୍ସ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉତିକଣ ସଂଗ୍ରାମ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତି, ରମାକାନ୍ତ ଦାସ, ଆଶିଷ ମଲିକ, ତୀର୍ଥ ପରିଡ଼ା, ଅଜାମ୍ବର ସାହୁ, ବିମଳ ବାରିକ, ରଞ୍ଜନ ରାଉତ, ଅର୍ଜୁନ ସାହୁ, ପ୍ରମୋଦ ମଲିକ, ବୃନ୍ଦାବନ ପରିଡ଼ା, ଅତନୁ ମଲିକ, ବୁଟୁନା ପଣ୍ଡା, ନିରଞ୍ଜନ ଦାସ, ଅଜୟ ସେନ, ମୁରଲୀ ସେଠୀ, ସର୍ବେଶ୍ୱର ସେଠୀ, ବିଚିତ୍ର ସେନାପତି, ଦିଲ୍ଲୀପ ମଲିକ ପ୍ରମୁଖ ଦାବି କରିଛନ୍ତି।

### ଅଭିନବ ଉପାୟରେ ଠକେଇ

## ଲଟେରୀ ଉଠିଛି କହି ମହିଳାଙ୍କୁ ଲୁଟିଲେ ଫେରିବାଲା



**ରାଜକନିକା, ୧୩।୬(ସମିସ):** ଗାଁ ଗାଁରେ ବୁଲି କେତେକ ଇଲେକ୍ଟ୍ରୋନିକ୍ସ ଘରକରଣା ଜିନିଷ ହାତରେ ଧରି ବିକ୍ରି କରିବା ବାହାନାରେ ସରଳ ଗାଉଁଲି ମହିଳାଙ୍କୁ ମୋହରା କରି ଟଙ୍କା ଠକୁଛନ୍ତି। ଠକାମୀର ଶିକାର ମହିଳା ଏ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଲଟେରୀ ଉଠିଛି କହି ତରାସ ଗ୍ରାମର ମହିଳାଙ୍କଠାରୁ ଠକ ଫେରିବାଲା ୩୬ ଶହ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅଧୀନ ତରସ ଗ୍ରାମରେ ଠକେଇର ଶିକାର ହୋଇଥିବା ୧୦ରୁ ଊର୍ଦ୍ଧ୍ୱ ମହିଳା ଏ ନେଇ ରାଜକନିକା ଥାନାରେ ଅଭିଯୋଗ କରିଛନ୍ତି।

ମହିଳାଙ୍କ ଅଭିଯୋଗ ମୁତାବକ, ଏକ ମହେନ୍ଦ୍ରା ବୋଲେରୋ ଗାଡ଼ି ନମ୍ବର ଓଡି୦୨ ଏଜେଡ ୩୫୮୬ରେ ୬ ଜଣ ବ୍ୟକ୍ତି ପହଞ୍ଚି ମହିଳାଙ୍କୁ ପ୍ରଥମେ ୧୦୦ ଟଙ୍କା କୁପନ କିଣି ଲଟେରୀ ଉଠାନ୍ତୁ ଓ ବିଭିନ୍ନ ପ୍ରକାରର ଉପହାର ପାଆନ୍ତୁ କହି ମହିଳାଙ୍କୁ ଲୋଭ ଦେଖାଇଥିଲେ। ମହିଳାମାନେ ଏହି କୁପନ କିଣି ଲଟେରୀ ଉଠାଇବା ପରେ ସେମାନଙ୍କୁ ଫେରିବାଲା କହିଥିଲେ ଆପଣଙ୍କର ଫ୍ରିଜ ଓ ଗଡ଼ରେଜ, ମୋବାଇଲ ଫୋନ ଉଠିଛି। ଏଭଳି ବିଭିନ୍ନ ପ୍ରକାରର ଜିନିଷ ନେବା ପାଇଁ ମହିଳାଙ୍କଠାରୁ ୩୬୦୦ ଟଙ୍କା ଲେଖାଏଁ ରସିଦ କାଟିଥିଲେ। ରସିଦ ଦେବା ପରେ ଜିନିଷ ଆସୁଛି କହି ଏହି ଠକ ଗୋଷ୍ଠୀ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପରେ ଠକମୀ ହୋଇଛି ଜାଣି ଏହି ମହିଳାମାନେ ରାଜକନିକା ଥାନାରେ ଏତଲା ଦେଇଥିଲେ। ରାଜକନିକା ପୁଲିସ ଏତଲା ପାଇବା ପରେ ଏଭଳି ଠକଙ୍କୁ ଧରିବା ପାଇଁ ଖୋଜାଖୋଜି କରୁଥିବାବେଳେ ଆଜି ପୁଣି ସେହି ତରାସ ଗ୍ରାମରେ ଆଉ ୬ ଜଣ ସେହିଭଳି ଢଙ୍ଗରେ ବେପାର କରିବାକୁ ଆସିଥିବାବେଳେ ଗାଁ ଲୋକେ ପୁଲିସକୁ ଖବର ଦେବା ପରେ ପୁଲିସ ସେମାନଙ୍କୁ ଧରିନେଇ ଥାନାରେ ପଚରାଉଚରା କରୁଥିବା ଜଣାପଡ଼ିଛି।

### ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା

## ଅକ୍ଷୟଙ୍କ କାଳଜୟୀ ସଙ୍ଗୀତରେ ସଭିଏଁ ମତୁଆଲା

**କେନ୍ଦ୍ରାପଡ଼ା, ୧୩।୬(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୁଅସ୍ଥ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ତୁଳସୀ କ୍ଷେତ୍ରାଧିଶ ଶ୍ରୀବଳଦେବଜୀଉଙ୍କ ମାଉସୀମା ମନ୍ଦିର ନିକଟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିକାଶ ମେଳାର ପ୍ରଥମ ସନ୍ଧ୍ୟାରେ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା ଅତି ସଫଳତାର ସହିତ ପରିବେଷିତ ହୋଇଯାଇଛି। କଳା ନିକେତନର ପ୍ରତିଷ୍ଠାତା ତଥା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଉପେନ୍ଦ୍ର କୁମାର ପାଢ଼ୀ, ନିରୁପମା ଜେନା ଓ ଶ୍ରୀ ପରିଡ଼ା ଅକ୍ଷୟଙ୍କ କାଳଜୟୀ ଭଜନ, ଆଧୁନିକ ଓ ଚଳଚ୍ଚିତ୍ର ସଙ୍ଗୀତ ଗାଇ ସମସ୍ତଙ୍କୁ ମତୁଆଲା କରିଥିଲେ। ସ୍ମୃତିରେଖା ବିଶ୍ୱାଳ ଓ ପ୍ରତୀକ୍ଷା ନାୟକ ନୃତ୍ୟ ପରିବେଷଣ କରିଥିଲେ।

ଏ ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ଓ ରାଜକିଶୋର ରାଉତ ଭାବଗ୍ରାହୀ କଳା ନିକେତନର ମୁଖ୍ୟ ବିମଳ ପରିଡ଼ାଙ୍କ ସମେତ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପାରାଦୀପଗଡ଼ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ରଜ ମହୋତ୍ସବରେ ଅନୁଷ୍ଠାନ ପକ୍ଷରୁ ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା ମଧ୍ୟ ଅତି ସଫଳତାର ସହିତ ପରିବେଷିତ ହୋଇଥିଲା। କଳାକାରଙ୍କୁ ଉତ୍ସାହିତ କରିବାକୁ ଉଭୟ ସ୍ଥାନରେ ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡ଼ା ଉପସ୍ଥିତ ଥିଲେ।

## କେରେଡ଼ାଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ରାଜନଗର, ୧୩।୬(ସମିସ):** ରାଜନଗର ବ୍ଲକ କେରେଡାଗଡ଼ସ୍ଥ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଇଁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଶାନ୍ତିଶୃଙ୍ଖଳା ମଧ୍ୟରେ କିପରି ରଥଯାତ୍ରା ଅନୁଷ୍ଠିତ ହେବ, ସେ ନେଇ ମତ ରଖିଥିଲେ। ଉକ୍ତ ବୈଠକରେ ରଥ ନିର୍ମାଣ, ଭକ୍ତଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ଯୋଗାଣ, ରଥଦାଣ୍ଡକୁ ଅବରୋଧମୁକ୍ତ କରିବା, ଟ୍ରାଫିକ ପରିଚାଳନା, ଭକ୍ତଙ୍କ ଭିଡ଼ ସମୟରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମନ୍ଦିରର ବିଶୋଇ ପୀତାମ୍ବର ଦାଶ, ବିଡିଓ ଅନିରୁଦ୍ଧ ବେହେରା, ଆଇଆଇସି ନରେଶ କୁମାର ସାହୁ, ଡାକ୍ତର ଶୀତମ ରଞ୍ଜନ ପାତ୍ର, ବିଦ୍ୟୁତ ବିଭାଗର ଜିତେନ୍ଦ୍ର ବଳ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ, ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ, ଅଗ୍ନିଶମ ବିଭାଗର ସୁବାସ ଚନ୍ଦ୍ର ବାରିକ, ଆରଆଇ ପ୍ରଦ୍ୟୁମ୍ନ ବେହେରା, ଆରଡବ୍ଲ୍ୟୁଏସଏସର ନକୁଳ ପଢ଼ିହାରୀ, ଶ୍ରୀଜଗନ୍ନାଥ ହାଇସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରଥ ନିର୍ମାଣ ବିଶ୍ୱକର୍ମା ଅଲେଖ ଚନ୍ଦ୍ର ସୂତାର, ବଡ଼ପଣ୍ଡା ମଦନମୋହନ ରଥ, ରାଧାଚରଣ ମାଝି, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

## ପ୍ରଶାନ୍ତ ରାଉତ ପିସିସିର ବଲାଙ୍ଗିର ପର୍ଯ୍ୟବେକ୍ଷକ ନିଯୁକ୍ତ

**ରାଜନଗର, ୧୩।୬(ସମିସ):** ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବଲାଙ୍ଗୀର ଜିଲ୍ଲାର ପର୍ଯ୍ୟବେକ୍ଷକ ରୂପେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ଯୁବନେତା ପ୍ରଶାନ୍ତ କୁମାର ରାଉତଙ୍କୁ ନିଯୁକ୍ତି ମିଳିଥିବାରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ରାଜନଗର କଂଗ୍ରେସ ଦଳର ନେତୃମଣ୍ଡଳୀ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଏ ଅବସରରେ ନବନିଯୁକ୍ତ ପର୍ଯ୍ୟବେକ୍ଷକ ଶ୍ରୀ ରାଉତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ରାଜନଗର ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଦାମୋଦର ବିଶ୍ୱାଳ, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଧନେଶ୍ୱର ଦାସ, ଯୁବ ନେତା ସତ୍ୟପ୍ରିୟ ସାମଲ, ଅଶ୍ୱିନୀ ପାତ୍ର, ନାଗେଶ୍ୱର ସାହୁ, ବିଜୟ ପରିଡ଼ା, ସୁଶୀଲ କୁମାର ପ୍ରଧାନ, ସଞ୍ଜୟ ସାହୁ, ବିକାଶ ସେଠୀ, ରମାକାନ୍ତ ଜେନା, ବରିଷ୍ଠ କଂଗ୍ରେସ ନେତା ବୈକୁଣ୍ଠ ବିହାରୀ ବିଶ୍ୱାଳ, ମାଗୁଣି ପଢ଼ିହାରୀ, ବନମାଳୀ ପ୍ରଧାନ, ନିରଞ୍ଜନ ବାରିକ, ବିଦ୍ୟାଧର ଦାସ, ଅମୂଲ୍ୟ ଜେନା, ନିମାଇଁ ଚରଣ ଦାସ, କପିଳ ଚରଣ ସ୍ୱାଇଁ, ରବୀନ୍ଦ୍ର କୁମାର ମିଶ୍ର, ରମାକାନ୍ତ ପ୍ରଧାନ, ଲଛମନ ସେଠୀ ପ୍ରମୁଖ ସଭାପତି ଶ୍ରୀ ଦାସଙ୍କୁ କୃତଜ୍ଞତା ଜଣାଇବା ସହ ଶ୍ରୀ ରାଉତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ପେଣ୍ଟପାଳ ପଞ୍ଚାୟତରେ ବିକାଶ ରଥ ପରିକ୍ରମା



**ପଟ୍ଟାମୁଣ୍ଡାଇ, ୧୩।୬(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଟପାଳ ପଞ୍ଚାୟତରେ ରାଜ୍ୟ ବିଜେପି ସରକାରଙ୍କ ଶାସନର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଅଶୋକ ମହାନ୍ତି, ଅତିରିକ୍ତ ବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରସନ୍ନ ରାଉତ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ସିଆରସିସି ପ୍ରଦୀପ ତରାଇ, ସିଏଚଓ ଶିବାନୀ ଶ୍ୟାମାପ୍ରଭା ଜେନା, ପିଇଓ ସର୍ବେଶ୍ୱର ବରାଳ, ଏସବିଏମ ସଂଯୋଜକ ରବୀନ୍ଦ୍ର ରାଉତ, ଜିପିଡିଓ ରଞ୍ଜିତ ପରିଡ଼ା, ସୋସିଆଲ ଅଡିଟର ନଳିନୀକାନ୍ତ ସ୍ୱାଇଁ, ପୂର୍ବତନ ସରପଞ୍ଚ କୈଳାସ ସେଠୀ ପ୍ରମୁଖଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ରାସନ, ଅନ୍ତ୍ୟୋଦୟ, ଭତ୍ତା କାର୍ଡ ବଣ୍ଟନ କରିଥିଲେ।

## ଭିନ୍ନକ୍ଷମ ଶିଶୁଙ୍କୁ ପ୍ରୋଷ୍ଟେଟିକ୍ ଉପକରଣ ବଣ୍ଟନ

**କେନ୍ଦ୍ରାପଡ଼ା, ୧୩।୬(ସମିସ):** କେନ୍ଦ୍ରାପଡ଼ା ସହର ପୁନର୍ବାସ ଥେରାପି କେନ୍ଦ୍ରରେ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟରତ ଅନୁଷ୍ଠାନ 'ପୁନର୍ବାସ' ଓ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଭିନ୍ନକ୍ଷମ ଶିଶୁଙ୍କ ପ୍ରୋଷ୍ଟେଟିକ୍ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ୧୦ ଜଣ ଶିଶୁଙ୍କ ପ୍ରୋଷ୍ଟେଟିକ୍ ମାପ ନିର୍ଦ୍ଧାରଣ କରାଯାଇଥିଲା। ସେହି ଅନୁଯାୟୀ ଗୁରୁବାର ପୁନର୍ବାସ ଥେରାପି କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟର ପ୍ରସ୍ତୁତ ପ୍ରୋଷ୍ଟେଟିକ୍ ଉପକରଣ ପ୍ରଦାନ କରାଯାଇଛି। ଏ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବର୍ଷୀୟାନ ଚିକିତ୍ସକ ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋ, କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ଲିମିଟେଡର ସଭାପତି ଗୁରୁପ୍ରସାଦ ମହାନ୍ତି, କେନ୍ଦ୍ରାପଡ଼ା ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ତଥା ବରିଷ୍ଠ ପ୍ରଶାସକ ଅଜିତ୍ ନାରାୟଣ ପ୍ରସାଦ ଗିରି, ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ବୋର୍ଡ ସଦସ୍ୟ ଭୁବନ ମୋହନ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଭିନ୍ନକ୍ଷମ ଶିଶୁଙ୍କ ପିତାମାତାଙ୍କ ସହ ଭାବବିନିମୟ କରି ସେମାନଙ୍କୁ ନିଜର ସ୍ୱତନ୍ତ୍ର ସନ୍ତାନ ପ୍ରତି ସର୍ବଦା ସକାରାତ୍ମକ ଦୃଷ୍ଟି ଆପଣାଇବାକୁ ପରାମର୍ଶ ପ୍ରଦାନ କରିଥିଲେ। ପ୍ରୋଷ୍ଟେଟିକ୍ ଉପକରଣ ପ୍ରସ୍ତୁତକାରୀ ସଂସ୍ଥା ଭୁବନେଶ୍ୱର ଏସ୍ଏମ୍‌ଜି ଫାଉଣ୍ଡେସନର ବରିଷ୍ଠ ଥେରାପିଷ୍ଟ ଗିରିଜାକାନ୍ତ ଖୁଣ୍ଟିଆ ଓ ଗୀତାଞ୍ଜଳି ବେହେରା ଉପସ୍ଥିତ ଭିନ୍ନକ୍ଷମ ଶିଶୁଙ୍କୁ ଏହି ଉପକରଣର ବଣ୍ଟନ ଏବଂ ବ୍ୟବହାର ଉପଯୋଗିତା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସହଯୋଗୀ ଟ୍ରଷ୍ଟର ମୁଖ୍ୟ ଆମେରିକା ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବେନ୍ଦ୍ର କୁମାର ଦାସଙ୍କୁ ଏହି ସହାୟତା ନିମନ୍ତେ କୃତଜ୍ଞତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ମହମ୍ମଦ ଜାହିଦ୍ ଖାନ୍, ଥେରାପିଷ୍ଟ ଗୁଞ୍ଜନସ୍ମିତା ବେହେରା, ରଞ୍ଜନ କୁମାର ସ୍ୱାଇଁ, ମିହିର ରଞ୍ଜନ ବାରିକ, କାଉନ୍‌ସେଲର ସଞ୍ଜୀବ କୁମାର ଜେନା, ଗାୟତ୍ରୀ ପୃଷ୍ଟି ଓ ଦୀପକ ସାହୁ ପ୍ରମୁଖ ସହାୟତା କରିଥିଲେ। ସହସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।





## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

**ରାଜନଗର, ୧୩।୬(ସମିସ):** ରାଜନଗର ବ୍ଲକ ଅନ୍ତର୍ଗତ ତାରିଣୀ ମନ୍ଦିର ପରିସରରେ ରାଜନଗର ବ୍ଲକ ଅବସରପ୍ରାପ୍ତ ସରକାରୀ ସଂଘ ପକ୍ଷରୁ ଏକ ଜରୁରୀ କାର୍ଯ୍ୟକାରିଣୀ ବୈଠକ ସଭାପତି କୃପାସିନ୍ଧୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସମ୍ପାଦକ ବିଜୟ କୁମାର ଜେନା, ପ୍ରଫେସର ସତ୍ୟବାଦୀ ଜେନା, କ୍ଷୀରୋଦ କୁମାର ମଲ୍ଲିକ, ବିଜୟ କୁମାର ବେହେରା, ବ୍ରହ୍ମାନନ୍ଦ ରାଉତ, ସର୍ବେଶ୍ୱର ମହାନ୍ତି ପ୍ରମୁଖ ବରିଷ୍ଠ ସଭ୍ୟ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସଭ୍ୟଙ୍କ ମତାମତ ଅନୁଯାୟୀ ଚଳିତ ବର୍ଷ ଜାନୁଆରୀ ମାସରୁ ବର୍ଦ୍ଧିତ ମାହାଙ୍ଗା ଭତ୍ତା ସରକାରୀ ଭାବେ ଘୋଷଣା ହୋଇଥିଲେ ମଧ୍ୟ କେବଳ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ସାନବଡଗୋପାଳପୁର ଶାଖା ଅବସରପ୍ରାପ୍ତ କର୍ମଚାରୀଙ୍କୁ ବେକେୟା ମହଙ୍ଗା ଭତ୍ତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ମାତ୍ର ବ୍ୟାଙ୍କ ବକେୟା ଅର୍ଥ ଦେଉ ନ ଥିବାରୁ ଏ ସମ୍ପର୍କରେ ଶାଖା ପରିଚାଳକଙ୍କୁ କୁହାଯାଇଛି। ଏ ନେଇ ଅବସପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ସାତଦିନ ମଧ୍ୟରେ ସମସ୍ତ ବକେୟା ପ୍ରାପ୍ୟ ମଞ୍ଜୁର କରା ନ ଗଲେ ସଂଘ ଆନ୍ଦୋଳନାତ୍ମକ ପଦକ୍ଷେପ ଅନୁସରଣ କରିବାକୁ ବାଧ୍ୟ ହେବ। ପରବର୍ତ୍ତୀ ପରିସ୍ଥିତି ପାଇଁ ସମ୍ପୃକ୍ତ ଶାଖା ପରିଚାଳକ ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ

## ନୋଳସାହିରେ ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ



**ପଞ୍ଚୁପାଣ୍ଡବ, ୧୩।୬(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ୧୯୫୭ରେ ସ୍ଥାପିତ ହୋଇଥିବାବେଳେ ଏବେବି ପୁରୁଣା ଆଜବେଷ୍ଟ ଘରେ ଚାଲିଛି। ସରକାର ପଞ୍ଚାୟତ କାର୍ଯ୍ୟାଳୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏଠି ଜମି ସମସ୍ୟା ନେଇ ପଞ୍ଚାୟତ ଅଫିସ୍ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପୁରୁଣା ଆଜବେଷ୍ଟ ଘରେ ୬୬ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଚାଲିଛି। ୧୫ରୁ ଅଧିକ ସରପଞ୍ଚ ଦାୟିତ୍ୱରେ ଥାଇ ବି କେହି ନୂତନ ପଞ୍ଚାୟତ କାର୍ଯ୍ୟାଳୟ କରିପାରିଲେନାହିଁ। ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଅଞ୍ଚଳବାସୀ ବାରମ୍ବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା ସଫଳତା ମିଳିଲାନାହିଁ। ଜମି ସମସ୍ୟାକୁ ନେଇ କଥା ଅଦାଲତରେ ମାମଲା ପହଞ୍ଚିଥିଲା। କୋର୍ଟଙ୍କ ଅନୁମତି କ୍ରମେ ଆଗରୁ ଥିବା ନୋଳସାହିରେ ହିଁ ନୂତନ ପଞ୍ଚାୟତ ଗୃହ ହେବ ବୋଲି ପ୍ରଶାସନଙ୍କୁ ନିର୍ଦ୍ଦେଶ ଆସିଥିବା ଜଣାପଡ଼ିଛି।

ପଞ୍ଚାୟତ କାର୍ଯ୍ୟାଳୟ ନଥିବାରୁ ସରପଞ୍ଚ ହୋଇଥିଲେ ମଧ୍ୟ ସେଠାକୁ ଅଧିକାଂଶ ସମୟରେ ଆସୁ ନ ଥିବା ଓ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଆସୁଥିବା କମ୍ପ୍ୟୁଟର, ଫ୍ୟାନ, ଚେୟାର, ଟେବୁଲ୍ ପଞ୍ଚାୟତକୁ ମିଳୁନାହିଁ। ପଞ୍ଚାୟତର ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅସରାଏ ବର୍ଷା ହେଲେ ଘର ଭିତରେ ପାଣି ପଶିଯିବା ଓ କାର୍ଯ୍ୟାଳୟ ସମ୍ମୁଖରେ ଆଣ୍ଠୁଏ ପାଣି ଠିଆ ହୋଇଯାଏ। ଏ ସମ୍ପର୍କରେ ଡେରାବିଶ ବିଡିଓ ନମିତା ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶ ପରେ ମୁଁ ଓ ତହସିଲଦାର ସରୋଜକାନ୍ତ ନାୟକ ଯାଇ ତଦନ୍ତ କରିଛୁ। ରଘୁଦେଇପୁର ସମବାୟ ସମିତି ଜାଗା ସେମାନେ ପଞ୍ଚାୟତ ନାମରେ ଜମିଦେଲେ ଶୀଘ୍ର ନୂତନ ଗୃହ ହୋଇଯିବ ବୋଲି କହିଛନ୍ତି।

# ସରକାରୀ ଜାଗାରୁ ଉଚ୍ଛେଦ ହେଲା ଛୋଟି ବଜାର

ପଞ୍ଚୁପାଣ୍ଡବ, ୧୩।୬(ସମିସ)



ଡେରାବିଶ ତହସିଲ ଅଧୀନରେ ଥିବା ଛୋଟି ପଞ୍ଚାୟତ ଅନ୍ତର୍ଗତ ସରକାରୀ ଜାଗା ଅବରୋଧ କରିଥିବା ଛୋଟି ବଜାରକୁ ଜେସିବି ମେସିନ ଦ୍ୱାରା ଭଙ୍ଗାଯାଇଛି। ଏହି ରାସ୍ତା ଅଣଓସାରିଆ ଥିବାରୁ ଯାତାୟାତ କରିବା ପାଇଁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଥିଲା ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଜପୁର ଜିଲ୍ଲାକୁ ସଂଯୋଗ କରିବା ପାଇଁ ବିରୂପା ନଦୀରେ ଏକ ବ୍ରିଜ ନିର୍ମାଣ ହୋଇଛି। ଏହି ରାସ୍ତାଟି ଓସାର ହେବା ପରେ ଏହି ବ୍ରିଜର ଉଦଘାଟନ ହେବ ବୋଲି ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି। ପୂର୍ବରୁ ସରକାରୀ ଜାଗାକୁ ଚିହ୍ନଟ କରି ମାପ ସାରିଥିଲା। ଡେରାବିଶ ତହସିଲ ପକ୍ଷରୁ ଶୁକ୍ରବାର ଦିନ ପ୍ରାୟ ୨୯ଟି ବିଭିନ୍ନ ପ୍ରକାରର ଦୋକାନ ଘର ଭଙ୍ଗାଯାଇଥିବା ଦେଖିବାକୁ ମିଳିଛି। ଏଥିରେ କେତେକ ଦୋକାନ ଗୃହ ନଷ୍ଟ ହୋଇଥିବାବେଳେ କେତେକ ଦୋକାନର ସାମାନ୍ୟ ପିଣ୍ଡା ଭଙ୍ଗାଯାଇଥିବା ଦେଖିବାକୁ ମିଳିଛି।

ଆଜି ଅବରୋଧ ହଟାଇବା ପାଇଁ ତହସିଲଦାର ସରୋଜକାନ୍ତ ନାୟକଙ୍କ ସହ ନିକିରାଇ ଥାନା ପୁଲିସ ଓ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିଦର୍ଶକ ମାନସ ଚନ୍ଦ୍ର ନାଥ, ରାଜସ୍ୱ ନୀରିକ୍ଷକ ପ୍ରଦ୍ୟୁମ୍ନ ସ୍ୱାଇଁ ଓ ବିଶ୍ୱବିଜୟୀ, ଅମିନ ନିରଞ୍ଜନ ବେହେରା ଓ ଉମାକାନ୍ତ ବେହେରା, ଆରଡି ବିଭାଗ ଏଇ ଶୈଳେନ୍ଦ୍ର କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଛୋଟି ଆର୍ଆଇଙ୍କୁ ପଚାରିବାରୁ ସେ କହିଛନ୍ତି, ଦୋକାନୀଙ୍କୁ ତିନି ମାସ ପୂର୍ବେ ନୋଟିସ କରାଯାଇଥିଲା। ଆଜି ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ କରାଗଲା। କେତେକ ଗରିବ ଲୋକଙ୍କ ଦୋକାନ ଭଙ୍ଗାଯାଇଥିବାରୁ ସେମାନେ କେମିତି ପରିବାର ପୋଷଣ କରିବେ, ସେ ନେଇ ଚିନ୍ତାରେ ଦୋକାନୀ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦୋକାନୀମାନେ ନିବେଦନ କରିଛନ୍ତି।

# ଜିଲ୍ଲାରେ ବାଲିମାଫିଆ ସକ୍ରିୟ
# ଚଢ଼ଉ ସତ୍ତ୍ୱେ ବଢ଼ିଚାଲିଛି ବାଲି ଚୋରାଚାଲାଣ

ଜଗତସିଂହପୁର,୧୩।୬(ସମିସ)



ବର୍ଷା ପୂର୍ବରୁ ବୋହି ନେଉଛନ୍ତି ବାଲି

ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ତିର୍ତ୍ତୋଲ, ବିରିଡ଼ି, ରଘୁନାଥପୁର, ନାଉଗାଁ ଓ ଜଗତସିଂହପୁର ତହସିଲ ଅଞ୍ଚଳରେ ଥିବା ବାଲିଘାଟରୁ ନିର୍ମିତ ଭାବେ ବାଲି ଚୋରାଚାଲାଣ ହେଉଥିବାବେଳେ ଜିଲ୍ଲା ଖଣି ବିଭାଗ ଓ ପୁଲିସ ପକ୍ଷରୁ ଚଢ଼ଉ ଜାରି ରହିଛି। ଗତ ମେ' ମାସରେ ୧୦ରୁ ଉଦ୍ଧ୍ୱର୍ ଚୋରାଚାଲାଣ ହେଉଥିବା ବାଲିଗାଡି ଧରାପଡିଥିବାବେଳେ ଚଳିତ ମାସ ୧ରୁ ୧୨ ତାରିଖ ମଧ୍ୟରେ ୬ଟି ବାଲିଗାଡି ଜବତ ହୋଇଥିବା ଜିଲ୍ଲା ଖଣି ଅଧିକାରୀ ସତ୍ୟଶ ତରାଇ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ବାଲି ଚୋରାଚାଲାଣ ଉପରେ ରୋକ ଲାଗିପାରୁନାହିଁ। ବାଲି ମାଫିଆଙ୍କ ପଛରେ ଶାସକ ଦଳ ନେତାଙ୍କ ହାତ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ଅତୀତରେ ଟ୍ରାକ୍ଟର୍ ପାସ୍ ନଥିବା ଚୋରା ବାଲିଗାଡିକୁ ଜବତ କରି ତିର୍ତ୍ତୋଲ ଥାନାର ଦୁଇଜଣ ଥାନା ଅଧିକାରୀ ରାତିରେ ଥିଲା ବଦଳି ହେବା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଉଛି। ସେହିପରି ଗତ ୧୨ ତାରିଖ ରାତିରେ ବାଲିକୁଦା ତହସିଲଦାର ବିକାଶ ରଞ୍ଜନ ସ୍ଥାନୀୟ ପୁଲିସ ସହାୟତାରେ ୩ଟି ବାଲି ଭର୍ତ୍ତି ହାଇୱା ଜବତ କରିଥିବାବେଳେ ଏହି ବାଲି ଚୋରାଚାଲାଣ ପଛରେ ଜଗତସିଂହପୁରର ଜଣେ ବିଜେପି ନେତାଙ୍କ ହାତ ଥିବା ସୂଚନା ମିଳିଛି। ସେପଟେ ଗତ ୨୦୨୩ ଡିସେମ୍ବର ମାସରେ ଜଗତସିଂହପୁର ଜିଲ୍ଲାରେ ଖଣି ବିଭାଗ କାର୍ଯ୍ୟାଳୟ ଖୋଲିଥିଲେ ମଧ୍ୟ ଏଠାରେ କେବଳ ଜଣେ ଖଣି ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ଏଠାରେ ଜଣେ ସହକାରୀ ଖଣି ଅଧିକାରୀ, ଜଣେ କନିଷ୍ଠ ଖଣି ଅଧିକାରୀ ଓ ଜଣେ କନିଷ୍ଠ ସହାୟକ ପଦବୀ ରହିଥିଲେ ମଧ୍ୟ ଅଦ୍ୟାବଧି ଏସବୁ ପଦବୀ ପୂରଣ ହୋଇନାହିଁ। ଯାହାରା ଜଣେ ଖଣି ଅଧିକାରୀ ହିଁ ସମସ୍ତ ଦାୟିତ୍ୱ ତୁଲାଇବାକୁ ବାଧ୍ୟ ହେଉଛନ୍ତି। ବିଗତ ଦିନରେ ବାଲି ଚୋରାଚାଲାଣକୁ ନେଇ ନାଉଗାଁ, ତିର୍ତ୍ତୋଲ ଓ ବିରିଡ଼ି ଅଞ୍ଚଳରେ ହାତାହାତି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। କିଛିମାସ ତଳେ ବିରିଡ଼ି ତହସିଲ ଅଞ୍ଚଳରୁ ବାହାର ରାଜ୍ୟକୁ ଚୋରାଚାଲାଣ ହେଉଥିବା ଏକାଧିକ ଟ୍ରକ୍ ପୁଲିସ ଜବତ କରିଥିଲା। ତେବେ ଗତ ମାର୍ଚ୍ଚ ୨୧ ତାରିଖରେ ରାଜ୍ୟ ସରକାର ସ୍ଥାନୀୟ ପଞ୍ଚାୟତ ସମିତି ମାଧ୍ୟମରେ ବାଲିଘାଟ ପରିଚାଳନା ପାଇଁ ନୂଆ ଏସ୍ଓପି ଜାରି କରିଛନ୍ତି। ଆଗାମୀ ଦିନରେ ବାଲି ଚୋରାଚାଲାଣ ରୋକିବାରେ ଏହା କେତେ ସକ୍ଷମ ହେବ ତାହାକୁ ହିଁ ଅପେକ୍ଷା।

## ତିର୍ତ୍ତୋଲ କଂଗ୍ରେସର ପ୍ରସ୍ତୁତି ବୈଠକ



ଜଗତସିଂହପୁର/ତିର୍ତ୍ତୋଲ,୧୩।୬(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଆଗାମୀ ଦିନରେ ହେବାକୁ ଥିବା ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଦଳୀୟ ନେତା ଓ କର୍ମୀ ଯୋଗଦେଇ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ ଆଗାମୀ ୧୮ ତାରିଖରେ ଜଗତସିଂହପୁରଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ପିସିସି ଉପସଭାପତି ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପିସିସି ସାଧାରଣ ସମ୍ପାଦକ ତଥା ବାସୁଦେବପୁର ବିଧାୟକ ଅଶୋକ ଦାସ, ପିସିସି ସାଧାରଣ ସମ୍ପାଦକ ୟାସିର ନୱାଜ ଓ ପିସିସି ସମ୍ପାଦକ ଶ୍ରୀମତୀ ହରିଚନ୍ଦନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରୁ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ପିସିସି ସଭ୍ୟ ଦେବ ପ୍ରସାଦ ନାୟକ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମହମ୍ମଦ ଅବଦୁଲ ୱାହିଦ, ଜିତେନ୍ଦ୍ର ମହାନ୍ତି, ବିକାଶ ଦାସ, ଧନଞ୍ଜୟ ସୂତାର, ଚିତ୍ତରଞ୍ଜନ ଦାସ, ବ୍ରଜ କିଶୋର ମଲ୍ଲିକ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚଇନି, ମୂଳିସିଂ ସମିତିସଭ୍ୟ ରଞ୍ଜନ ସାହୁ, ଲଲାଟ କେଶରୀ ମହାପାତ୍ର , ପ୍ରଦୀପ୍ତ ଶତପଥୀ, ଗଗନ ବିହାରୀ ସାହୁ, ସୁଧାଂଶୁ ବେହେରା, ନିରଞ୍ଜନ ମହାନ୍ତି, ରିଙ୍କୁ ପାଳ, ମୁସ୍ତାଫା ହୁସେନ୍ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## କୁଜଙ୍ଗ ପଞ୍ଚାୟତରେ ବିକାଶ ରଥର ଶୁଭାରମ୍ଭ

କୁଜଙ୍ଗ, ୧୩।୬ (ସମିସ): କୁଜଙ୍ଗ ପଞ୍ଚାୟତରେ ବିକାଶ ରଥର ଶୁଭାରମ୍ଭ କରାଯାଇଛି। ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ଶ୍ରୀମତୀ ବନ୍ଦିତା ଦାସ ପ୍ରମୁଖ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ବିଜେପି ସରକାର ଗୋଟିଏ ବର୍ଷ ପୂର୍ଣ୍ଣ କରିଥିବାରୁ ଏହି ସମୟ ମଧ୍ୟରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ, ସରକାରଙ୍କ ସଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ କୁଜଙ୍ଗ ବ୍ଲକର ୨୮ ଟି ପଞ୍ଚାୟତରେ ଏହି ରଥ ପରିକ୍ରମା କରିବ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ଜେନା, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଚେତନା ପୁରୋହିତ, ଯୋଗାଣ ଅଧିକାରୀ ଦୀପକ ପାତ୍ର, ବିଜେପି ଜିଲ୍ଲା ସମ୍ପାଦକ ତପନ ତ୍ରିପାଠୀ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ପଙ୍କାପାଳ ସରପଞ୍ଚ ସରୋଜ ସେଠୀ, ବିଜେପି କୁଜଙ୍ଗ ମଣ୍ଡଳ ସଭାପତି ରଞ୍ଜନ ବାରିକ, ବିପିଏମ୍ ମନୋଜ ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ରାଉତ, ବ୍ଲକ୍ ସଂଯୋଜକ ଜିତେନ୍ଦ୍ର ରାଉତଙ୍କ ସମେତ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଭ୍ୟା ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା



ଜଗତସିଂହପୁର,୧୩।୬(ସମିସ): ଆଜି ଅପରାହ୍ନରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଓଡ଼ିଶା ପାଇଁ ବିକଶିତ ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଦ୍ୱାରା ଆଜି ଜିଲ୍ଲାର ବିକାଶ ଘଟିଛି ବୋଲି କହିଥିଲେ। ସବକା ସାଥ ସବକା ବିକାଶ ନ୍ୟାୟରେ ୨୦୩୬ ସୁଦ୍ଧା ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିଅନ ଡଲାରରେ ପହଞ୍ଚାଇ ବିକାଶର ବେଗକୁ ତ୍ୱରାନ୍ୱିତ କରିବା ପାଇଁ ସେ ଆଶାପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେଇ ବିକାଶର ମୂଳଦୁଆ ଗ୍ରାମୀଣ କ୍ଷେତ୍ରରୁ ହୋଇଥାଏ। ଗ୍ରାମରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ଉନ୍ନତି ହେଲେ ଜିଲ୍ଲାର ଉନ୍ନତି ସମ୍ଭବ ବୋଲି କହିଥିଲେ। ବିଧାୟକ ଅମରେନ୍ଦ୍ର ଦାସ ଯୁବ ଶକ୍ତିର ବିକାଶ ହେଲେ ଜିଲ୍ଲାର ଉନ୍ନତି ସମ୍ଭବ ବୋଲି କହିଥିଲେ। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଜିଲ୍ଲାରେ କୃଷି, ଶିଳ୍ପ, ମତ୍ସ୍ୟ ଆଦି କ୍ଷେତ୍ରରେ ଥିବା ସମ୍ଭାବ୍ୟ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ। ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଜିଲ୍ଲାର ବିକାଶ ଗ୍ରାମର ବିକାଶରେ ରହିଛି ବୋଲି କହିଥିଲେ। ଜଗତସିଂହପୁର ଜିଲ୍ଲାର ବେକାର ଯୁବକ/ଯୁବତୀଙ୍କୁ ଦକ୍ଷତା ବିକାଶ ଶିକ୍ଷା ସହ କର୍ମସଂସ୍ଥାନ ଯୋଗାଇ ଦିଆଯାଇ ପାରିଲେ ଜିଲ୍ଲାର ଉନ୍ନତି ସମ୍ଭବ ବୋଲି କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ତଥା ବିକଶିତ ଗ୍ରାମର ଭାଗିଦାରୀ ବିଷୟରେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ଉପସ୍ଥିତ ଥିଲେ। ପରେ ଅର୍ଥନୀତିଜ୍ଞଙ୍କ ଦ୍ୱାରା ବିକାଶ ଓ ଓଡ଼ିଶାର ଭବିଷ୍ୟତ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ରାଜ୍ୟ ଓ ଦେଶର ପ୍ରଗତିରେ ଆଇଓସିଏଲର ଭୂମିକା ଗୁରୁତ୍ୱପୂର୍ଣ୍ଣ'



ପାରାଦୀପ, ୧୩।୬(ସମିସ): ପାରାଦୀପ ରିଫାଇନାରୀ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଓ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ତୈଳ ବିଶୋଧନାଗାରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ ଯୋଗଦେଇ କହିଥିଲେ, ପାରାଦୀପ ତୈଳ ବିଶୋଧନାଗାର ହେଉଛି ଶିଳ୍ପ ଉତ୍କର୍ଷତାର ଏକ ସ୍ୱରୂପ ଓ ନବୀକରଣର ପ୍ରତୀକ। ଆଇଓସିଏଲର ପୁଞ୍ଜି ନିବେଶ ପାରାଦୀପର ଏକ ସମନ୍ୱିତ ରିଫାଇନାରୀ ଓ ପେଟ୍ରୋକେମିକାଲ ହବ ନିର୍ମାଣ ପାଇଁ ଆଇଓସିଏଲର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଯାହା ଓଡିଶା ଓ ଦେଶବାସୀଙ୍କ ପାଇଁ ଉର୍ଜା-ଶକ୍ତି ସୁରକ୍ଷା, ପରିବେଶ ସଂରକ୍ଷଣ ଓ ସାମାଜିକ-ଅର୍ଥନୈତିକ ବିକାଶକୁ ସମର୍ଥନ କରୁଛି। ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍ (ଆଇଓସିଏଲ) ପାରାଦୀପରେ ପ୍ରାୟ ୪୩,୩୫୯ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛି। ଓଡ଼ିଶାର ବୟନ ଶିଳ୍ପ କ୍ଷେତ୍ରକୁ ସହଯୋଗ କରିବା ପାଇଁ ଭଦ୍ରକ ଟେକ୍ସଟାଇଲ୍ ପାର୍କ ପ୍ରକଳ୍ପରେ ପ୍ରାୟ ୪,୩୮୨ କୋଟି ଟଙ୍କା ନିବେଶ କରାଯିବା ପାଇଁ ଯୋଜନା ରହିଛି। ଆଗାମୀ ପାରାଦୀପ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ପ୍ରକଳ୍ପରେ ପ୍ରସ୍ତାବିତ ୬୧,୦୭୭ କୋଟି ଟଙ୍କାର ନିବେଶ ସହ ଓଡ଼ିଶାରେ ଶିଳ୍ପ ଓ ନିଯୁକ୍ତି ବୃଦ୍ଧି କରିବ। ଏହି ନିବେଶ ପାରାଦୀପକୁ ଏକ ସମନ୍ୱିତ ଉର୍ଜା ଏବଂ ପେଟ୍ରୋକେମିକାଲ ହବ୍ ଭାବେ ବିକଶିତ କରିବା ପାଇଁ ଇଣ୍ଡିଆନ୍ ଅଏଲ୍‌ର ରଣନୈତିକ ଦୃଷ୍ଟିକୋଣକୁ ଦର୍ଶାଉଛି। ଏଥିସହ ପାରାଦୀପ ତୈଳ ବିଶୋଧନାଗାରର ବିକାଶ, ପରିଚାଳନା ଓ ୧୫ ହଜାରରୁ ଅଧିକ ଜୀବିକା ନିର୍ବାହକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସହାୟକ ହେବ। ଯେଉଁଥିରେ କୁଶଳୀ ଓ ଅଣକୁଶଳୀ ଶ୍ରମିକ, ଠିକାଦାର ଓ ଯୋଗାଣ ଶୃଙ୍ଖଳା ଅଂଶୀଦାର ଅନ୍ତର୍ଭୁକ୍ତ ରହିବେ। ଇଣ୍ଡିଆନ ଅଏଲ୍ ସ୍ଥାନୀୟ ଦକ୍ଷତା ବିକାଶ ଓ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମକୁ ମଧ୍ୟ ସମର୍ଥନ କରିଥାଏ। ଯାହା ନିକଟବର୍ତ୍ତୀ ଅଞ୍ଚଳରେ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ପାରାଦୀପ ତୈଳ ବିଶୋଧନାଗାର ବିଭିନ୍ନ ଶୁଳ୍କ, ଟିକସ ଓ ଅନ୍ୟାନ୍ୟ ଦେୟ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜକୋଷକୁ ୨୫,୬୯୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅଂଶଦାନ ପ୍ରଦାନ କରିଛି। ସେହିପରି କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଯୋଜନା ଅନ୍ତର୍ଗତ ପାରାଦୀପ ତୈଳ ବିଶୋଧନାଗାର ପାରିପାର୍ଶ୍ୱିକ ଅଞ୍ଚଳରେ ତା'ର ପରିଯୋଜନା ଯଥା ପାନୀୟ ଜଳ, ଶିକ୍ଷା, ଦକ୍ଷତା ବିକାଶ, ଯୁବ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ସେବା, ଗ୍ରାମୀଣ ବିକାଶ, ମହିଳା ସଶକ୍ତୀକରଣ, ପରିବେଶ ସଂରକ୍ଷଣ, ଆତ୍ମନିଯୁକ୍ତି, ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ସହାୟତାରେ ନିବେଶ କରିଆସୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ପାରାଦୀପ ତୈଳ ବିଶୋଧନାଗାର ତା'ର ସିଏସଆର ଓ କର୍ପୋରେଟ ପରିବେଶ ଦାୟିତ୍ୱ (ସିଇଆର) ଅଧୀନରେ ୫୪,୫୫ କୋଟି ଟଙ୍କା ବ୍ୟୟ କରିଛି ବୋଲି କହିଥିଲେ।

### ୨୫ରେ ରେଜେଙ୍ଗଲା କଳସ ଶୋଭାଯାତ୍ରା
## ବାଲିକୁଦା ବ୍ଲକ୍ ଯାଦବ ମହାସଭାର ପ୍ରସ୍ତୁତି ବୈଠକ



ବାଲିକୁଦା, ୧୩।୬(ସମିସ): ଅଖିଳ ଭାରତ ଯାଦବ ମହାସଭା ଓ ଉତ୍କଳ ଯାଦବ ମହାସଭା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବିହାରର ଚମ୍ପାରଣରୁ ଆରମ୍ଭ ହୋଇ ସମଗ୍ର ଭାରତ ପରିକ୍ରମା କରୁଥିବା ପବିତ୍ର ରେଜେଙ୍ଗଲା ମାଟି କଳସ ଯାତ୍ରା ଆସନ୍ତା ଜୁନ୍ ୨୫ ତାରିଖ ବୁଧବାର ଦିନ ଜଗତସିଂହପୁର ଜିଲ୍ଲାରେ ପହଞ୍ଚି ଜିଲ୍ଲା ପରିକ୍ରମା କରାଯିବ। ଏହି ମାଟି କଳସ ଯାତ୍ରାକୁ ସ୍ୱାଗତ କରିବା ପାଇଁ ବାଲିକୁଦା ବ୍ଲକ୍ ଯାଦବ ମହାସଭା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରଣପୁରସ୍ଥ ମା' ଜାଗ୍ରତ ଗୌରୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ତଥା ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ତୀର୍ଥବାସୀ ବେହେରା, ସମାଜସେବୀ ଗଙ୍ଗାଧର ବେହେରା, ପ୍ରସନ୍ନ କୁମାର ବେହେରା, ରାଜ୍ୟ ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ଜିଲ୍ଲା ସଂଗଠକ ରବିନାରାୟଣ ସେନାପତି, ଆଇନଜୀବୀ ଡଃ. ବୀରନାରାୟଣ ପାତ୍ର, ବିଷ୍ଣୁ ଚରଣ ଦାସ, ସୁଶାନ୍ତ କୁମାର ଦାସ, ମହେନ୍ଦ୍ର ଦାସ, ଶିବ ପ୍ରସାଦ ଦାସ, କେଦାର ଚାନ୍ଦୁଆ, ବାବୁଲି ଦାସ, ଗୋପାଳ ଦାସ, ତ୍ରିଲୋଚନ ଦାସ ପ୍ରମୁଖ ଯୋଗଦେଇ ୧୯୬୨ ଚୀନ-ଭାରତ ଯୁଦ୍ଧରେ ସହିଦ ହୋଇଥିବା ୧୨୦ ଜଣ ଭାରତୀୟ ସୈନିକ ସମସ୍ତେ ଅହିର ଯାଦବ। ୩୦୦୦ରୁ ଅଧିକ ଯାଦବ ଚୀନ ସୈନିକଙ୍କ ସାମ୍ନା କରିବା ସହିତ ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ରେଜେଙ୍ଗଲା ପର୍ବତ ପଥକୁ ସଫଳତାର ସହିତ ରକ୍ଷା କରିଥିଲେ। ଏହି ସ୍ମୃତିକୁ ଉଜ୍ଜୀବିତ୍ କରିବା ପାଇଁ ସେହି ରେଜେଙ୍ଗଲା ମାଟିରୁ କଳସ ଶୋଭାଯାତ୍ରା ଆରମ୍ଭ କରାଯାଇଛି। କୁଜଙ୍ଗ ନିକଟ ଭୂତମୁଣ୍ଡାଇଠାରେ କଳସକୁ ସ୍ୱାଗତ କରିବା ପରେ ଏକ ବାଇକ୍ ଶୋଭାଯାତ୍ରାରେ କୁଜଙ୍ଗ, ଏରସମା, ବାଲିକୁଦା ବଜାର ପରିକ୍ରମା କରାଯିବ। ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଅଂଶଗ୍ରହଣ କରିବା ପାଇଁ ବାଲିକୁଦା ବ୍ଲକ୍ ଯାଦବ ମହାସଭା ପକ୍ଷରୁ ନିବେଦନ କରାଯାଇଛି।

## କୁଜଙ୍ଗ ଯାଦବ ସଂଘର ପ୍ରସ୍ତୁତି ବୈଠକ



କୁଜଙ୍ଗ,୧୩।୬(ସମିସ): ଆସନ୍ତା ୨୪ ତାରିଖ ସନ୍ଧ୍ୟାରେ ଜଗତସିହପୁର ଜିଲ୍ଲାରେ ପହଞ୍ଚିବ ରେଜେଙ୍ଗଲା କଳସଯାତ୍ରା ଓ କୁଜଙ୍ଗରେ ଯାଦବ ସମାବେଶ ଆୟୋଜିତ ହେବ। ଏ ପରିପେକ୍ଷୀରେ ବରିଷ୍ଠ ଯାଦବ ନେତା ତଥା କୁଜଙ୍ଗ ଓକିଲ ସଂଘ ସଭାପତି ଏଏନଡ଼ି ଯାଦବଙ୍କ ଆହ୍ୱାନ କ୍ରମେ ଶ୍ରମିକ ନେତା ମନିନ୍ଦ୍ର ଗୁରୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ କୁଜଙ୍ଗସ୍ଥ ସତସଙ୍ଗ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ବ୍ଲକ ଓ ଏରସମା ସମେତ ଜିଲ୍ଲାରେ କିପରି କଳସ ଯାତ୍ରା ସଫଳ ଭାବେ କରାଯିବ, ଏ ନେଇ ଆଲୋଚନା କରାଯାଇଥିଲା। ଉକ୍ତ ପ୍ରସ୍ତୁତି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକର ବରିଷ୍ଠ ଯାଦବ ନେତୃବୃନ୍ଦ, ସାଂଗଠନିକ ଜିଲ୍ଲା ନେତାଙ୍କ ସହ ବହୁ ଯାଦବ ମୁରବୀ ଯୋଗ ଦେଇଥିଲେ। ଏହି ସମାବେଶ ବୈଠକକୁ ସମ୍ବୋଧନ କରି ଜିଲ୍ଲା ପ୍ରଭାରୀ ତଥା ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ ତୀର୍ଥବାସୀ ବେହେରା, ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ କାର୍ତ୍ତିକ ଚନ୍ଦ୍ର ବେହେରା, ଜିଲ୍ଲା ସଂଗଠକ ରବିନାରାୟଣ ସେନାପତି ପ୍ରମୁଖ ଯୋଗ ଦେଇ ଏହି ଜାତୀୟ ଦାବି ସହ ଯାଦବଙ୍କ ସମ୍ମାନ ଓ ତ୍ୟାଗ ପାଇଁ ଏକ ଅହିର ରେଜିମେଣ୍ଟ ଗଠନ ପ୍ରସଙ୍ଗ ଉଠାଇ ଏକତା ଓ ସଂଗଠନ ଦ୍ୱାରା ଯାଦବକୁଳକୁ ପୁଣି ତା'ର ପୂର୍ବ ଗୌରବ ଫେରାଇ ଆଣିବାକୁ ଆହ୍ୱାନ ଜଣାଇଥିଲେ। ଏହି ବୈଠକରେ ଏରସମା ଯାଦବ ନେତା ଅରୁଣ କୁମାର ବେହେରା, ପ୍ରାକ୍ତନ ଓକିଲ ସଂଘ ସଭାପତି କୈଳାସ ଚନ୍ଦ୍ର ପରିଡା, ଅଧ୍ୟାପକ ଅକ୍ଷୟ ପଲାଇ, ଶଙ୍କର ଚରଣ ଦାସ, କେଶବ ଦାସ, ଜଗବନ୍ଧୁ ଦାସ, ଅନନ୍ତ ଦେବାଶିଷ ଦାସ, ପରେଶ ଦାସ, ସୂର୍ଯ୍ୟକାନ୍ତ ପରିଡ଼ା, ପ୍ରସନ୍ନ ବେହେରା, ଶରତ ଚନ୍ଦ୍ର ଦାସ, ନାରାୟଣ ପରିଡ଼ା, ବିଭୂତି ଭୂଷଣ ଦାସ, ମାନଗୋବିନ୍ଦ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଜନାର୍ଦ୍ଦନପୁରକୁ ମିଳିନି ରାଜସ୍ୱ ଗ୍ରାମ ସୁବିଧା

ତିର୍ତ୍ତୋଲ,୧୩।୬(ସମିସ): ତିର୍ତ୍ତୋଲ ବ୍ଲକ୍‌ର ଗୋପାଳପୁର ଶଙ୍ଖେଶ୍ୱର ପଞ୍ଚାୟତର ଜନାର୍ଦ୍ଦନପୁର ଗ୍ରାମ ରାଜସ୍ୱ ଗ୍ରାମ ଘୋଷଣା ହେବାର ଦୀର୍ଘ ୩ ବର୍ଷ ଅତିକ୍ରମ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମର ସମସ୍ତ ସୁବିଧା ମିଳିପାରିନାହିଁ। ଗ୍ରାମବାସୀଙ୍କ ଆବଶ୍ୟକ ସରକାରୀ କାଗଜପତ୍ର ତଥା ନକ୍ସାରେ ଉପଯୁକ୍ତ ସଂଶୋଧନ କାର୍ଯ୍ୟ ସଂପାଦିତ ହୋଇନାହିଁ। ଫଳରେ ଆଧାର କାର୍ଡ, ଆୟୁଷ୍ମାନ କାର୍ଡ, ପ୍ୟାନ୍‌କାଡର୍, ରେସନ କାଡର୍, ପରିଚୟପତ୍ର ଓ ଜମିଜମା ସଂକ୍ରାନ୍ତୀୟ କାଗଜପତ୍ରରେ ସଂଶୋଧନ କରିବା ସମ୍ଭବପର ହୋଇପାରୁନାହିଁ। ଅନେକ ଥର ଲିଖିତ ଓ ମୌଖିକ ଅନୁରୋଧ କଲା ପରେ ମଧ୍ୟ ଏ ଦିଗରେ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଯଦ୍ୱାରା ଗ୍ରାମବାସୀ ନାହିଁ ନ ଥିବା ସମସ୍ୟା ଭୋଗ କରୁଛନ୍ତି। ଏହି ଗ୍ରାମଟି ଗୋପାଳପୁର ଶଙ୍ଖେଶ୍ୱର ପଞ୍ଚାୟତର ବେହେଡ଼ପୁର ରାଜସ୍ୱ ଗ୍ରାମର ପଡ଼ା ଗ୍ରାମ ରୂପେ ଅଦ୍ୟାବଧି ବିବେଚିତ ହୋଇଆସୁଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରଘୁନାଥପୁରରେ ସରକାରୀ ଯୋଜନା ଅପହଞ୍ଚ

ରଘୁନାଥପୁର,୧୩।୬(ସମିସ): ରାଜ୍ୟ ସରକାର ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଜନସାଧାରଣଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିକାଶ ରଥ ଗଡ଼ାଇ ପ୍ରତିଶ୍ରୁତି ରକ୍ଷା କରିଛନ୍ତି ନା ନାହିଁ, ସେ ସମ୍ପର୍କରେ ଲୋକଙ୍କ ମତ ଖୋଜୁଥିବାବେଳେ ରଘୁନାଥପୁର ବ୍ଲକ୍ ଅଞ୍ଚଳରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ଗଣତନ୍ତ୍ରରେ ଜନସାଧାରଣଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ରଘୁନାଥପୁରବାସୀଙ୍କୁ ଏ ପର୍ଯ୍ୟନ୍ତ ମିଳିନି ରାସନ ଚାଉଳ, ବର୍ଷେ ଧରି ବିଧବା ମହିଳାଙ୍କୁ ଭତ୍ତା ମିଳିପାରିଲାନାହିଁ। ଅନଲାଇନରେ ଆବେଦନ କରିଥିବା ବରିଷ୍ଠ ନାଗରିକ ବି ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ବିଜେଡି ସରକାରଙ୍କ ବିଏସକେୱାଇ ଯୋଜନାକୁ ବଦଳାଇ ଆୟୁଷ୍ମାନ ଯୋଜନା କରିଥିଲେ ବି ଲୋକଙ୍କୁ ଡାକ୍ତରଖାନାରେ ଆର୍ଥିକ ସହାୟତା ଠିକ ଭାବେ ମିଳିପାରୁନାହିଁ। ଜନସାଧାରଣଙ୍କ ଗୁହାରି ଶୁଣିବାକୁ ବିଜେପିର କେହି ନେତା ନ ଥିବା ସାଧାରଣରେ ଆଲୋଚନା ହେଉଛି। ଯେଉଁ କେତେଜଣ ଦଳବଦଳ କର୍ମୀଙ୍କ ଉପରେ ଦଳୀୟ ଦାୟିତ୍ୱ ନ୍ୟସ୍ତ କରାଯାଇଛି, ସେମାନେ ଠିକା କାମ, ସରକାରୀ କର୍ମଚାରୀଙ୍କୁ ବଦଳି କରିବା ଧମକ ଦେଇ ଅର୍ଥ ରୋଜଗାର କରିବେ, ସେ ଚିନ୍ତାରେ ଥିବା ଅଭିଯୋଗ ହେଉଛି। ଫଳରେ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିପାରୁନି। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ ରଘୁନାଥପୁର ବ୍ଲକରେ ହୋଇପାରିଲା ନାହିଁ କି ଲୋକେ ସରକାରଙ୍କ ଯୋଜନା ଜାଣିପାରିଲେ ନାହିଁ। ତେଣୁ ଉକ୍ତ ବ୍ଲକରେ ସରକାରୀ ଯୋଜନା ଉପଲବ୍ଧ କରାଯିବାକୁ ଦାବି ହେଉଛି।

## ଗାଦିବ୍ରହ୍ମ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଏରସମା,୧୩।୬(ସମିସ): ଏରସମା ବ୍ଲକ ଅନ୍ତର୍ଗତ କାଳିଆବୁଦା ଗାଦିବ୍ରହ୍ମ ଉଚ୍ଚବିଦ୍ୟାଳୟ ୨୦୦୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଖୁଣ୍ଟିଆ, ବର୍ତ୍ତମାନର ପ୍ରଧାନଶିକ୍ଷକ ଜପହରି ଦାସ, ଶିକ୍ଷକ ଗନ୍ଧର୍ବ ଦାସ, ସୁବାସ ଚନ୍ଦ୍ର ଗୋଛାୟତ, ବସନ୍ତ କୁମାର ସାହୁ, ଭକ୍ତିଭୂଷଣ ରାୟ, ଶିକ୍ଷୟିତ୍ରୀ ସୁଷମା ଦାସ, କୌଶଲ୍ୟା କୁମାରୀ ଦେଇ ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନେ ପକାଇଥିଲେ। ପ୍ରତ୍ୟେକ ବର୍ଷ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରାକ୍ତନ ଛାତ୍ର ଦେବାଶିଷ ସ୍ୱାଇଁ, ରଶ୍ମିକାନ୍ତ ବେହେରା, ଅଭିମନ୍ୟୁ ସ୍ୱାଇଁ, ଜିତେନ୍ଦ୍ର ସାହୁ, ଜିତେନ୍ଦ୍ର ପଣ୍ଡା, ସାଜନ ବେଗ୍, ପ୍ରଜ୍ଞା ପରମିତା ପରିଡା, ରୋଜାଲିନି ସାହୁ, ବାସନ୍ତୀ ମଞ୍ଜରୀ ଦାସ, ଝୁନୁଲତା ସାହୁଙ୍କ ସମେତ ୨୦୦୩ ବ୍ୟାଚ୍ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ସାମଗ୍ରୀ ଚୋରି ଅଭିଯୋଗରେ ଜଣେ ଗିରଫ

ପାରାଦୀପ,୧୩।୬(ସମିସ): ଦୀର୍ଘବର୍ଷ ଧରି ଗ୍ରାମରେ ଲୋ-ଭୋଲଟେଜ ସମସ୍ୟା ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିଲେ। ବିଦ୍ୟୁତ୍ ଅଫିସକୁ ବାରମ୍ବାର ଦୌଡ଼ି ଦୌଡ଼ି ଗ୍ରାମରେ ଏକ ନୂତନ ଟ୍ରାନ୍ସଫର୍ମର ଲଗାଯାଇ ସମସ୍ତ କାର୍ଯ୍ୟ ସରିଥିଲା। ରାତି ପାହିଥିଲେ ହୋଇଥା'ନ୍ତା ବିଦ୍ୟୁତ୍ ସଂଯୋଗ। ମାତ୍ର ରାତିରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଶେଷ ପର୍ଯ୍ୟାୟ ଯାଞ୍ଚ୍ କରିବାକୁ ଆସି ଦେଖିଲେ, କେବଳ ଟ୍ରାନ୍ସଫର୍ମରକୁ ଛାଡି ସମସ୍ତ ଜିନିଷ ଚୋରି ହୋଇଯାଇଛି। ଗ୍ରାମବାସୀ ଓ ବିଦ୍ୟୁତ୍ କର୍ମଚାରୀ ପାରାଦୀପ ଲକ୍ ଥାନାକୁ ଖବର ଦେଇଥିଲେ। ପୁଲିସ ଯାଞ୍ଚ୍ କରିବା ସହିତ ଏକ ଗୁହାଳ ଘରୁ ସମସ୍ତ ବିଦ୍ୟୁତ୍ ସରଞ୍ଜାମକୁ ଜବତ କରିଥିଲା। ଏହି ଘଟଣାରେ ଚୋରି କରିଥିବା ଯୁବକ ସେକ୍ ଫିରୋଜକୁ ଗିରଫ କରିଛି ଲକ୍ ଥାନା ପୁଲିସ। ପାରାଦୀପଗଡ଼ ଚୂନ ଛକ ମୁସଲିମ ପଡ଼ାରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ସୂଚନା ମିଳିଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିବାବେଳେ ପୁଲିସ ଚୋରି କରିଥିବା ଯୁବକକୁ ଗିରଫ କରି ଥାନାକୁ ଆଣିବା ସହିତ ଲୋକଙ୍କୁ ବୁଝାସୁଝା କରିଛି।



### ଜିଲ୍ଲାସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିବସ
# ଓରମାସ୍ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଜଗତସିଂହପୁର,୧୩।୬(ସମିସ)




ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳାର ଆଜି ଥିଲା ଦ୍ୱିତୀୟ ଦିବସ। ଏ ଅବସରରେ ଓରମାସ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଛି। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ଏକବର୍ଷର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏକ ବର୍ଷ ମଧ୍ୟରେ ଜିଲ୍ଲାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଜିଲ୍ଲାର ସାମଗ୍ରିକ ବିକାଶ ନିମନ୍ତେ ସମସ୍ତଙ୍କ ସହଭାଗିତା ସହ ଆଗାମୀ ଦିନରେ ମୋ ସ୍ୱପ୍ନର ଓଡ଼ିଶା ୨୦୩୬କୁ ବାସ୍ତବତାର ରୂପ ଦେବାପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ କହିଥିଲେ। ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜେଠୀ ଜିଲ୍ଲା ବିକାଶର ଚିତ୍ର ସୁଭଦ୍ରା ଶକ୍ତି, ଲକ୍ଷାପତି ଦିଦି ବିଷୟରେ କହିଥିଲେ। ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ଜିଲ୍ଲାର ଉନ୍ନତି ବିଷୟରେ ମତ ପ୍ରକାଶ କରିଥିଲେ। ଅତିଥିମାନେ ଓରମାସ ପକ୍ଷରୁ ଆୟୋଜିତ ପଲ୍ଲୀଶ୍ରୀ ମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଗୁଜୁରାଟର ଅହମଦାବାଦଠାରେ ହୋଇଥିବା ବିମାନ ଦୁର୍ଘଟଣାର ମୃତକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲାର ଏକବର୍ଷ ବିକାଶ ଯାତ୍ରାର ବୁକ୍‌ଲେଟ୍ ଉନ୍ମୋଚନ ହୋଇଥିଲା। ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ ପକ୍ଷରୁ ତାଙ୍କ ଶିଷ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରମ ବିଭାଗ ପକ୍ଷରୁ ୫ ଜଣଙ୍କୁ ବିବାହ ସହାୟତା ରାଶି ୫୦୦୦୦ ଟଙ୍କା ଦିଆଯାଇଥିଲା। ୩ ଜଣଙ୍କୁ ଶିକ୍ଷା ସହାୟତା ଓ ୨ ଜଣଙ୍କୁ ମୃତ୍ୟୁଜନିତ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

ସକାଳ
THE SAKALA



## ଯୁବତୀ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ୍

# ରାଜସ୍ଥାନରୁ ଆଉ ୨ ଯୁବତୀ ଉଦ୍ଧାର, କ୍ରେତା ଗିରଫ

କପ୍ତିପଦା, ୧୩।୬ (ସମିସ): ରାଉରକେଲାରେ କାମ ଦେବାକୁ କହି ସାଙ୍ଗରେ ନେଇ ରାଜସ୍ଥାନରେ ବିକି ଦେଉଥିଲେ। ସେଠାରେ ବୟସ, ଗଢ଼ଣ, ରଙ୍ଗକୁ ନେଇ ହେଉଥିଲା ମୂଲଚାଲ; କାହାକୁ ଲକ୍ଷେ ତ କାହାକୁ ୨ ଲକ୍ଷରେ ବିକ୍ରି କରାଯାଉଥିଲା। ନାବାଳିକାଙ୍କଠାରୁ ଆରମ୍ଭ କରି ୨୫/୨୬ ବର୍ଷୀୟ ଯୁବତୀଙ୍କୁ ଦଲାଲମାନେ ପରପୁରୁଷ ହାତକୁ ଟେକି ଦେଉଥିଲେ। ଆଉ, କିଣୁଥିବା ଲୋକମାନେ ସେମାନଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଘରକୁ ନେଇଯାଉଥିଲେ। ରାଜସ୍ଥାନରେ ଚାଲିଥିବା ଏପରି ଏକ ଯୁବତୀ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ୍ କରିଛି ଶରତ ଥାନା ପୁଲିସ୍। ଏହି ରାକେଟ୍‌ର ଶିକାର ହୋଇଥିବା ମୟୂରଭଞ୍ଜର ୨ ଯୁବତୀଙ୍କୁ ପୁଲିସ୍ ପୂର୍ବରୁ ଉଦ୍ଧାର କରିଥିବା ବେଳେ ଦେଢ଼ମାସ ପରେ ଆଉ ଦୁଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ଜଣେ ଗରାଖ ବା କ୍ରେତାକୁ ଗିରଫ କରିଛି। ସେ ହେଲା ରାମ ସୁମନ। ତା' ସହ ଆଉ



କିଛି ଅଭିଯୁକ୍ତଙ୍କ ଏହି ରାକେଟ୍‌ରେ ସଂପୃକ୍ତି ଥିବା ପୁଲିସ୍ ଜାଣିବାକୁ ପାଇଛି। ପୂର୍ବରୁ ଯୁବତୀମାନଙ୍କୁ ବିକ୍ରି କରିଥିବା ଦଲାଲ ଧନେଶ୍ୱର ମୁର୍ମୁକୁ ଶରତ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା ଓ ୨ ଯୁବତୀଙ୍କୁ ଉଦ୍ଧାର କରିଥିଲା। ଗିରଫ ଦଲାଲର ବୟାନକୁ ଭିତ୍ତି କରି ପୁଲିସକୁ ସଫଳତା ମିଳିଛି ବୋଲି ଶରତ ଆଇଆଇସି ରମାକାନ୍ତ ପାତ୍ର ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଦେଢ଼ମାସ ତଳେ ମୟୂରଭଞ୍ଜର ଶରତ ଥାନା ଅଞ୍ଚଳର ୪ଜଣ ଯୁବତୀଙ୍କୁ ଧନେଶ୍ୱର ରାଉରକେଲାରେ ଭଲ ଦରମାରେ କାମ ଦେବାର ଲୋଭ ଦେଖାଇ ସେମାନଙ୍କ ପରିବାରଲୋକଙ୍କ ଅଗୋଚରରେ ସାଙ୍ଗରେ ନେଇ ଯାଇଥିଲା। କିନ୍ତୁ ଦଲାଲଜଣଙ୍କ ସେମାନଙ୍କୁ ରାଉରକେଲା ପରିବର୍ତ୍ତେ ରାଜସ୍ଥାନ ରେଲୱେ ଷ୍ଟେସନ୍‌ରେ ବିକି ଦେଇଥିଲା। ତେବେ ଯୁବତୀମାନେ ପ୍ରକୃତ କଥା ଜାଣିପାରି ଲୁଚିଲୁଚି ଘରଲୋକଙ୍କୁ ଫୋନ୍‌ରେ ସୂଚନା ଦେଇଥିଲେ। ପରେ ଏନେଇ ପରିବାରଲୋକଙ୍କ ପକ୍ଷରୁ ଶରତ ଥାନାରେ ଅଭିଯୋଗ ହେବା ପରେ ତନାଘନା ଆରମ୍ଭ ହୋଇଥିଲା। ଯୁବତୀମାନେ କଲ୍ କରିଥିବା ଲୋକେସନ୍ ରାଜସ୍ଥାନ ବୋଲି ଜଣାପଡ଼ିବା ପରେ ପୁଲିସ୍ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। ଦେଢ଼ ମାସ ତଳେ ପୁଲିସ୍ ୨ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଦଲାଲକୁ ଗିରଫ କରିଥିଲା। ତେବେ ଗରାଖ ଓ ଅନ୍ୟ ୨ଯୁବତୀଙ୍କ ପତ୍ତା ପାଇନଥିଲା। ରାଜସ୍ଥାନ ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ଯୁବତୀଙ୍କ ଲୋକେସନ୍ ସଂପର୍କରେ ଖବର ପାଇ ଚଢ଼ଉ କରିଥିଲା। ପୁଲିସ୍ ଯୁବତୀଦ୍ୱୟଙ୍କୁ ରାମ ସୁମନର ଘରୁ ଉଦ୍ଧାର କରିଥିଲା। ଆଜି ରାଜସ୍ଥାନ ପୁଲିସ୍ ଯୁବତୀଦ୍ୱୟଙ୍କୁ ଶରତ ଥାନା ପୁଲିସକୁ ହସ୍ତାନ୍ତର କରିଛି। ଅପରପକ୍ଷେ, ଉଦ୍ଧାର ହୋଇଥିବା ଯୁବତୀମାନେ ଆଜି ଗଣମାଧ୍ୟମ ସାମ୍ନାରେ ସେମାନଙ୍କ ନିର୍ଯାତନାର କାହାଣୀ ବଖାଣିଛନ୍ତି।

■ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରେ ୬ ରୋଗୀଙ୍କ ମୃତ୍ୟୁ ଘଟଣା

# ୨୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ଦାବି

ଜୟପୁର, ୧୩।୬(ସମିସ): କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜଠାରେ ଭୁଲ୍ ଇଞ୍ଜେକସନ ଏବଂ ଚିକିତ୍ସାରେ ଅବହେଳା ଯୋଗୁଁ ୬ ରୋଗୀଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଥିଲେ ପରିବାରଲୋକେ। କ୍ଷତିଗ୍ରସ୍ତ ପରିବାରକୁ ୨୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ ଏବଂ ଏହି ଅଘଟଣ ପାଇଁ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜୁ ଜନତା ଦଳ। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ବିଜେଡି ଉପ ସଭାପତି ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ବିଜେଡି ଦଳର ବରିଷ୍ଠ ନେତାମାନେ ଜୟପୁର ନିର୍ବାଚନ ମଣ୍ଡଳୀର ଦୁଇ ପୀଡ଼ିତ ପରିବାରଙ୍କୁ ସାକ୍ଷାତ କରିବା ସହ ସମବେଦନା ଜଣାଇଥିଲେ। ବିଜେଡି ପକ୍ଷରୁ ପ୍ରତ୍ୟେକ ପରିବାରକୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହିପରି ଅବିଭକ୍ତ କୋରାପୁଟ ଜିଲ୍ଲାରେ ଉନ୍ନତମାନର ଚିକିତ୍ସା ସୁବିଧା ଉପଲବ୍ଧ କରିବା ନେଇ ପୂର୍ବତନ ବିଜେଡି ସରକାରଙ୍କ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ



ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟା ଏବଂ ଉଦ୍ୟମକ୍ରମେ କୋରାପୁଟଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ବର୍ତ୍ତମାନ ବିଜେପି ସରକାର ଏହାର ରକ୍ଷଣାବେକ୍ଷଣ

**ଦୁଇ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେଲା ବିଜେଡି**

ଠିକ୍ ଭବେ କରୁନଥିବାରୁ ଚିକିତ୍ସାରେ ଅବହେଳା ଏବଂ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ୬ ଗରିବ ଓ ଆଦିବାସୀ ଶ୍ରେଣୀର ଲୋକଙ୍କ ଜୀବନ ଚାଲିଯାଇଥିଲା। ତେଣୁ ଏନେଇ ରାଜ୍ୟ ସରକାର ନିଜକୁ ଦୋଷୀ ଭାବେ ସ୍ୱୀକାର କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଦୋଷୀଙ୍କୁ ଦଣ୍ଡିତ କରିବାକୁ ବିଜେଡି ଉପସଭାପତି ଶ୍ରୀ ନନ୍ଦ ଦାବି କରିଛନ୍ତି। ପ୍ରଥମେ ଜୟପୁର ବିଜେଡି ଦଳ ପକ୍ଷରୁ ଜୟନ୍ତୀଗିରି ପଞ୍ଚାୟତର ମୀନାଗୁଡା ଗ୍ରାମର ମୃତ୍ୟୁବରଣ କରିଥିବା ମହିଳା ସ୍ୱର୍ଗତା ରୁକ୍ମଣୀ ପେଣ୍ଟିଆ ଏବଂ ବୋରିଗୁମ୍ମା ବ୍ଲକର ବଡପିଣ୍ଡାପଦର ଗ୍ରାମର ସ୍ୱର୍ଗତ ଭଗବାନ ପରଜାଙ୍କ ପରିବାରର ସଦସ୍ୟଙ୍କୁ ସମବେଦନା ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବୋରିଗୁମ୍ମା ବ୍ଲକ ଅଧ୍ୟକ୍ଷା ଦୀପ୍ତି ନାୟକ, ଜିଲ୍ଲା ପରିଷଦ ସଦସ୍ୟ ମଞ୍ଜୁଳା ଘାସି, ସରପଞ୍ଚ ସାଇବାଣୀ ଜାନୀ, ବରିଷ୍ଠ ସଦସ୍ୟ ବାଲା ରାୟ, ଦୁର୍ଗାପ୍ରସାଦ ମିଶ୍ର, ବାଲିଙ୍ଗି ରାଓ, ଶିବ ପ୍ରସାଦ ପଟ୍ଟନାୟକ, ନାଗରାଜ ଦୋରା, ରାଜେନ୍ଦ୍ର ରଥ, ପ୍ରସାଦ ସାହୁ ଓ ଗୌରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ହୋଟେଲରେ ଡାକ୍ତରଙ୍କ ସନ୍ଦେହଜନକ ମୃତ୍ୟୁ

ବାଲେଶ୍ୱର,୧୩।୬ (ସମିସ): ବାଲେଶ୍ୱର ଟାଉନ ଥାନା ପୁଲିସ୍ ଆଜି ସିନେମା ବଜାରସ୍ଥିତ ହୋଟେଲ 'ନିଶି'ର ୧୧୫ ନମ୍ବର ରୁମ୍‌ରୁ ଡାକ୍ତର ପ୍ରଦୀପ ମଲ୍ଲିକ (୫୧)ଙ୍କ ମୃତଦେହ ଉଦ୍ଧାର କରିଛି। କୋଲକାତା କାଳୀଘାଟ ଅଞ୍ଚଳରେ ଥିବା ୧/୩ସି ପ୍ରିନ୍ସ ଗୋଲାମ ମହମ୍ମଦ ଷ୍ଟ୍ରିଟ୍‌ର ଗୋବିନ୍ଦ ମଲ୍ଲିକଙ୍କ ପୁଅ ହେଉଛନ୍ତି ପ୍ରଦୀପ। ସେ ପ୍ରତିମାସ ବାଲେଶ୍ୱରରେ ଥିବା ନିଶା ନିବାରଣ

**କବାଟ ଭାଙ୍ଗି ଶବ ଉଦ୍ଧାର କଲା ପୁଲିସ୍**

କେନ୍ଦ୍ରଗୁଡ଼ିକୁ ଆସି ରୋଗୀମାନଙ୍କୁ ଚିକିତ୍ସା କରିଥା'ନ୍ତି ବୋଲି ହୋଟେଲ ମ୍ୟାନେଜର କହିଛନ୍ତି। ଶୁକ୍ରବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଡା. ମଲ୍ଲିକ ନିଜ ରୁମ୍‌ର କବାଟ ନ ଖୋଲିବାରୁ ହୋଟେଲ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ମ୍ୟାନେଜର ଟାଉନ୍ ଥାନାକୁ ଜଣାଇବା ପରେ ପୁଲିସ୍ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉକ୍ତ ରୁମ୍‌ର କବାଟ ଭଙ୍ଗା ଯାଇଥିଲା। ସେ ଖଟ ଉପରେ ପଡ଼ିଥିବା ବେଳେ ତାଙ୍କ ପାଟିରୁ ଧଳା ରଙ୍ଗର ଫେଣ ବାହାରି ଶୁଖି ଯାଇଥିବା ଦେଖାଯାଇଥିଲା। ପୁଲିସ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ପରିବାରଲୋକଙ୍କୁ ଖବର ଦିଆଯାଇଛି। ପରିବାରଲୋକେ ଆସିଲେ ଶନିବାର ଶବ ବ୍ୟବଚ୍ଛେଦ ହେବ ବୋଲି ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି। ତେବେ କେଉଁ ପରିସ୍ଥିତିରେ ଡାକ୍ତର ମଲ୍ଲିକଙ୍କ ମୃତ୍ୟୁ ଘଟିଲା, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯିବାକୁ ଚେଷ୍ଟା କରାଯାଇଛି, ସେନେଇ ପୁଲିସ୍ ତଦନ୍ତ ଚଳାଇଛି।

# ପ୍ରକାଶ ପାଇଲା ବିଏଡ୍ ପ୍ରବେଶିକା ପରୀକ୍ଷା ଫଳ

ଭୁବନେଶ୍ୱର, ୧୩।୬(ସମିସ): ବିଏଡ୍ ପ୍ରବେଶିକା ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଛାତ୍ରଛାତ୍ରୀମାନେ ସାମସ୍ ଇ-ସ୍ପେସ୍‌ରୁ ନିଜର ମାର୍କ ଜାଣିପାରିବେ। ଆସନ୍ତା ୧୯ ତାରିଖ ମଧ୍ୟରେ ସ୍ନାତକ ବା ତତ୍ତୁଲ୍ୟ ମାର୍କ ଅପଡେଟ୍ କରିବା ସହ ଚଏସ୍ ଲକିଂ କରିପାରିବେ। ଏହାପରେ ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ୨୫ତାରିଖରେ ପ୍ରକାଶ ପାଇବ। ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଇଚ୍ଛୁକ ଥିଲେ, ଫ୍ରିଜ୍ ଅପସନ୍ ଦେବେ। ଅନ୍ୟଥା ସ୍ଲାଇଡ୍ ଅପସନ୍ ଦେଇ ଜୁଲାଇ ୧ ତାରିଖ ମଧ୍ୟରେ ନାମ ଲେଖାଇବେ। ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ଜୁଲାଇ ୭ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ ଓ ୧୧ ତାରିଖ ମଧ୍ୟରେ ନାମଲେଖା ସରିବ। ସେହିପରି, ୧୭ ତାରିଖରେ ତୃତୀୟ ରାଉଣ୍ଡ ପାଇଁ ମେଧା ତାଲିକା ପ୍ରକାଶ ପାଇବ ଓ ୨୨ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ। ୩ ରାଉଣ୍ଡରେ ନାମଲେଖା ପରେ ୱେଟିଂଲିଷ୍ଟ ରାଉଣ୍ଡ ଅନୁଷ୍ଠିତ ହେବ। ଏଥିପାଇଁ ଛାତ୍ରଛାତ୍ରୀମାନେ ୨୮ରୁ ୩୧ତାରିଖ ମଧ୍ୟରେ ଅନ୍‌ଲାଇନ୍ ଆବେଦନ କରିପାରିବେ। ଅଗଷ୍ଟ ୪ ତାରିଖରେ ମେଧା ତାଲିକା ପ୍ରକାଶ ପାଇବା ସହ ୫ ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନୋଟିସ୍ ପ୍ରକାଶ ପାଇବ। ୬ ଓ ୭ ତାରିଖରେ ସାମାନଙ୍କ ନାମଲେଖା ସରିବ। ଜୁଲାଇ ୨୪ ତାରିଖଠାରୁ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟ କରିଛି। ବିଇଡି, ବିଏଚ୍‌ଇଡି ଓ ଏମ୍‌ଇଡିରେ ନାମଲେଖା ପାଇଁ ମୋଟ୍ ୨୭୫୦ ସିଟ୍ ରହିଛି। ଏଥିପାଇଁ ପ୍ରାୟ ୪୭ ଗୁଣାରୁ ଅଧିକ ଅର୍ଥାତ୍ ୧ଲକ୍ଷ ୨୯ ହଜାର ୭୧୨ଜଣ ଆବେଦନ କରିଥିଲେ। ତନ୍ମଧ୍ୟରୁ ୧ଲକ୍ଷ ୧୭ ହଜାର ୯୩୩ ପିଲା ପରୀକ୍ଷା ଦେଇଥିବା ବେଳେ ୧୧,୭୭୯ଜଣ ପରୀକ୍ଷା ଦେଇ ନାହାନ୍ତି।

**୨୫ରେ ପ୍ରଥମ ରାଉଣ୍ଡ ମେଧା ତାଲିକା**

**ଜୁଲାଇ ୨୪ରୁ ଆରମ୍ଭ ହେବ ପାଠପଢ଼ା**

# ଶିମିଳିପାଳରୁ ପୁଣି ଧରାହେଲେ ୪ ଶିକାରୀ

## ୨ ଦେଶୀ ବନ୍ଧୁକ, ବ୍ୟାପକ ଗୋଳାବାରୁଦ ଜବତ

ବାରିପଦା, ୧୩।୬ (ସମିସ): ଶିକାର ଉଦ୍ଦେଶ୍ୟରେ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିବା ୪ କୁଖ୍ୟାତ ଶିକାରୀକୁ ଶୁକ୍ରବାର ବନବିଭାଗ ଗିରଫ କରିଛି। ସେମାନେ ହେଲେ, ଉଦଳା ଥାନା ଅନ୍ତର୍ଗତ ଅମ୍ବିକାଦେଇପୁର ଗ୍ରାମର କୁଆଁର ମୋହନ ମୁର୍ମୁ, ବିଜୟ ମୁର୍ମୁ, ସୋଲେ ସିଂ ଓ ରାମେଶ୍ୱର ହେମ୍ବ୍ରମ। ପରେ ଶିକାରୀଙ୍କ ଘରେ ଚଢ଼ଉ କରି ୨ଟି ଦେଶୀ ବନ୍ଧୁକ, ବ୍ୟାପକ ଗୋଳାବାରୁଦ, ୩ଟି ସମ୍ବର ଶିଙ୍ଘ, କୋଚିଲାଖାଇର ଥଣ୍ଟ ଏବଂ ଅନ୍ୟାନ୍ୟ ଅବୈଧ ବନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭୟାରଣ୍ୟ ମଧ୍ୟରେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ବନ ବିଭାଗ ଏହି ଶିକାରୀମାନଙ୍କୁ ଗିରଫ କରିଛି। ଏମାନେ ଶିକାର କରିବା ପାଇଁ ଦଳବଦ୍ଧ ହୋଇ ଅଭୟାରଣ୍ୟର କୋର୍ ଅଞ୍ଚଳରେ ପ୍ରବେଶ କରିଥିଲେ। ତେବେ, ଅନ୍ୟ ୨ ଶିକାରୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି।



## ବଜ୍ରପାତରେ ଯୁବକ ମୃତ

ତିହିଡି,୧୩।୬(ସମିସ): ତିହିଡି ପୀରହାଟ ଥାନା ଅନ୍ତର୍ଗତ ସାହାପୁର ପଞ୍ଚାୟତରେ ବଜ୍ରପାତ ଆଜି ଜଣଙ୍କ ଜୀବନ ନେଇଛି। ସେ ହେଲେ ସାହାପୁର ଗ୍ରାମର କରୁଣାକର ବାରିକ। ଆଜି ସେ ବିଲକୁ ଚାଷ କାମ କରିବାକୁ ଯାଇଥିବା ବେଳେ ହଠାତ ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। ଏହି ସମୟରେ କରୁଣାକରଙ୍କ ଉପରେ ଏକ ବଜ୍ରପାତ ହେବାରୁ ସେ ଘଟଣାସ୍ଥଳରେ ଟଳି ପଡିଥିଲେ। ଏହା ଦେଖି ବିଲରେ କାମ କରୁଥିବା ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ତିହିଡି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୀରହାଟ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅପରପକ୍ଷେ ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ବଲାଙ୍ଗିର ବିଜେପି ପାଇଁ ଅଛୁଆଁ ବିଧାୟକ ନବୀନ ଜୈନ

ବଲାଙ୍ଗିର, ୧୩।୬(ସମିସ): ବିଜେପି ସରକାର ଗଢିବାରେ ଏକ ବର୍ଷ ପୂର୍ତ୍ତି ଅବସରରେ ଉତ୍ସବ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି କିନ୍ତୁ ବଲାଙ୍ଗିର ଜିଲ୍ଲାରେ ବିଜେପି ସଙ୍ଗଠନକୁ ନେଇ ଅନେକ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। କିଛି ଦିନ ତଳେ ଟିଟିଲାଗଡ଼ ବିଧାୟକ ଓ ସାଂସଦଙ୍କ ମଧ୍ୟରେ ରହିଥିବା ବିବାଦ ସାମ୍ନାକୁ ଆସିଥିଲା। ଆଉ ଏବେ କିଛି ଦିନ ହେଲା ଜିଲ୍ଲାରେ ଚାଲିଥିବା ସଙ୍ଗଠନ ଓ ସରକାରୀ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକଙ୍କୁ କାଁ ଭାଁ ଦେଖିବାକୁ ମିଳୁଥିବା ବେଳେ ନିର୍ବାଚନ ହାରିଥିବା ବିଜେପି ପ୍ରାର୍ଥୀଙ୍କୁ ସମସ୍ତ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ଯାହାକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି।

ନିର୍ବାଚନ ଥାଉ କି ନଥାଉ ସବୁବେଳେ ବିଜେପି ରାଜନୀତିରେ ଏମିତି ଅନେକ ଘଟଣାକ୍ରମ ସାମ୍ନାକୁ ଆସେ ଯାହାକି ଚର୍ଚ୍ଚାର ବିଷୟ ପାଲଟିଥାଏ। ଆଉ କିଛି ଦିନ ପରେ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆସିବାର କାର୍ଯ୍ୟକ୍ରମ ରହିଛି ଏହାକୁ ନେଇ ଦଳ ଓ ପ୍ରଶାସନ ପ୍ରସ୍ତୁତି ଚଳାଇଥିବା ବେଳେ କିଛି ଦିନ ହେଲା ଜିଲ୍ଲା ବିଜେପି ସଙ୍ଗଠନରେ ବିଧାୟକ ଓ ସାଂସଦଙ୍କ ମଧ୍ୟରେ ଚାଲିଥିବା ଟଣାଓଟରା ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏମିତିରେ ଜଣେ ବିଧାୟକ ବିଭିନ୍ନ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ଦେଖାଯାଉନଥିବା ବେଳେ ନିର୍ଦ୍ଦିଷ୍ଟ ଜଣେ ନେତା ନିର୍ବାଚନ ହାରିଥିବା ସତ୍ତ୍ୱେ ସମସ୍ତ ଜିଲ୍ଲା ଓ ନିର୍ବାଚନମଣ୍ଡଳିସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ନେଇ ପ୍ରଶ୍ନ ଉଠିଛି। ଗତ ବୁଧବାର ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଫଳତା ଗାନ କରିଥିଲେ। କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲାରେ ମନ୍ତ୍ରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ବିଧାୟକଙ୍କ ଉପସ୍ଥିତିକୁ ନେଇ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି। କିନ୍ତୁ ବଲାଙ୍ଗିରର ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ସହ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲା ବିଜେପି ସଭାପତି ସହ ବଲାଙ୍ଗିର ସଦର ଆସନରେ ପରାଜିତ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଉପସ୍ଥିତ ଥିଲେ। କିନ୍ତୁ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଉପସ୍ଥିତ ନଥିଲେ। ଲୋଇସିଂହା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କଳାହାଣ୍ଡିରେ କାର୍ଯ୍ୟକ୍ରମ ଥିବାରୁ ଅନୁପସ୍ଥିତ ରହିଥିବା ଜଣାପଡିଥିଲା। କିନ୍ତୁ ଟିଟିଲାଗଡ଼ ବିଧାୟକ ଶ୍ରୀ ଜୈନ ଗଲେ କୁଆଡେ। ତାଙ୍କୁ ଡକାଯାଇଥିଲା ନା ଡକାଯାଇନଥିଲା ତାହା ମଧ୍ୟ ବଡ ପ୍ରଶ୍ନ। ଏମିତିରେ ଗତ କିଛି ଦିନ ଭିତରେ ଉଭୟ ସାଂସଦ ଓ ଟିଟିଲାଗଡ ବିଧାୟକଙ୍କ ମଧ୍ୟରେ ଚାଲୁଥିବା ଶୀତଳ ଯୁଦ୍ଧ ଆଗକୁ ନ ଆଣିବାକୁ ଦଳ ଏହିଭଳି କରିଛି ନା ବିଧାୟକ ଅସନ୍ତୁଷ୍ଟ ଥିବାରୁ ସେ ଆସିନଥିଲେ ସ୍ପଷ୍ଟ ହୋଇନାହିଁ। କେବଳ ଏତିକି ନୁହଁ ଜିଲ୍ଲାସ୍ତରରେ ଚାଲିଥିବା ଅନେକ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ବିଧାୟକଙ୍କୁ ଅଣଦେଖା କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ଆସୁଥିବା ବେଳେ ପ୍ରାୟ ସମସ୍ତ କାର୍ଯ୍ୟକ୍ରମରେ ଗୋପାଳଜୀ ପାଣିଗ୍ରାହୀଙ୍କ ଉପସ୍ଥିତି ଏବେ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବା ଆରମ୍ଭ କରିଛି। ସାମ୍ବାଦିକ ସମ୍ମିଳନୀ ପରେ ଦଳୀୟ ବୈଠକରେ ମଧ୍ୟ ଟିଟିଲାଗଡ଼ ବିଧାୟକ କିମ୍ବା ତାଙ୍କ କୌଣସି ସମର୍ଥକ ଉପସ୍ଥିତ ରହିନଥିବା ଆଲୋଚନା ହେଉଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଦଳ ଭିତରେ ରହିଥିବା ଅନ୍ତଃକନ୍ଦଳ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହାକୁ ଦଳ କିଭଳି ମୁକାବିଲା କରିବ, ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# ମାଲକାନଗିରିରୁ ଦୁଇ ମାଓବାଦୀ ଗିରଫ

## ପିସ୍ତଲ, ଗୁଳି ସମେତ ବିସ୍ଫୋରକ ଜବତ

ମାଲକାନଗିରି, ୧୩।୬ (ସମିସ): ମାଲକାନଗିରି ଜିଲ୍ଲା ପୁଲିସ ଦୁଇଜଣ ମାଓବାଦୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରିଛି। ଗିରଫ ଦୁଇ ମାଓବାଦୀ ହେଲେ, ଛତିଶଗଡ଼ ବସ୍ତର ଜିଲ୍ଲାର ଚନ୍ଦାମେଟାପଟଲପରା ଗ୍ରାମର କେସା କବାସୀ ଓ ବିଜାପୁର ଜିଲ୍ଲା ତାମୋଡ଼ ଗ୍ରାମର ରାକେଶ ଓରଫ୍ ସାନୁ କୁଞ୍ଜାମା। ଜବତ ସାମଗ୍ରୀଗୁଡ଼ିକ ମଧ୍ୟରୁ ଗୋଟିଏ ପିସ୍ତଲ, ୬ଟି ଗୁଳି, ୧୦ଟି ଡିଟୋନେଟର, ୧୦ମିଟର କୋଡେକ୍ସ ତାର, ୫୦ ଗ୍ରାମ ବନ୍ଧସ୍ୱଳ ପାଉଡର, ଗୋଟିଏ ୱକିଟାକି, ଟର୍ଚ୍ଚଲାଇଟ୍, ରେଡିଓ, ମାଓ ପୁସ୍ତିକା, ଔଷଧ ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରହିଛି।

ଆଜି ମାଲକାନଗିରି ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିନୋଦ ପାଟିଲ ଦେଇଥିବା ସୂଚନାନୁଯାୟୀ, ଛତିଶଗଡ଼ର କିଛି ମାଓବାଦୀ ଗତକାଲି ମାଲକାନଗିରିରେ ପ୍ରବେଶ କରିଥିବା ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ପୁଲିସ ମାଥିଲି ଥାନା ଅଧୀନ ସୋଡ଼ିଗୁଡ଼ା ଓ ତେନ୍ତୁଲିଗୁଡ଼ା ଗ୍ରାମ ମଧ୍ୟରେ ଥିବା ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ଆଜି ଭୋର୍‌ରେ କିଛି ମାଓବାଦୀ ଜଙ୍ଗଲ ମଧ୍ୟରେ ଯାଉଥିବା ଦେଖି ପୁଲିସ ପିଛା କରିବା ସହ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ। କିନ୍ତୁ ସେମାନେ ପୁଲିସ୍ ଉପରକୁ ଗୁଳି ଚଳାଇବା ସହ



ଜଙ୍ଗଲ ମଧ୍ୟରେ ଫେରାର ହୋଇଯାଇଥିଲେ। ତେବେ ପୁଲିସ ସେମାନଙ୍କ ମଧ୍ୟରୁ ୨ଜଣ ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହେବା ସହ ବିପୁଳ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିବାରେ ସକ୍ଷମ ହୋଇଛି। ଗିରଫ ଦୁଇ ମାଓବାଦୀ ସିପିଆଇ ମାଓ ସଂଗଠନରେ ଏସିଏମ୍ ଭାବେ କାମ କରୁଥିବା ବେଳେ ଛତିଶଗଡ଼ର ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିଲେ। ତେବେ ଆଜି ଏହି ଦୁଇଜଣଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ପି ଶ୍ରୀ ପାଟିଲ ମତପ୍ରକାଶ କରିଛନ୍ତି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

କେନ୍ଦୁଝର, ୧୩।୬(ସମିସ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଶୁକ୍ରବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶଗଡ଼ପଟା ଗ୍ରାମର କାନ୍ଦରା ନାଏକ(୫୦) ଓରଫ୍ କାହ୍ନୁକୁ ୨୦ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ସେହିପରି ଘଟଣା ସଂକ୍ରାନ୍ତ ତଥ୍ୟ ଲୁଚାଇଥିବାରୁ ସୁମିତ୍ରା ମହାନ୍ତ (୪୦) ନାମକ ଜଣେ ମହିଳାଙ୍କୁ କୋର୍ଟ ୭୦୦ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଏକ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୭ବର୍ଷର ଜଣେ ନାବାଳିକା ହରିଚନ୍ଦନପୁରସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲା। ୨୦୨୩ ଜାନୁଆରୀ ୨୯ରେ ମାଆ-ଝିଅଙ୍କ ସାକ୍ଷାତ ସମୟରେ ଘଟଣା ପ୍ରଘଟ ହୋଇଥିଲା। ପୀଡ଼ିତା କହିଥିଲା ଯେ ସ୍କୁଲର କାନ୍ଦରା ଅଜା(ରୋଷେୟା) ସରସ୍ୱତୀ ପୂଜା ଦିନ ସନ୍ଧ୍ୟା ଶୌଚ କରାଇବାକୁ ନେଇଥିଲା ସମୟରେ ଦୁଷ୍କର୍ମ କରିଥିଲା। ଏ କଥା ଅନ୍ୟ ଆସାମୀ ସ୍କୁଲର ସୁମିତ୍ରା ମହାନ୍ତ ଜାଣି ମଧ୍ୟ ଲୁଚାଇବାକୁ ପୀଡ଼ିତାକୁ ଧମକାଇଥିଲା। ଫଳରେ ପୀଡ଼ିତାର ମାଆ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଗୋଟିଏ ଦିନରେ ମହିଳାଙ୍କୁ ନେଇ ଦୁଇ ଦଳଙ୍କ ଶକ୍ତି ପ୍ରଦର୍ଶନ

# ବିଜେପିର 'ଶକ୍ତି'ର ଜବାବରେ ବିଜେଡିର 'ଜାଗରଣ'

ଭୁବନେଶ୍ୱର,୧୩।୬(ସମିସ): ମହିଳାଙ୍କୁ ନେଇ ଶୁକ୍ରବାର ରାଜ୍ୟରେ ଆୟୋଜନ ହୋଇଛି ଦୁଇ ଦୁଇଟି ବଡ଼ ସମାବେଶ। ବର୍ଷପୂର୍ତ୍ତି ଅବସରରେ ସରକାର କଟକରେ 'ନାରୀ ଶକ୍ତି' ସମାବେଶ ଆୟୋଜନ କରି ମହିଳାମାନଙ୍କୁ ସୁଭଦ୍ରା ଯୋଜନାର ସଫଳ କାହାଣୀ କହି ବେଳେ ଲକ୍ଷପତି ଦିଦିର ସ୍ୱପ୍ନ ଦେଖାଇଛନ୍ତି। ଅନ୍ୟପଟେ ଯାଜପୁରରେ ବିଜେଡି ପକ୍ଷରୁ ଜାଗରଣ ଅଭିଯାନକୁ ଜୋରଦାର କରି ସରକାରଙ୍କ ପ୍ରତାରଣାର ଛବିକୁ ଅନାବରଣ କରାଯାଇଛି। ଏହି ସମାବେଶରେ ଦଳ ନିଜ ସରକାର ଓ ନବୀନ ପଟ୍ଟନାୟକ ମିଶନ ଶକ୍ତି ମାଧ୍ୟମରେ କିପରି ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିଥିଲେ ଓ ବର୍ତ୍ତମାନ କିପରି ମହିଳା ହିଂସା ବୃଦ୍ଧି ପାଉଛି ତାହା ଦର୍ଶାଇଛି। ସମାବେଶରେ ବିଜେଡି ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ କରିଛି ରୋଡ଼ମ୍ୟାପ୍।

ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ବିଜେପି ସରକାରରେ ମହିଳାମାନେ ସବୁଠାରୁ ବେଶୀ ଉପେକ୍ଷାର ଶିକାର ହୋଇଛନ୍ତି। ରାଜ୍ୟରେ ମହିଳା ବିରୋଧୀ ହିଂସା ଭୟଙ୍କର ଭାବରେ ବୃଦ୍ଧି ପାଇଛି। ଦୈନିକ ହାରାହାରି ୧୫ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ମହିଳା ନିର୍ଯାତନା ଓ ଅତ୍ୟାଚାର ବୃଦ୍ଧି ପାଇଛି। ନାବାଳିକାମାନେ ଯୌନ ଶୋଷଣର ଶିକାର ହୋଇ ଗର୍ଭବତୀ ହୋଇଛନ୍ତି। ଏପରିକି ଗତ ମାଟ୍ରିକ୍ ପରୀକ୍ଷା ସମୟରେ ବିଭିନ୍ନ ସ୍ଥାନରେ ପରୀକ୍ଷା କେନ୍ଦ୍ରରେ ମଧ୍ୟ ନାବାଳିକା ଝିଅମାନେ ସନ୍ତାନ ଜନ୍ମ କରିଥିବା ଖବର ମିଳିଛି। ଅନ୍ୟପକ୍ଷରେ ଦୁଷ୍କର୍ମ, ଅତ୍ୟାଚାରର ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଯାହାକୁ ନେଇ ରାଜ୍ୟରେ ଏକ ଅଶ୍ୱସ୍ତିକର ପରିବେଶ ସୃଷ୍ଟି ହୋଇଛି। ସେହିପରି ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଓଡ଼ିଶାର ମହିଳାମାନଙ୍କୁ ରାଜ୍ୟ ସରକାର ସବୁଠାରୁ ଉପେକ୍ଷା କରିଛନ୍ତି। ମିଶନଶକ୍ତି କାର୍ଯ୍ୟନିର୍ବାହୀ ସଦସ୍ୟାମାନଙ୍କୁ ବହିଷ୍କାର କରିବାକୁ ଯୋଜନା କରି ସେମାନଙ୍କ ପାଦରେ ବେଡ଼ି ପକାଇ ଦେଇଛନ୍ତି। ମିଶନଶକ୍ତି ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବୀ ହୋଇଥିବା ରାଜ୍ୟର ୭୦ଲକ୍ଷ ମହିଳାଙ୍କ ସ୍ଥିତି ଏବେ ବିପନ୍ନ ହୋଇଛି। ସୁଭଦ୍ରା ଯୋଜନାରେ ୨ ବର୍ଷରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ଭାଉଚର ଦେବାକୁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ବର୍ଷକୁ ୫ ହଜାର ଅର୍ଥାତ୍ ଦିନକୁ ୨୭ ଟଙ୍କା ଦେଇ ଲକ୍ଷପତି ହେବାର ସ୍ୱପ୍ନ ଦେଖାଇଛନ୍ତି। ଦିଲ୍ଲୀ ଓ ମହାରାଷ୍ଟ୍ରରେ ବିଜେପି ସରକାର ସେହି ରାଜ୍ୟର ମହିଳାମାନଙ୍କୁ ମାସିକ ଯଥାକ୍ରମେ ୨୫୦୦ ଓ ୨୧୦୦ ଟଙ୍କା ଦେଉଥିଲେ ମଧ୍ୟ ଓଡ଼ିଶାରେ ଏହା ନାମମାତ୍ର। ଅନ୍ୟପକ୍ଷରେ ମହିଳା, ବିଧବାମାନଙ୍କୁ ମାସିକ ୩ହଜାର ଟଙ୍କା ଭତ୍ତା ଏବେ ବି ସ୍ୱପ୍ନ ପାଲଟିଛି। ଯାହାକୁ ଅସ୍ତ୍ର କରି ବିଜେଡି ରାଜ୍ୟ ସରକାରଙ୍କ ବିରୋଧରେ ଯୁଦ୍ଧଂ ଦେହି ଡ଼ାକରା ଦେଇଛି।

ଅନ୍ୟପଟେ ରାଜ୍ୟ ସରକାର ମଧ୍ୟ ମହିଳାଙ୍କ ଉପରେ ଫୋକସ୍ କରିଛନ୍ତି। ଯଦିଓ ପ୍ରତିଶ୍ରୁତି ମୁତାବକ ସୁଭଦ୍ରା ଯୋଜନାରେ ୨ ଟି କିସ୍ତିରେ ଦଳ ୫୦ ହଜାର ଟଙ୍କା ଦେବାରେ ବିଫଳ ହୋଇଛି, କିନ୍ତୁ ଏହି ଯୋଜନାକୁ ନେଇ ବ୍ରାଣ୍ଡିଂ କରିବା ଓ ଏହାକୁ ଏକ ଅନନ୍ୟ ଯୋଜନା ଭାବେ ଅଭିହିତ କରିବାକୁ ସରକାର ଉଦ୍ୟମ କରୁଛନ୍ତି। ଏହି କ୍ରମରେ କଟକରେ ଆୟୋଜିତ ନାରୀ ଶକ୍ତି ସମାବେଶରେ ନାରୀ ମାନଙ୍କ ସଶକ୍ତିକରଣ ପାଇଁ 'ସୁଭଦ୍ରା' ସବୁଠୁ ଯୁଗାନ୍ତକାରୀ ଯୋଜନା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହିତ ରାଜ୍ୟରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହୋଇଥିବା ବେଳେ ଏତେ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ପ୍ରଥମ ବୋଲି ଉଲ୍ଲେଖ କରି ସରକାର ନିଜ ପିଠି ଥାପୁଡ଼େଇଛନ୍ତି। ସରକାରଙ୍କ ସଫଳତାର ପ୍ରଚାରକୁ ବିରୋଧୀ ଶାଣିତ ଆକ୍ରମଣ କରି ଭେଦ କରିବାକୁ ଯେଉଁ ଯୋଜନା ଆପଣାଇଛନ୍ତି, ତାହା ସଫଳ ହେଉଛି କି ନାହିଁ ତାହା ଉପରେ ନଜର ରହିଛି।



## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସମ୍ପର୍କୀୟ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ରହିବ। ଘରେ ପୂଜାପାଠର ଆୟୋଜନ ହେବ।

**ବୃଷ:** ଜମିବାଡ଼ି କିଣିବା ଯୋଜନା କରିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ରହିବ। କୌଣସି ଶୁଭ ସମାଚାର ମିଳିପାରେ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ।

**କର୍କଟ :** ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଦିନଟି ହସଖୁସିରେ ଅତିବାହିତ କରିବେ। ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବେ ନାହିଁ। ଜୀବନସାଥୀଙ୍କ ସହଯୋଗ ରହିବ।

**କନ୍ୟା:** ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। କୌଣସି ଶୁଭ ସମାଚାର ପାଇବେ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ବିଛା:** ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ଧନୁ:** କୌଣସି ନୂଆ କାମ ମିଳିପାରେ। ନିବେଶ ପାଇଁ ଭଲ ସମୟ। ରାଜନୀତିରେ କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। କୌଣସି କାମ ପାଇଁ ପ୍ରଶଂସିତ ହେବେ। ।

**ମକର:** ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କୁମ୍ଭ:** ପରିବାରର ସହଯୋଗ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଓ ବ୍ୟୟ ସମାନ ରହିବ।

**ମୀନ:** କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ। ଦୀର୍ଘ ଦିନର ଆଶା ପୂରଣ ହେବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ

- ୧୯୦୭- ନରୱେରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୧୮ - ବ୍ୟାସକବି ଫକୀର ମୋହନ ସେନାପତିଙ୍କ ମୃତ୍ୟୁ।
- ୧୯୩୪-ଭିଏନାରେ ବେନିତୋ ମୁସୋଲିନୀ ଓ ହିଟଲର୍‌ଙ୍କ ସାକ୍ଷାତ।
- ୧୯୪୯-ଭିଏତନାମ ରାଷ୍ଟ୍ର ଗଠନ କରାଗଲା।
- ୨୦୦୩- ଗୋବି ମରୁଭୂମିରୁ ଏକ ବିଶାଳକାୟ ଡାଇନୋସର୍ ଜୀବାଶ୍ମ ଠାବ କରାଗଲା।
- ୨୦୨୩- ୟୁନାନରେ ନୌକା ବୁଡ଼ିବାରୁ ୭୮ ପ୍ରବାସୀଙ୍କ ମୃତ୍ୟୁ।

# ଆସିଛି ରଜ...




ଓଡ଼ିଶା ଏକ ଐତିହ୍ୟ, କଳା, ସଂସ୍କୃତି, ପରମ୍ପରାର ରାଜ୍ୟ। ଆମ ଉତ୍କଳୀୟ ପରମ୍ପରାରେ ବାରମାସରେ ତେର ପର୍ବ ପାଳନ କରାଯାଏ। ଗ୍ରୀଷ୍ମ ଓ ବର୍ଷା ଋତୁର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣପର୍ବ ରଜ। ବସୁଧା, ପ୍ରକୃତି ମାତାକୁ ପୂଜା କରିବାର ଏକ ଅନନ୍ୟ ପରମ୍ପରା। "ରଜ" ଶବ୍ଦଟି "ରଜସ୍ୱଳା" ଶବ୍ଦରୁ ଆନୀତ। ଭୂଦେବୀଙ୍କ ସମ୍ମାନ ପାଇଁ ଏହି ରଜ ପର୍ବର ସୃଷ୍ଟି। ନାରୀଟିଏ ଯେପରି ରଜସ୍ୱଳା ହୋଇଥାଏ ସେହିପରି ଭୂଦେବୀ ରଜସ୍ୱଳା ହୁଅନ୍ତି ବୋଲି କଳ୍ପନା କରାଯାଇଥାଏ। ଦୀର୍ଘ ୫ ଦିନ ଧରି ପାଳନ ହେଉଥିବା ଏହି ପର୍ବ ଓଡ଼ିଶାର ଏକ ଗଣପର୍ବ ଅଟେ। ରଜର ପୂର୍ବ ପ୍ରସ୍ତୁତି ରୂପେ ସଜବାଜ ଏହି ପର୍ବର ପ୍ରଥମ ଦିନ। ଏହାପରେ ବୃଷ ମାସର ଶେଷ ଦିନ ବା ପହିଲି ରଜ ରଜୋବତୀ ହେବାର ପ୍ରାରମ୍ଭ ଦିବସ ଅଟେ। ଦ୍ୱିତୀୟ ବା ମଝି ଦିନ ମିଥୁନ ସଂକ୍ରାନ୍ତି ବା ରଜ ସଂକ୍ରାନ୍ତି ନାମେ ପରିଚିତ। ରଜୋବତୀ ହେବାର ଶେଷ ଦିନ ଶେଷ ରଜ ନାମେ ପରିଚିତ। ଜଣେ ନାରୀକୁ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମର ଆବଶ୍ୟକତା ରହିଛି, ଠିକ୍ ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ଧରିତ୍ରୀ ମା'କୁ ରଜ ତିନି ଦିନ ବିଶ୍ରାମ ଦିଆଯାଏ। ଏହି ସମୟରେ ଭୂମିରେ ଲଙ୍ଗଳ ଚଳାଇବା କିମ୍ବା ଅନ୍ୟ କୃଷି କାମ କରିବାରେ ରହିଛି ବାରଣ। ସାଧାରଣତଃ ମୁଖ୍ୟ ରଜ ପର୍ବ ୩ ଦିନ ହୋଇଥିବାବେଳେ ସମୁଦାୟ ୫ ଦିନ ଧରି ଏହା ପାଳନ କରାଯାଏ। ପହିଲି ରଜର ପୂର୍ବଦିନ ପଡ଼ିଥାଏ ସଜବାଜ। ଏହି ଦିନ ଘର ଓ କୃଷି କର୍ମରେ ବ୍ୟବହୃତ ଉପକରଣ ଧୋଇ ପରିଷ୍କାର କରାଯାଏ। ପିଲାଙ୍କ ପାଇଁ ଦୋଳି ବନ୍ଧାଯିବା ସହ କୁଆଁରୀ ଝିଅମାନେ ଅଳତା, କଜଳ, ମେହେନ୍ଦୀ, ମୁଣ୍ଡରେ ଚନ୍ଦନ ଟିପା ଲଗାଇ ହୋଇଥାନ୍ତି ସଜବାଜ। ଏହାର ପରଦିନ ପଡ଼େ ପହିଲି ରଜ। ଏହି ଦିନ ଝିଅମାନେ ନୂଆ ବସ୍ତ୍ର ପିନ୍ଧି ସଜବାଜ ହୋଇ ଦୋଳି ଖେଳିବା ସହ ଏକାଠି ବସି ପିଠାପଣା ଖାଇଥାନ୍ତି। ମିଥୁନ ମାସର ପ୍ରଥମ ଦିନ ହେଉଛି ରଜ ସଂକ୍ରାନ୍ତି। ସଂକ୍ରାନ୍ତି ପରଦିନ ପଡ଼େ ଶେଷ ରଜ ବା ଭୂମି ଦହନ ଓ ଶେଷରେ ମିଥୁନ ମାସର ତୃତୀୟ ଦିନରେ ପଡ଼େ ବସୁମତୀ ସ୍ନାନ। ବସୁମତୀ ସ୍ନାନ ସମୟରେ ପିଢ଼ା ଉପରେ ଶିଳପୁଆ, ପାଞ୍ଚଣ ଓ ଲଙ୍ଗଳ ଲୁହାକୁ ରଖି ସିନ୍ଦୁର ଦିଆଯାଏ। ସୋରିଷ, ହଳଦୀଖଣ୍ଡ, ଫୁଲ, ଜଡ଼ା ତେଲ ପ୍ରଭୃତିରେ ପୂଜାର୍ଚ୍ଚନା କରାଯାଏ। ଶେଷରେ ବସୁଧା ମାତାଙ୍କୁ ପ୍ରଣାମ କରି ଉତ୍ତମ ଚାଷ ଓ ଉପଯୁକ୍ତ ବର୍ଷା ପାଇଁ ପ୍ରାର୍ଥନା କରାଯାଇଥାଏ। ରଜ ତିନି ଦିନ କୁମାରୀ ଝିଅମାନେ ରଜସ୍ୱଳା ନାରୀଙ୍କ ଭଳି ଭୂମିରେ ଚାଲନ୍ତି ନାହିଁ। ଲୁଣ ଖାଆନ୍ତି ନାହିଁ, କେବଳ ଫଳମୂଳ ଓ ମିଠା ସେବନ କରିବାର ବିଧି ରହିଛି। ରଜରେ ଗୃହିଣୀମାନଙ୍କୁ ଗୃହକର୍ମରୁ ମିଳିଥାଏ ବିରତି। ରଜରେ କୁମାରୀମାନଙ୍କ ରଜ ଦୋଳି ଗୀତ ସବୁଠାରୁ ବଡ଼ ଆକର୍ଷଣ। ଦୋଳି ଖେଳିବା ସମୟରେ ସେମାନେ ଓଡ଼ିଶାର ସାମାଜିକ ଚଳଣୀ, ପରମ୍ପରା ଆଦିକୁ ନେଇ ଉଦ୍ଦିଷ୍ଟ ଲୋକଗୀତ ଗାଇଥାନ୍ତି। "ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ" ଏହି ଗୀତଟି ଓଡିଶାର ପୁରପଲ୍ଲୀରେ ବେଶ୍ ଆଦୃତି ଲାଭ କରିଛି। ପୋଡ଼ ପିଠା ଓ ଖିଲି ପାନ ବିନା ଅଧୁରା ରଜ। ଅରୁଆ ଚାଉଳ, ବିରି, ଗୁଡ଼ ନଡ଼ିଆ, ଗୁଜରାତି, ଗୋଲମରିଚ, ଗୁଆ ଘିଅର ମିଶ୍ରଣରେ ପ୍ରସ୍ତୁତ ପୋଡ଼ ପିଠାରେ ସତେ ଯେମିତି ମିଶି ରହିଥାଏ ଆବେଗ, ଆତ୍ମୀୟତା, ଅନୁରାଗ। ରଜରେ ଲୋକେ ନିଜ ବନ୍ଧୁ ଓ ପରିଜନଙ୍କୁ ଶ୍ରଦ୍ଧା ପୂର୍ବକ ମିଠା ପାନ ଦେଇଥାନ୍ତି। ଏହି ସମୟରେ ନୂଆ ବାହା ହୋଇଥିବା ଝିଅଟି ଘରୁ ରଜଭାର ଆସିଥାଏ। ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ। ଏହି ଦିନଗୁଡ଼ିକର ରୀତିନୀତିରେ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଚଳଣି ପ୍ରତିଫଳିତ ହୋଇଥାଏ। ସାମ୍ପ୍ରତିକ କାଳରେ ଏହି ରଜ ପର୍ବର ମାର୍ମିକ ଅନୁଭବ ଖୁବ୍ କମ୍ ଲାଗେ। କେବଳ ଦୋଳି ଖେଳ ଓ ପିଠା-ପଣାକୁ ଛାଡ଼ି ଦେଲେ, ରଜ ପର୍ବର ଅନ୍ୟାନ୍ୟ କାର୍ଯ୍ୟସୂଚୀକୁ ପାଳନ କରାଯାଉନି। ଆଧୁନିକତାର ଛାପରେ ଯଦିଓ ପୂର୍ବଭଳି ରଜପର୍ବ ଗାଁରେ ଏକାଠି ପାଳନ କରିବାର ପରମ୍ପରା ଆଉ ନାହିଁ, ତଥାପି ରଜପର୍ବ ପାଇଁ ଆଦର ଓ ସରାଗ କମିନାହିଁ।

# ବିଶ୍ୱ ରକ୍ତଦାତା ଦିବସ

ରକ୍ତ ଦାନ ମହତ ଦାନ, କାରଣ ଏହି ଦାନ ଜଣେ ବ୍ୟକ୍ତିକୁ ନୂଆ ଜୀବନ ଦିଏ। ରକ୍ତଦାନ ଭଳି ମହାନ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳନ କରାଯାଏ। ରକ୍ତଦାନର ମହତ ଆଉ ରକ୍ତଦାତାଙ୍କ ମହାନ ପଣିଆକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ବିଶ୍ୱରେ ଆବଶ୍ୟକତା ତୁଳନାରେ ଉପଲବ୍ଧ ହେଉଥିବା ରକ୍ତର ପରିମାଣ ଯଥେଷ୍ଟ କମ୍। ଏହି କାରଣରୁ ଅନେକ ଲୋକଙ୍କ ଅକାଳରେ ମୃତ୍ୟୁ ହେଉଛି। ହେଲେ, ଯଦି ଲୋକମାନେ ସ୍ୱଇଚ୍ଛାରେ ରକ୍ତ ଦାନ କରିବାକୁ ଆଗେଇ ଆସନ୍ତି ତାହାହେଲେ ଅନେକ ଜୀବନ ବଞ୍ଚେଇବା ସମ୍ଭବ ହୋଇପାରିବ। ସଚେତନତା ଅଭାବରୁ ଅଧିକାଂଶ ଲୋକ ରକ୍ତଦାନ କରିବାଠାରୁ ଦୂରେଇ ରୁହନ୍ତି। ରକ୍ତଦାନ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ସହିତ ରକ୍ତଦାନ ପାଇଁ ପ୍ରୋତ୍ସାହିତ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆନୁକୂଲ୍ୟରେ ସର୍ବ ପ୍ରଥମେ ୨୦୦୪ରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଥିଲା। ନୋବେଲ୍ ପୁରସ୍କାର ବିଜେତା ଅଷ୍ଟ୍ରିଆର ଡାକ୍ତର କାର୍ଲ ଲ୍ୟାଣ୍ଡଷ୍ଟେନରଙ୍କ ଜନ୍ମଦିନକୁ ବିଶ୍ୱସ୍ତରରେ ରକ୍ତଦାତା ଦିବସ ଭାବେ ପାଳନ କରାଯାଏ। ରକ୍ତର ବର୍ଗୀକରଣ କରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି। ରକ୍ତଦାନ ଯୋଗୁଁ ଲକ୍ଷଲକ୍ଷ ଲୋକଙ୍କ ଜୀବନ ରକ୍ଷା ହୋଇପାରୁଛି। ରକ୍ତ ଅଭାବ ସମସ୍ୟାର ସମାଧାନ ପାଇଁ ସୁସ୍ଥ ବ୍ୟକ୍ତିମାନେ ରକ୍ତଦାନ କରିବା ଜରୁରୀ। ରକ୍ତ ଦାନ କେବଳ ଏକ ମହତ କାର୍ଯ୍ୟ ନୁହେଁ, ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଭଲ ବୋଲି ବିବେଚନା କରାଯାଏ। ରକ୍ତର କୌଣସି ବିକଳ୍ପ ନ ଥିବାରୁ ରକ୍ତ ଦାନ ମାଧ୍ୟମରେ ଏହା ସଂଗ୍ରହ କରିବା ଜରୁରୀ ହୋଇପଡିଛି। ରକ୍ତ ସଂଗ୍ରହ ନିମନ୍ତେ ବ୍ଲଡ୍ ବ୍ୟାଙ୍କମାନ ପ୍ରତିଷ୍ଠା କରାଯାଇଅଛି। ଏଠାରେ ଲୋକମାନଙ୍କୁ ରକ୍ତ ଦାନ ନିମନ୍ତେ ପ୍ରୋତ୍ସାହିତ କରାଯାଉଛି ଏବଂ ଲୋକମାନଙ୍କର ରକ୍ତକୁ ସଂଗ୍ରହ କରାଯାଇ ଆବଶ୍ୟକ କ୍ଷେତ୍ରରେ ବିନିଯୋଗ ମଧ୍ୟ କରାଯାଉଅଛି। ଏହି ଦିନ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୁଏ।

# 'ଏସ୍ଏସ୍ଏମ୍‌ବି୨୯'ରେ ମାଧବନ୍



'ଆର୍ଆର୍ଆର୍' ଫେମ୍ ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳିଙ୍କ ଫିଲ୍ମ 'ଏସ୍ଏସ୍ଏମ୍‌ବି୨୯'କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ ଉତ୍ସାହ ରହିଛି। ଏହା ଭାରତୀୟ ସିନେମା ଇତିହାସରେ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ୧୦୦୦ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମରେ ଲିଡ୍ ରୋଲରେ ପ୍ରିୟଙ୍କା ଚୋପ୍ରା ଓ ମହେଶ ବାବୁ ନଜର ଆସିବେ। ପୃଥ୍ୱୀରାଜ ସୁକୁମାରନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଏବେ ଆଉ ଜଣେ ବଲିଉଡ୍ ଅଭିନେତାଙ୍କ ଏଣ୍ଟ୍ରି ଏହି ଆକ୍ସନ୍ ଆଡଭେଞ୍ଚର ଫିଲ୍ମରେ ହୋଇଛି। ଆର୍.ମାଧବନ୍ ଏବେ ଏହି ଫିଲ୍ମରେ ନଜର ଆସିବେ। ଏଥିରେ ମହେଶ ବାବୁଙ୍କ ପିତା ଭୂମିକାରେ ଅଭିନୟ କରିବା ପାଇଁ ରାଜମୌଳି ନାନା ପାଟେକରଙ୍କୁ ଅଫର୍ ଦେଇଥଲେ। କିନ୍ତୁ ନାନାଙ୍କୁ ଏହି ଭୂମିକା ପସନ୍ଦ ଆସିଲା ନାହିଁ। ଏହାପରେ ମାଧବନ୍‌ଙ୍କୁ ଏହି ଭୂମିକା ମିଳିଥିବା ଚର୍ଚ୍ଚା ହେଉଛି। ଏହାର ସୁଟିଂ ହାଇଦ୍ରାବାଦ୍, ଓଡ଼ିଶା ଓ ବିଦେଶର କେତେକ ସ୍ଥାନରେ କରାଯିବ।

# ସୁମନ

## ସକାଳ ଶିଶୁ କୁଇଜ୍-୧୬୮

(୧) ବାନ୍ଧବଗଡ଼ ଜାତୀୟ ଉଦ୍ୟାନ ଭାରତରେ କେଉଁ ରାଜ୍ୟରେ ଅଛି?
ଉତ୍ତର : ____________

(୨) ବାରୁଦ ତିଆରି ପାଇଁ କେଉଁ ରସାୟନର ବ୍ୟବହାର କରାଯାଏ?
ଉତ୍ତର : ____________

(୩) ସ୍ପେନ୍‌ର ରାଜଧାନୀର ନାମ କ'ଣ?
ଉତ୍ତର : ____________

(୪) 'ଗୋଧୂଳିର ବାଘ' ଉପନ୍ୟାସର ରଚୟିତାଙ୍କ ନାମ କ'ଣ?
ଉତ୍ତର : ____________

(୫) ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁ କେତେ ଗରା ଜଳରେ ସ୍ନାନ କରନ୍ତି?
ଉତ୍ତର : ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ସ୍ୱାଗତିକା ପଟେଲ, ମଙ୍ଗସପୁର, ସୁନ୍ଦରଗଡ଼
- ଚିନ୍ମୟ ବାରିକ, ବିଲିପଡ଼ା, ଯାଜପୁର
- ତୃପ୍ତିମୟୀ ପ୍ରଧାନ, ବାସୁଦେବପୁର, ଭଦ୍ରକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ରଜ ପରବ



ଅଶୋକ କୁମାର ପ୍ରଧାନ

ବରଷକ ପରେ ଆମରି ଗାଆଁକୁ
କେଡ଼େ ଶରଧାରେ ଆସିଛୁ ରଜ
ତୋ ପାଇଁ ଦେଖୁନୁ ପାଦରେ ଅଳତା
ନାଇ ଝିଅ ବୋହୂ ହେଲେଣି ସଜ।
ତୁ ଆସିଲେ ଆମେ ଭୂଲି ଯାଉ ମନୁ
ଅଭାବ କଷଣ ଗରିବୀ ଦୁଃଖ
ତୋ ପରବ ପାଳି ମନେ ଖୁସି ବୋଲି
ଫୁଲ ପରି ଦିଶେ ଆମରି ମୁଖ।
ଧରଣୀ ମାଆକୁ ସମ୍ମାନ ଜଣାଇ
ଦୋଳି ଖେଳେ ଆମେ ହେଉରେ ରତ
ଦୋଳି ଖେଳି ସକାଳରୁ ସଞ୍ଜ ହୁଏ
ଭୋକ ଭୁଲି ଯିବା କଥାଟା ସତ।
ବନସ୍ତରୁ ଗଜ ଡାକ ଶୁଣି ଆମେ
ଅଧିର ହେଉଛୁ ବେଳରୁ ବେଳ
ଦୋଳି ସାଥେ ପୁଣି ପୁଚି ଖେଳୁଥାଉ
ହୋଇ ସାଙ୍ଗ ସାଥି ସଭିଏଁ ମେଳ।
ରଜପାନ ସାଥେ ପୋଡ଼ ପିଠା ଖାଇ
ଦିନ କାଟିଥାଉ ସଭିଏଁ ଆମେ
ଶପଥ କରୁଛୁ ଆଜିର ଦିନରେ
ଲାଗିବୁ ସଭିଏଁ ଜଗତ କାମେ।
ରଜ ପରବ ତୁ ଆମ ଓଡ଼ିଆଙ୍କ
ପରବ ଭିତରେ ଅଟୁ ତୁ ରାଣୀ
ତୁ ଆସିଲେ କେତେ ପରବ ଆସଇ
ହସ ଖୁସି ସାଥେ ଆଣୁ ତୁ ଟାଣି। ■

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦



## ଅମୃତ ଗଛ








ରାଜେଶ୍ ରାୟ


ଗୁରୁକୂଳ ଆଶ୍ରମରେ ଶିକ୍ଷା ସମାପ୍ତ ହେବା ପରେ ଧନଞ୍ଜୟ ନାମକ ଶିଷ୍ୟ ନିଜ ଗୁରୁଙ୍କ ପାଖକୁ ଯାଇ କହିଲା, "ଗୁରୁଦେବ, ମୁଁ ଆପଣଙ୍କୁ ଗୁରୁ ଦକ୍ଷିଣା ସ୍ୱରୂପ କିଛି ଉପହାର ଦେବାପାଇଁ ଚାହୁଁଛି, କୁହନ୍ତୁ ଆପଣଙ୍କର କ'ଣ ଦରକାର ? ଗୁରୁ ସାମାନ୍ୟ ହସିଦେଇ ଧନଞ୍ଜୟକୁ କହିଲେ, "ଯଦି ତମେ ମତେ କିଛି ଦେବାକୁ ଚାହୁଁଛ ତେବେ ଅମୃତ ଗଛର ପତ୍ରଟିଏ ମତେ ଆଣିଦିଅ।" ଗୁରୁଙ୍କ କଥା ଶୁଣି ଶିଷ୍ୟ ଧନଞ୍ଜୟ ଆଶ୍ଚର୍ଯ୍ୟ ହୋଇଗଲା। ଅମୃତ ଗଛ ! ଏମିତି କିଛି ଗଛ ଅଛି କି ? ସେ ଗୁରୁଙ୍କୁ ପଚାରିଲା। ଗୁରୁ କହିଲେ, ମୁଁ ସେ ବିଷୟରେ କିଛି କହିପାରିବି ନାହିଁ। ତୁମେ ବାହାରକୁ ଯାଇ ଖୋଜ। ଯଦି ମତେ ଗୁରୁ ଦକ୍ଷିଣା ଦେଇ ସନ୍ତୁଷ୍ଟ କରିବାକୁ ଚାହୁଁଛ ତେବେ ଅମୃତ ଗଛର ପତ୍ରଟିଏ ଆଣିଦିଅ। ଧନଞ୍ଜୟ ଚିନ୍ତାରେ ପଡ଼ିଗଲା। କେଉଁଠୁ ପାଇବ ଅମୃତ ଗଛର ପତ୍ର ? ଏହା ଭାବି ଭାବି ସେ ନିକଟସ୍ଥ କିଛି ଗାଁକୁ ଗଲା। ସେଠାକୁ ଯାଇ ବିଭିନ୍ନ ଲୋକଙ୍କୁ ଗଛ ବିଷୟରେ ପଚାରିଲା ହେଲେ କେହି ବି ତା ପ୍ରଶ୍ନର ସଠିକ୍ ଉତ୍ତର ଦେଇପାରିଲେ ନାହିଁ। ସମସ୍ତଙ୍କ ପାଖରୁ ନିରାଶ ହେବାପରେ ଧନଞ୍ଜୟ ମନ ଦୁଃଖରେ ଗାଁର ଶେଷ ମୁଣ୍ଡରେ ଯାଇ ପହଞ୍ଚିଲା। ସେଠାରେ ବୁଢ଼ୀଟିଏ ଘରକରି ରହୁଥିଲା। ଧନଞ୍ଜୟ ସେ ବୁଢ଼ୀ ପାଖକୁ ଯାଇ ଅମୃତ ଗଛ ବିଷୟରେ ପଚାରିଲା। ସବୁକଥା ଶୁଣିବା ପରେ ବୁଢ଼ୀ ଲୋକଟି ଧନଞ୍ଜୟର ମୁହଁକୁ କିଛି ସମୟ ପାଇଁ ଅନାଇଲା ଏବଂ କହିଲା 'ହଁ' ଅମୃତ ଗଛ ମୋ' ଘର ପଛପଟ ବାଡ଼ିରେ ଅଛି। ଏ କଥା ଶୁଣି ଧନଞ୍ଜୟ ପ୍ରଥମେ ବିଶ୍ୱାସ କରୁ ନ ଥିଲା। ସେ ଭାବିଲା ଯେ, ବୁଢ଼ୀ ଲୋକଟିର ମୁଣ୍ଡ ବୋଧେ ଖରାପ ହୋଇ ଯାଇଛି। ଏହାପରେ ବୁଢ଼ୀ ଜଣକ ଧନଞ୍ଜୟକୁ ଡାକିନେଇ ତା' ବାଡ଼ି ପଛପଟକୁ ଗଲା ଏବଂ ସେଠାରେ ଥିବା ଏକ ପୁରୁଣା ଅଶ୍ୱତ୍ଥ ଗଛକୁ ଦେଖାଇଲା। ଗଛକୁ ଦେଖି ଧନଞ୍ଜୟ ଆଶ୍ଚର୍ଯ୍ୟ ହୋଇଗଲା ଏବଂ କହିଲା ଇଏ ତ ଅଶ୍ୱତ୍ଥ ଗଛ। ଏହାକୁ ଆମେ କ'ଣ ପାଇଁ ଅମୃତ ଗଛ ବୋଲି କହିବା ? ବୁଢ଼ୀ ଜଣକ ଧନଞ୍ଜୟକୁ ନିଜ ଭାଷାରେ ବୁଝାଇଲା। ଆମ ପରିବେଶରେ ଥିବା ସମସ୍ତ ସବୁଜ ଉଦ୍ଭିଦମାନେ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ ପରି ଅମୃତ ଦିଅନ୍ତି କିନ୍ତୁ କିଛି ଗଛ ଆମକୁ ଅଧିକ ପରିମାଣର ଅମ୍ଳଜାନ ଦିଅନ୍ତି। ସେହି ଗଛ ମଧ୍ୟରୁ ଅଶ୍ୱତ୍ଥ ଗଛ ଅନ୍ୟତମ। ଏଥିସହ ଏହା ବାୟୁମଣ୍ଡଳକୁ ଶୁଦ୍ଧ କରିବାରେ ସାହାଯ୍ୟ କରେ। ଅଶ୍ୱତ୍ଥ ଗଛର ପତ୍ର, ଛେଲି, ଆଦି ହଜମ ସମସ୍ୟା, ଶ୍ୱାସକ୍ରିୟା ସମସ୍ୟା, ରକ୍ତ ସଫା ଏବଂ ଚର୍ମ ରୋଗ ପାଇଁ ମଧ୍ୟ ବ୍ୟବହାର କରାଯାଏ। ଏହି ଗଛ ଅମ୍ଳଜାନ ପରି ଅମୃତକୁ ଗଚ୍ଛିତ ରଖିଥିବାରୁ ଏହାକୁ ଆମେ ଅମୃତ ଗଛ ବୋଲି କହିପାରିବା। ପୂର୍ବରୁ ବରଗଛ ଏବଂ ଅଶ୍ୱତ୍ଥ ଗଛର ବିବାହ କରି ଆମେ ତାହାକୁ ସୁରକ୍ଷା ଦେଉଥିଲେ କିନ୍ତୁ ଦୁଃଖର କଥା ହେଉଛି ଏହା ଯେ, ଆମର ସ୍ୱାର୍ଥଭିତ୍ତିକ କାମ ପାଇଁ ବର୍ତ୍ତମାନ ଅଶ୍ୱତ୍ଥ ଗଛର ସଂଖ୍ୟା ବହୁତ କମି ଗଲାଣି। ଏହି ଗଛର ସୁରକ୍ଷା ଯଦି ସଠିକ୍ ଭାବେ ନ ହେବ ତେବେ ଆଗାମୀ ଦିନରେ ଆମକୁ ବିଶୁଦ୍ଧ ଅମ୍ଳଜାନ ମିଳିବା କଷ୍ଟକର ହୋଇଯିବ। ସବୁକଥା ଶୁଣିବା ପରେ ଧନଞ୍ଜୟ ଅମୃତ ଗଛର ଗୁରୁତ୍ୱକୁ ଭଲଭାବେ ବୁଝିଲା। ଏହାପରେ ସେ ଅଶ୍ୱତ୍ଥ ଗଛର ପତ୍ରଟିଏ ନେଇ ଗୁରୁଙ୍କ ପାଖକୁ ଗଲା ଏବଂ ସେଠାରେ ପହଞ୍ଚି ସବୁକଥା ଗୋଟି ଗୋଟି କରି ବୁଝାଇ କହିଲା। ଉପଯୁକ୍ତ ପତ୍ରଟି ପାଇବା ପରେ ଗୁରୁ ଧନଞ୍ଜୟ ଉପରେ ଅତ୍ୟନ୍ତ ଖୁସି ହୋଇଗଲେ ଏବଂ ଶ୍ରେଷ୍ଠ ଗୁରୁଦକ୍ଷିଣା ପାଇଁ ତାକୁ ଆଶୀର୍ବାଦ କଲେ। ■

ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ- ୬୩୭୧୫୫୫୯୪୦






**ଶାନ୍ତନୁ ଶାନ୍ତିସ୍ୱରୂପ ସାହୁ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର







**ସନ୍ଦୀପ୍ତା ଦିବ୍ୟାରାଣୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ଆଦ୍ୟାଶା ନାଏକ**
ଚତୁର୍ଥ ଶ୍ରେଣୀ
ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ
ଭୋଳାଗଡ଼ିଆ





**ତନିସ୍କା ପାତ୍ର**
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

## ପ୍ରହେଳିକା

- ଗଛରେ ଝୁଲେ ବାଉଁଶ ଦୋଳି
ଝୁଲନ୍ତି ପିଲା ମିଶି
ପୋଡ଼ ପିଠାର ସୁଗନ୍ଧ ଆସେ
ପରାଣ ଉଠେ ହସି
ଲୁଡୁ ତାଆସ ବାଗୁଡ଼ି ଖେଳ
ଖେଳନ୍ତି ସର୍ବ ଜନ
ଏହି ପରବେ ଅପା ବାଣ୍ଟଇ
ମସଲା ଖିଲିପାନ
କୁହତ ନାମ ତା'ର
ଆମ୍ବ ପଣସ ମାଂସ କଷାରେ
ମହକି ଉଠେ ଘର।

ଉତ୍ତର-ରଜପର୍ବ



- ଚାଉଳ ଚୂନା ଓ ଗୁଡ଼ ନଡିଆ
କାଜୁ ଅଳେଇଚ ବାସେ ବଢ଼ିଆ
ପିଠାଟିଏ ବନେ ତା'ର ମିଶ୍ରଣେ
ପୋଡ଼ାହୁଏ ସିଏ ଅତି ଯତନେ
ଭାରି ସୁଆଦିଆ ସିଏ
ଖଣ୍ଡ ଖଣ୍ଡ କରି କାଟି ଦିଏ ବୋଉ
କୁହ ତା'ର ନାମ କିଏ।

ଉତ୍ତର-ପୋଡ଼ପିଠା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୨୪୬



# କ୍ରୀଡ଼ା



**ମ୍ୟୁନିକ୍ ସୁଟିଂ ବିଶ୍ୱକପ୍**

## ସ୍ୱର୍ଣ୍ଣ ଜିତିଲେ ସୁରୁଚି



**ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି):** ଜର୍ମାନୀର ମ୍ୟୁନିକରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ସୁଟିଂ ବିଶ୍ୱକପ୍‌ରେ ସୁରୁଚି ସିଂହ ଭାରତ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି। ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସୁରୁଚି ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ବିଶ୍ୱକପ୍‌ରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଚଳିତ ମ୍ୟୁନିକ ବିଶ୍ୱକପ୍‌ରେ ପୂର୍ବରୁ ସିଫ୍ଟ କୌର ଓ ଏଲାଭେନିଲ ଭାଲରିଭାନ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଶୁକ୍ରବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ୧୯ ବର୍ଷୀୟା ସୁରୁଚି ୨୪୧.୯ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଫ୍ରାନ୍ସର କାମିଲେ ଜେଡଜେଜେୱସ୍କି (୨୪୧.୭) ଓ ଚାଇନାର କ୍ୱିଆନଜୁନ ୟାଓ (୨୨୧.୭) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ସୁରୁଚି ୫୮୮ ସ୍କୋର ସହ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଥିଲେ। ତେବେ ଅଲିମ୍ପିକ ପଦକ ବିଜୟିନୀ ମନୁ ଭାକର ୫୭୪ ସ୍କୋର ସହ ୨୫ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

**ଏମ୍ଏଲ୍ସି-୩ ସିଜନ ଆରମ୍ଭ**

## ଫିନ୍ ଆଲେନଙ୍କ ୫୧ ବଲରେ ୧୫୧ ରନ



**କାଲିଫର୍ଣ୍ଣିଆ, ୧୩।୬ (ଏଜେନ୍ସି):** ଆମେରିକାର ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ପ୍ରତିଯୋଗିତା ମେଜର ଲିଗ୍ କ୍ରିକେଟ୍ (ଏମ୍ଏଲ୍ସି)ର ୩ୟ ସଂସ୍କରଣ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଶୁକ୍ରବାର କୋରି ଆଣ୍ଡରସନଙ୍କ ନେତୃତ୍ୱାଧୀନ ସାନ୍ ଫ୍ରାନସିସ୍କୋ ୟୁନିକର୍ନ୍ସ ୧୨୩ ରନର ବିଶାଳ ବ୍ୟବଧାନରେ ୱାଶିଂଟନ ଫ୍ରିଡମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସାନ୍ ଫ୍ରାନସିସ୍କୋ ଫିନ୍ ଆଲେନଙ୍କ ବିସ୍ଫୋରକ ଶତକ ବଳରେ ୫ ୱିକେଟ୍‌ରେ ୨୬୯ ରନ କରିଥିଲା। ଜବାବରେ ଗ୍ଲେନ ମ୍ୟାକ୍ସୱେଲଙ୍କ ୱାଶିଂଟନ ଫ୍ରିଡମ ୧୩.୧ ଓଭରରେ ୧୪୬ ରନ କରି ଅଲଆଉଟ୍ ହୋଇଯାଇଥିଲା। ୫୧ ବଲରେ ୧୫୧ ରନ କରିଥିବା ଆଲେନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ। କିୱି ବ୍ୟାଟର୍ ଆଲେନ ଏହି ପାଳିରେ ୧୯ ଛକା ଓ ୫ ଚୌକା ମାରିଥିଲେ। ଡାହାଣହାତୀ ବ୍ୟାଟର୍ ଆଲେନ ଏହି ଶତକୀୟ ପାଳିରେ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ୩୪ ବଲରେ ଶତକ ହାସଲ କରି ଏମ୍ଏଲ୍ସି ଇତିହାସରେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ସେହିଭଳି ସେ ତାଙ୍କ ଦେଢ଼ଶହ ରନ ୪୯ ବଲରେ ପୂରଣ କରିଥିଲେ। ଯାହାକି ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ୧୫୦ ରନ ରେକର୍ଡ ହୋଇଛି। ଏହାବାଦ୍ ଟି-୨୦ କ୍ରିକେଟ୍‌ରେ ଗୋଟିଏ ପାଳିରେ ସର୍ବାଧିକ ଛକା ମାରିବାର ରେକର୍ଡ ମଧ୍ୟ ଆଲେନଙ୍କ ନାମରେ ଲିପିବଦ୍ଧ ହୋଇଛି। ପୂର୍ବରୁ ୱେଷ୍ଟଇଣ୍ଡିଜର କ୍ରିସ ଗେଲ୍ ଓ ଇସ୍ତୋନିଆର ସାହିଲ ଚୌହାନ ଗୋଟିଏ ପାଳିରେ ୧୮ ଟି ଲେଖାଏ ଛକା ମାରିଥିଲେ। ଗତ ଆଇପିଏଲ୍ ନିଲାମୀରେ ଆଲେନଙ୍କୁ କୌଣସି ଫ୍ରାଞ୍ଚାଇଜ କ୍ରୟ କରି ନ ଥିଲେ।

## ଏସିଆନ ଚାମ୍ପିଅନସିପ୍ ଫାଇନାଲରେ ପ୍ରଣତୀ



**ଭୁବନେଶ୍ୱର, ୧୩।୬ (ସମିସ):** ଭାରତର ଜଣାଶୁଣା ଜିମ୍ନାଷ୍ଟ ପ୍ରଣତୀ ନାୟକ ଚଳିତ ଡବ୍ଲ୍ୟୁଏଜି ଏସିଆନ ଚାମ୍ପିଅନସିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଦକ୍ଷିଣ କୋରିଆର ଯେଚିଅନ ସହରରେ ଅନୁଷ୍ଠିତ ଏହି ସମ୍ମାନଜନକ ଜିମ୍ନାଷ୍ଟିକ ଚାମ୍ପିଅନସିପ୍‌ର ଭଲ୍ଟ ଇଭେଣ୍ଟ ଯୋଗ୍ୟତା ପର୍ଯ୍ୟାୟରେ ପ୍ରଣତୀ ୧୩.୦୮୩ ସ୍କୋର କରିଥିଲେ। ଏଥିସହ ସେ ୪ର୍ଥ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟତମ ଭାରତୀୟ ଜିମ୍ନାଷ୍ଟ ଭାବେ ପ୍ରୋତିସ୍ମା ସାମନ୍ତ ୧୨.୯୧୬ ସ୍କୋର କରି ୮ମ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଛନ୍ତି। ଅଶୋକ ମିଶ୍ର ପ୍ରଶିକ୍ଷକ ଭାବେ ଭାରତୀୟ ଦଳ ସହ ଗସ୍ତ କରିଛନ୍ତି। ପ୍ରଣତୀ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଏଏମ୍ଏନ୍ଏସ୍ ଜିମ୍ନାଷ୍ଟିକ ଏର୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

**ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ**

# ଟାର୍ଗେଟ୍ ୨୮୨: ଦକ୍ଷିଣ ଆଫ୍ରିକା ୨୧୩/୨

**ଲଣ୍ଡନ, ୧୩।୬ (ଏଜେନ୍ସି)**

ସ୍ଥାନୀୟ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ବିପକ୍ଷରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ତୃତୀୟ ସଂସ୍କରଣର ଫାଇନାଲ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଜୟ ଦ୍ୱାରଦେଶରେ ପହଞ୍ଚିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୮୨ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ଶୁକ୍ରବାର ଷ୍ଟମ୍ପ ସୁଦ୍ଧା ୫୬ ଓଭରରେ ୨ ୱିକେଟ୍ ହରାଇ ୨୧୩ ରନ ସଂଗ୍ରହ କରିଛି। ଓପନର୍ ଆଇଡେନ ମାର୍କରାମ ୧୦୨ ଓ ଅଧିନାୟକ ତେମ୍ବା ବଭୁମା ୬୫ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଅସମାପ୍ତ ୩ୟ ୱିକେଟ୍ ଭାଗୀଦାରିରେ ଉଭୟ ୧୪୩ ରନ ସଂଗ୍ରହ କରି ଦକ୍ଷିଣ ଆଫ୍ରିକାକୁ ଐତିହାସିକ ବିଜୟ ଦିଗରେ ଅଗ୍ରସର କରାଇଛନ୍ତି। ବିଜୟଠାରୁ ଦକ୍ଷିଣ ଆଫ୍ରିକା ଆଉ ମାତ୍ର ୬୯ ରନ ଦୂରରେ ରହିଛି। ଆଉଟ୍ ହୋଇଥିବା ବ୍ୟାଟରଙ୍କ ମଧ୍ୟରେ ର୍ୟାନ ରିକଲେଟନ ୬ ଓ ୱିଆନ ମଲଡର୍ ୨୭ ରନ କରି ମିଚେଲ ଷ୍ଟାର୍କଙ୍କ ଶିକାର ବନିଛନ୍ତି।

**ମାର୍କରାମ ଓ ବଭୁମାଙ୍କ ଲଢୁଆ ବ୍ୟାଟିଂ**



**● ଷ୍ଟାର୍କଙ୍କ ଲଢୁଆ ଅର୍ଦ୍ଧଶତକ**

ପୂର୍ବରୁ ୭୪ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଅଷ୍ଟ୍ରେଲିଆ ଦଳ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପସ ଦ୍ୱିତୀୟ ପାଳିରେ ୮ ୱିକେଟ୍ ହରାଇ ୧୪୪ ରନ କରିଥିଲା। ଶୁକ୍ରବାର ଏହି ଅସମାପ୍ତ ଦ୍ୱିତୀୟ ପାଳି ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଅଷ୍ଟ୍ରେଲିଆ ଆଉ ୬୩ ରନ ଯୋଡ଼ି ୨୦୭ ରନରେ ଅଲଆଉଟ୍ ହୋଇଯାଇଥିଲା। ପୂର୍ବଦିନ ୧୬ ରନ କରି ଅପରାଜିତ ରହିଥିବା ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଆଜି ବେଶ୍ ସତର୍କତାର ସହ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଫଳରେ ଅଷ୍ଟ୍ରେଲିଆ ୨୦୦ ରନ ଅତିକ୍ରମ କରି ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍ ଧାର୍ଯ୍ୟ କରିବାରେ ସକ୍ଷମ ହୋଇଥିଲା। ଷ୍ଟାର୍କ ୧୩୬ ବଲ୍ ସାମ୍ନା କରି ୫ ଚୌକା ସହାୟତାରେ ୫୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ଏହା ସର୍ବାଧିକ ସ୍କୋର ବିବେଚିତ ହୋଇଛି। ୧୦ମ ୱିକେଟ୍ ଭାଗୀଦାରିରେ ସେ ଜୋଶ୍ ହାଜଲେଉଡ୍ (୧୭ ରନ)ଙ୍କ ସହ ମିଶି ୫୯ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ନାଥନ ଲାୟନ ୨, ଆଲେକ୍ସ କେରୀ ୪୩, ମାର୍ନସ ଲାବୁସେନ ୨୨, ଷ୍ଟିଭେନ ସ୍ମିଥ ୧୩, ଟ୍ରାଭିସ ହେଡ୍ ଓ ବିଉ ୱେବଷ୍ଟର ୯ ରନ ଲେଖାଏ କରିଥିଲେ। ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା ସବୁଠୁ ସଫଳ ବୋଲର ଭାବେ ୪ଟି ଓ ଲୁନଗି ଏନ୍‌ଗିଡି ୩ଟି ୱିକେଟ୍ ନେଇଥିଲେ। ପ୍ରଥମ ପାଳିରେ ୫ ୱିକେଟ୍ ସଫଳତା ପାଇଥିବା ରାବାଡା ଏଥିସହ ମ୍ୟାଚରେ ୯ ୱିକେଟ୍ ହାସଲ କରିଛନ୍ତି। ପୂର୍ବରୁ ଦୁଇ ଦଳର ଖେଳାଳି ଅହମ୍ମଦାବାଦ୍ ବିମାନ ଦୁର୍ଘଟଣା ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ହାତରେ କଳାପଟି ବାନ୍ଧିଥିଲେ।

**● ୨୭ ବର୍ଷ ତଳେ ଆଇସିସି ଟ୍ରଫି ଜିତିଥିଲା ଆଫ୍ରିକା**

ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଇତିହାସରେ ଥରେ ମାତ୍ର ଆଇସିସି ଟ୍ରଫି ଜିତିବାରେ ସକ୍ଷମ ହୋଇଛି। ୧୯୯୮ରେ ଅନୁଷ୍ଠିତ ଆଇସିସି ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସଂସ୍କରଣରେ ଦକ୍ଷିଣ ଆଫ୍ରିକା ୪ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏହା ମଧ୍ୟରେ ଦକ୍ଷିଣ ଆଫ୍ରିକା ଏକାଧିକ ଆଇସିସି ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ୍‌ରେ ପ୍ରବେଶ କରିଥିଲେ ମଧ୍ୟ ଟ୍ରଫି ଜିତିପାରି ନାହିଁ। ୧୯୯୮ ପରଠାରୁ ଦକ୍ଷିଣ ଆଫ୍ରିକା ୫ଥର ଆଇସିସି ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲ, ୪ଥର ଆଇସିସି ଦିନିକିଆ ବିଶ୍ୱକପ୍ ସେମିଫାଇନାଲ ଓ ଗତ ବର୍ଷ ଟି-୨୦ ବିଶ୍ୱକପ୍ ଫାଇନାଲରେ ପରାସ୍ତ ହୋଇଛି।

**ଭାରତର ଟେଷ୍ଟ ପ୍ରସ୍ତୁତିରେ ବାଧା**

## ସ୍ୱଦେଶ ଫେରିଲେ ହେଡ୍ କୋଚ୍ ଗମ୍ଭୀର



**କେଣ୍ଟ, ୧୩।୬ (ଏଜେନ୍ସି):** ଇଂଲଣ୍ଡ ସହ ଜୁନ୍ ୨୦ରୁ ଆରମ୍ଭ ହେବ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍। ଏହି ସିରିଜ୍ ଲାଗି ପ୍ରସ୍ତୁତି ହେବା ସକାଶେ ଭାରତ ଘରୋଇ ଦେଶର କୌଣସି ଟିମ୍ ସହ ଅଭ୍ୟାସ ମ୍ୟାଚ୍ ଖେଳିନାହିଁ। ବରଂ ଇଂଲଣ୍ଡ ଗସ୍ତରେ ଥିବା ଭାରତ-ଏ' ଖେଳାଳିଙ୍କ ସହ ମିଶି ଏକ ୪ ଦିନିଆ ଅଭ୍ୟାସ୍ ମ୍ୟାଚ୍ ଖେଳିବାକୁ ପସନ୍ଦ କରିଛି। ଏହି ମ୍ୟାଚ୍‌ଟି ଏଠାରେ ଆଜିଠାରୁ ଆରମ୍ଭ ହୋଇଛି। ଭାରତୀୟ ଦଳର ଖେଳାଳିମାନେ ଅହମ୍ମଦାବାଦ୍ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଜଣାଇ ବାହୁରେ କଳାପଟି ବାନ୍ଧି ଖେଳିଥିଲେ। କିନ୍ତୁ ଖେଳ ଅଧାରୁ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର ସ୍ୱଦେଶ ଫେରିଆସିଛନ୍ତି। ସ୍ୱଦେଶ ଫେରିବାର କାରଣ ହେଲା ତାଙ୍କ ମା'ଙ୍କ ଦେହ ଅସୁସ୍ଥ। ତାଙ୍କ ଚିକିତ୍ସା ସମ୍ପର୍କରେ ବ୍ୟବସ୍ଥା କରିବା ପରେ ସେ ପୁଣି ଦଳ ସହ ଯୋଗଦେବେ। ତାଙ୍କ ଅନୁପସ୍ଥିତିରେ ସହକାରୀ କୋଚ୍ ର୍ୟାନ୍ ଟେନ୍ ଡୋଏସ୍କେଟ୍ ଦଳର କୋଚ୍ ଦାୟିତ୍ୱରେ ରହିବେ। ଗମ୍ଭୀରଙ୍କ ଅନୁପସ୍ଥିତିରେ ଟେଷ୍ଟ ଦଳର ପ୍ରସ୍ତୁତି ଯେ ବାଧା ପାଇଛି, ଏହା ନିଃସନ୍ଦେହରେ କୁହାଯାଇପାରେ। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଲା ଏହି ମ୍ୟାଚ୍‌ରେ ରିପୋର୍ଟିଂ କରିବାକୁ ଗଣମାଧ୍ୟମକୁ ବାରଣ କରିଛି। ଏହା ଫଳରେ ମ୍ୟାଚ୍ ସମ୍ପର୍କରେ କେହି କିଛି ଜାଣିବାର ଅବକାଶ ହୋଇନାହିଁ। ଭାରତୀୟ ଟିମ୍ ନିଜ ରଣନୀତି ଅନ୍ୟମାନଙ୍କୁ ନ ଜଣାଇବାକୁ ହେଉ କିମ୍ବା ନିୟମିତ ମ୍ୟାଚ୍ ଖେଳିବାର ନ ଥିବାରୁ ବିସିସିଆଇ ଏହି ମ୍ୟାଚ୍‌କୁ ସର୍ବସାଧାରଣ କିମ୍ବା ଗଣମାଧ୍ୟମକୁ ସୂଚନା ଦେଇନାହିଁ। ଏଣୁ ଭାରତୀୟ ଟିମ୍ ଏହି ସିରିଜ୍‌କୁ କେତେ ଗୁରୁତ୍ୱ ଦେଉଛି ତାହା ଏଥିରୁ ପ୍ରମାଣିତ ହେଉଛି। ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ଏହି ମ୍ୟାଚ୍ ୩୬୦ ଓଭର ଖେଳାଯିବ। ଏଥିରେ ଜଣେ ଖେଳାଳିଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବ। ଯାହା ଫଳରେ ସେ ମ୍ୟାଚ୍‌ର ସ୍ଥିତି ଅନୁଯାୟୀ ନିଜକୁ ଖାପ୍ ଖୁଆଇପାରିବେ। ଏହିପରି ସମସ୍ତ ଖେଳାଳିଙ୍କୁ ସେମାନଙ୍କ ପୋଜିସନ ଓ ପ୍ଲେଇଂ ରୋଲ ଅନୁଯାୟୀ ପର୍ଯ୍ୟାପ୍ତ ସୁଯୋଗ ମିଳିବ। ବିଶେଷ କରି ଇଂଲଣ୍ଡର ଜଳବାୟୁ ଓ ପରିବେଶ ସହ ଖେଳକୁ କିପରି ଖାପ୍ ଖୁଆଇବେ ତାହା ଏହି ଅଭ୍ୟାସ ମ୍ୟାଚ୍‌ରେ ଗୁରୁତ୍ୱ ଦିଆଯାଇଛି।

**● ଭାରତ ବିପକ୍ଷ ଟି-୨୦ ସିରିଜ**

## ଇଂଲଣ୍ଡ ଦଳକୁ ଫେରିଲେ ସୋଫି



**ଲଣ୍ଡନ, ୧୩।୬ (ଏଜେନ୍ସି):** ଭାରତ ବିପକ୍ଷ ଆଗାମୀ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ଶୁକ୍ରବାର ଘରୋଇ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ସୋଫି ଇକଲେଷ୍ଟୋନ ସାମୟିକ ବିରତିରୁ ବାହାରି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ୨୬ ବର୍ଷୀୟା ସୋଫି ବିଶ୍ରାମ ନେଇଥିଲେ। ନାଟ୍ ସ୍କିଭର-ବ୍ରଣ୍ଟଙ୍କୁ ୧୪ ଜଣିଆ ଇଂଲଣ୍ଡ ଟି-୨୦ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଜୁନ ୨୮ରୁ ଆରମ୍ଭ ହେବ। ଟ୍ରେଣ୍ଟବ୍ରିଜରେ ପ୍ରଥମ ମ୍ୟାଚ୍ ଖେଳାଯିବ। ଏହାପରେ ଜୁଲାଇ ୧, ୪, ୯ ଓ ୧୨ରେ ପରବର୍ତ୍ତୀ ଚାରୋଟି ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ।

**ଘୋଷିତ ଇଂଲଣ୍ଡ ଦଳ**

ନାଟ୍ ସ୍କିଭର-ବ୍ରଣ୍ଟ (ଅଧିନାୟକ), ଏମ୍ ଆର୍ଲୋଟ, ଟାମି ବିଉମଣ୍ଟ, ଆମି ଜୋନ୍ସ (ଉଭୟ ୱିକେଟ୍‌କିପର), ଲୌରେନ ବେଲ୍, ଆଲିସେ କାପସୀ, ଚାର୍ଲି ଡିନ୍, ସୋଫି ଡଙ୍କଲୀ, ସୋଫି ଇକଲେଷ୍ଟୋନ, ଲୌରେନ ଫିଲର୍, ପାଇଗେ ସ୍କୋଫିଲ୍ଡ, ଲିନସୀ ସ୍ମିଥ, ଡାନି ୱାଟ ଓ ଇସି ୱଙ୍ଗ୍।

**ଆଜିଠୁ ଫିଫା କ୍ଲବ୍ ବିଶ୍ୱକପ୍**

## ଚାମ୍ପିଅନ ଦଳକୁ ମିଳିବ ୩୪୪.୫ କୋଟି



**ନ୍ୟୁୟର୍କ, ୧୩।୬ (ଏଜେନ୍ସି):** ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା 'ଫିଫା' ପକ୍ଷରୁ କ୍ଲବ ବିଶ୍ୱକପ୍ ଶନିବାରଠାରୁ ଆମେରିକାରେ ଆରମ୍ଭ ହେବାକୁ ଯାଉଛି। ଫିଫା କ୍ଲବ ବିଶ୍ୱକପ୍‌ର ଏହା ହେବ ୨୧ତମ ସଂସ୍କରଣ। ଜୁନ ୧୪ରୁ ଆରମ୍ଭ ହୋଇ ଜୁଲାଇ ୧୩ରେ ଉଦ୍‌ଯାପିତ ହେବାକୁ ଥିବା ବିଶ୍ୱ କ୍ଲବ ଫୁଟ୍‌ବଲର ଏହି ଅନ୍ୟତମ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟରେ ଏଥର ୩୨ ଗୋଟି ଦଳ ଟ୍ରଫି ପାଇଁ ମଇଦାନକୁ ଅବତୀର୍ଣ୍ଣ ହୋଇଛନ୍ତି। ୩୨ ଗୋଟି ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ମ୍ୟାଚ୍ ଖେଳାଯିବ। ଏହାପରେ ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ପ୍ରି-କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିବେ। ପ୍ରତି ୪ ବର୍ଷରେ ଆୟୋଜିତ ହେଉଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ଫିଫା ଏଥର ଆଖିଦୃଶିଆ ପୁରସ୍କାର ରାଶି ଘୋଷଣା କରିଛି। କ୍ଲବ ବିଶ୍ୱକପ୍‌ର ଏହି ସଂସ୍କରଣ ଲାଗି ମୋଟ୍ ୧ ବିଲିୟନ ଡଲାର ପୁରସ୍କାର ରାଶି ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୮ ହଜାର ୬୧୩ କୋଟି ୪ ଲକ୍ଷ ଟଙ୍କା ହେବ। ସେହିଭଳି ଚାମ୍ପିଅନ ଦଳକୁ ଆଖି ଝଲସିବା ଭଳି ପୁରସ୍କାର ରାଶି ପ୍ରଦାନ କରାଯିବ। ଏଥର କ୍ଲବ ବିଶ୍ୱକପ୍‌ରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୪୦ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୩୪୪ କୋଟି ୫୦ ଲକ୍ଷ ଟଙ୍କା) ଅର୍ଥରାଶି ଫିଫା ପକ୍ଷରୁ ଦିଆଯିବ। ସେହିଭଳି ରନର୍ସଅପ୍ ଦଳ ୨୫୮ କୋଟି ୩୯ ଲକ୍ଷ ଟଙ୍କା ପୁରସ୍କାର ପାଇବ।

**ଫିଫାର କ୍ଲବ୍ ବିଶ୍ୱକପ୍ ପୁରସ୍କାର ରାଶି**

| | |
|---|---|
| ଚାମ୍ପିଅନ | : ୩୪୪.୫ କୋଟି ଟଙ୍କା |
| ରନର୍ସଅପ୍ | : ୨୫୮.୪ କୋଟି |
| ସେମିରେ ପରାଜିତ ଦଳ | : ୧୮୦.୮ କୋଟି |
| କ୍ୱାର୍ଟରରେ ପରାଜିତ ଦଳ | : ୧୧୩ କୋଟି |
| ରାଉଣ୍ଡ-୧୬ରେ ପରାଜିତ ଦଳ | : ୬୪.୬ କୋଟି |
| ଗ୍ରୁପ୍‌ରେ ପ୍ରତି ବିଜୟ ଲାଗି | : ୧୭ କୋଟି ୨୨ ଲକ୍ଷ |
| ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଡ୍ର ଲାଗି | : ୮ କୋଟି ୬୧ ଲକ୍ଷ |

## ସର୍ବଭାରତୀୟ ଏ ଗ୍ରେଡ୍ କବାଡ଼ି ଉଦ୍‌ଘାଟିତ




**ରସୁଲପୁର, ୧୩।୬ (ସମିସ)**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ଖଣ୍ଡିତରଠାରେ ସର୍ବଭାରତୀୟ ଏ-ଗ୍ରେଡ୍ ଦିବାରାତ୍ର ପୁରୁଷ ଓ ମହିଳା କବାଡ଼ି ଟୁର୍ଣ୍ଣାମେଣ୍ଟ ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ୭୦ତମ କବାଡ଼ି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଯାଜପୁର କବାଡ଼ି ଆସୋସିଏସନ ଦ୍ୱାରା ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ଜେକେଏର ସଭାପତି ପ୍ରଦୀପ କୁମାର ସେଠୀ ସଭାପତିତ୍ୱ କରିଥିଲେ। ସଂପାଦକ ଅଧ୍ୟାପକ ସମରେନ୍ଦ୍ର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଫାଲଗୁନି ବିଭୁକଲ୍ୟାଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅଭୟ କୁମାର ମହାନ୍ତି, ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ତିଆଡ଼ି, ଉପଦେଷ୍ଟା ରବୀନ୍ଦ୍ର କୁମାର ପୃଷ୍ଟି, କୃଷ୍ଣକାନ୍ତ ପଣ୍ଡା, ହେମନ୍ତ କୁମାର କର ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଖେଳାଳିମାନଙ୍କ ଶପଥ ଗ୍ରହଣ ପରେ ଅନୁଷ୍ଠାନିକ ଭାବରେ ୭୦ତମ ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଥିଲା। ପୁରୁଷ ବିଭାଗର ପ୍ରଥମ ମ୍ୟାଚ୍ ଛତିଶଗଡ଼ର ବିଳାଶପୁର ଓ ବାରଙ୍ଗର ରେନ୍‌ବୋ କ୍ଲବ୍ ମଧ୍ୟରେ ୧ନଂ କୋର୍ଟରେ ଅନୁଷ୍ଠିତ ହୋଇଥିଲା। ମୁକେଶ କୁମାର ସାହୁ ରେଫରୀ ଏବଂ କେ. ମାଧବ ରାଓ ଓ ପ୍ରକାଶ କୁମାର ସାହୁ ପ୍ରଥମ ମ୍ୟାଚ୍ ପରିଚାଳନା କରିଥିଲେ।

**■ ଜାତୀୟ କରାଟେ ପ୍ରତିଯୋଗିତା**

## ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୭ ପଦକ

**ଭୁବନେଶ୍ୱର, ୧୩।୬ (ସମିସ):** ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିନ ସୁଦ୍ଧା ଓଡ଼ିଶାର ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୫ କାଂସ୍ୟ ପଦକ ସହ ମୋଟ ୭ଟି ପଦକ ବିଜୟୀ ହୋଇଛି। ବିଶ୍ୱ କରାଟେ ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାର ଯୁବ ୭୦ କିଲୋ ଫାଇଟିଂ ଶ୍ରେଣୀରେ ଅଂଶୁମାନ ଆଚାର୍ଯ୍ୟ ଓ ୭୬ କିଲୋରୁ ଉର୍ଦ୍ଧ୍ୱ ଶ୍ରେଣୀ ଫାଇଟିଂରେ ଦିବ୍ୟପ୍ରସାଦ ନାୟକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଅନ୍ୟ ପଦକ ବିଜେତାଙ୍କ ମଧ୍ୟରେ ସୁଶ୍ରୀ ଅଲିଶା ସୁବୁଦ୍ଧି, ଓମ୍ ସତ୍ୟମ ମହାନ୍ତି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଦଳ ଲାଗି ୫ଟି କାଂସ୍ୟ ପଦକ ଜିତିଥିବା କରାଟେକାମାନେ ହେଲେ ତପସ୍ୱିନୀ ନାୟକ, ସୁପ୍ରିୟା ମହାନ୍ତି, ଆର୍ଯ୍ୟବ୍ରତ ବିଶ୍ୱାଳ ଏକକରେ କାଂସ୍ୟ ପଦକ ହାସଲ କରିଛନ୍ତି। ଦଳଗି ବିଭାଗରେ ମଧ୍ୟ ଦଳକୁ ଆଉ ୨ଟି କାଂସ୍ୟ ପଦକ ମିଳିଛି। ତାହା ମଧ୍ୟରୁ କନିଷ୍ଠ ବାଳକ ଦଳଗତ କାଟାରେ ଶୁଭମ ଦାଶ, ଦୋଳଗୋବିନ୍ଦ ବେହେରା, ରୀତେଶ ପାତ୍ର ଓ ଅଂଶୁମାନ ମିଶ୍ର କାଂସ୍ୟ ପଦକ ଜିତିଥିଲେ।

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

## ଅନୁଗୋଳ ଓ କେନ୍ଦ୍ରାପଡ଼ା ବିଜୟୀ

**କଟକ, ୧୩।୬ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଅନୁଗୋଳ ଏବଂ କେନ୍ଦ୍ରାପଡ଼ା ବିଜୟୀ ହୋଇଛନ୍ତି।

ରେଭେନ୍ସା ଗ୍ରାଉଣ୍ଡ-୧ରେ କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜଗତସିଂହପୁର ୧୦୨ ରନରେ ଅଲଆଉଟ ହୋଇଥିଲା। ଅରବିନ୍ଦ ମୁଦୁଲି ସର୍ବାଧିକ ୨୭ ରନ କରିଥିଲେ। କେନ୍ଦ୍ରାପଡ଼ାର ଗୋବିନ୍ଦ ପଟ୍ଟନାୟକ ୧୨ରନ ବିନିମୟରେ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ୧୬.୫ ଓଭରରେ ୪ ୱିକେଟ ହରାଇ କେନ୍ଦ୍ରାପଡ଼ା ବିଜୟ ଲକ୍ଷ୍ୟ ହାସଲ କରିଛି। ଗୋବିନ୍ଦ ଅପରାଜିତ ୧୫ ରନ ସହ ଅଲରାଉଣ୍ଡ ପ୍ରଦର୍ଶନ କରି ଦଳକୁ ଜିତାଇଥିଲେ। ସେହିଭଳି ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଗୋଳ ୮ ରନରେ ଦେବଗଡ଼କୁ ହରାଇଥିଲା। ଅନୁଗୋଳର ଇନିଂସ ୧୦୪ ରନରେ ସୀମିତ ରହିଥିଲା। ହର୍ଷ କୁମାର ସର୍ବାଧିକ ୨୫ ରନ କରିଥିବାବେଳେ ଦେବଗଡ଼ ତରଫରୁ ଶୁଭମ ଦାସ ୩ଟି ୱିକେଟ ନେଇଥିଲେ। ୧୦୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଦେବଗଡ଼ ୯୬ ରନରେ ଅଲଆଉଟ ହୋଇଥିଲା। ଅନୁଗୋଳର ସତ୍ୟ ବେହେରା ୧୩ ରନ ବ୍ୟୟ କରି ୩ଟି ୱିକେଟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।



ଗୋବିନ୍ଦ ପଟ୍ଟନାୟକ



ସତ୍ୟ ବେହେରା

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS